ISSN No. : 2583-147X (P)

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

PRACHEE

The Official Journal of
Prachee Centre for Cultural Relations

ମଇ ୨୦୨୪
ମୂଲ୍ୟ : ୨୫ ଟଙ୍କା



ମୁଖ୍ୟ ଉପଦେଷ୍ଟା
କବି ଜୟନ୍ତ ମହାପାତ୍ର

ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଦଶମ ବର୍ଷର ଦ୍ୱିତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

ଓ 'ପ୍ରାଚୀ'ର କଲମ ଛ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ....
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ ....
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି ....
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ....
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ....
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା ....
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ....
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ....
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ....
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକିଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

Vol.- 10, May 2024, Issue No. II
ISSN NO. 2583-147X (P)
RNI No. : ODIODI/2015/64435
P.R. No. : CK(C)/96/2022-2024

ଉପଦେଷ୍ଟା ମଣ୍ଡଳୀ
ଡକ୍ଟର ପାବକ କାନୁନ୍‌ଗୋ
ଡକ୍ଟର ମନ୍ଦାକିନୀ ଦାସ
ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ
ସମୀକ୍ଷକ ମଣ୍ଡଳୀ
ପ୍ରଫେସର ବୈଷ୍ଣବ ଚରଣ ସାମଲ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
ପ୍ରଫେସର ଆଦିକନ୍ଦ ସାହୁ
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ପ୍ରଫେସର ମଣୀନ୍ଦ୍ର କୁମାର ମେହେର
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
ପ୍ରଫେସର ଶରତ କୁମାର ପଲିତା
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ସଂପାଦକ
ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସଂପାଦନା ମଣ୍ଡଳୀ
ଡକ୍ଟର ନାରାୟଣ ମହାନ୍ତି-
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
ଡକ୍ଟର ଆଦିତ୍ୟ ପ୍ରତାପ ଧଳ
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ପ୍ରଫେସର ଅଞ୍ଜୁମନ ଆରା
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଡକ୍ଟର ଆଲୋକ ବରାଳ
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ଡକ୍ଟର ନେତାଜୀ ଅଭିନନ୍ଦନ
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
ଡକ୍ଟର ଦିପକ କୁମାର ଦାଶ
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
ଡକ୍ଟର ନୀରୋଦ କୁମାର ମନ୍ତ୍ରୀ
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
ଡକ୍ଟର ବିଦ୍ୟୁତପ୍ରଭା ରାଉତ
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସେମିଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
ଡକ୍ଟର ସୁମନ୍ତ ସ୍ୱାଇଁ
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
ଡକ୍ଟର ମମତା ଖଣ୍ଡାୟତରାୟ
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
ପ୍ରଶାନ୍ତି ସାଇଁ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ଅବିନାଶ ଦାଶ
ବିତରଣ ଅଧିକାରୀ :
ରାଜେନ୍ଦ୍ର ବାରିକ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ଏଇ ସଂଖ୍ୟାରେ...

‘ନାମ-ମାହାତ୍ମ୍ୟ’ ଓ ‘ସୂକ୍ଷ୍ମ ବିଚାର’ ନାଟକର ଏକ ତୁଳନାତ୍ମକ ବିଚାର
– ଡକ୍ଟର ପ୍ରମିଳା ପାଟ୍ଟଲିଆ ୦୭

ତତ୍କାଳୀନ ପତ୍ରପତ୍ରିକା ଓ ସରକାରୀ କାଗଜପତ୍ରରୁ ମହିମାସ୍ୱାମୀଙ୍କ ପରିଚୟ
– ଡ. ରାଜା କୁମାର ନାୟକ ୧୨

ଅସ୍ତିତ୍ୱବାଦୀ ଚିନ୍ତନର ସଫଳ ଚିନ୍ତାନାୟକ ଗାଳ୍ପିକ ରବି ପଟ୍ଟନାୟକ
– ଡକ୍ଟର ସ୍ୱପ୍ନାରାଣୀ ସିଂହ ୧୬

ଓଡ଼ିଆ ତାଳପତ୍ର ପୋଥିରେ ‘ଚିତ୍ରପୋଥି’ ଏକ ଉପାଦାନ
– ଅପରାଜିତା ମହାରଣା ୨୫

ପ୍ରାଗ୍‌ଭଞ୍ଜୀୟ ଅନୂଦିତ କାବ୍ୟ
– ଡକ୍ଟର ସତ୍ୟଜିତ ଦାସ ୩୨

ଭାରତୀୟ ଜ୍ଞାନ ପରମ୍ପରାରେ ‘ବ୍ରହ୍ମ’ ବିଚାର
– ଡକ୍ଟର ଚିତ୍ତରଞ୍ଜନ କୁଣ୍ଡୁ ୩୬

ଆତ୍ମ-ସଚେତନ ମୂଳକ ଉପନ୍ୟାସ ‘ଇତର’
– ଅଶୋକ କୁମାର ନାଏକ ୩୯

ଉତ୍ତର ଅଶୀ ଓଡ଼ିଆ କବିତାରେ ଜଗତୀକରଣ ପ୍ରଭାବ
– ମନୋଜ କୁମାର ବେହେରା ୪୪

PRACHEE MONTHLY ADVT. TARIFF

Back Cover (Colour)
Rs. 20,000/-

2nd Inner Cover (Colour)
Rs. 10,000/-

3rd Inner Cover (Colour)
Rs. 10,000/-

Ordinary Colour Page
Rs. 5000/-

Black & White (News Print)
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

For Space booking please contact The Advertising Manager
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଛିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!

କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ

ଶ୍ରୀମତୀ/ଶ୍ରୀ ....

ଠିକଣା .... ପିନ୍‌କୋର୍ଡ଼ ....

ମୋବାଇଲ୍ ନମ୍ବର .... ଇ-ମେଲ୍ ....

ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)

ଚେକ୍ ନମ୍ବର.. ତାରିଖ...................................

ବ୍ୟାଙ୍କ୍.. ସ୍ଥାନ...

ତାରିଖ....................................... ଦସ୍ତଖତ...

ବାସ୍ତବତାର ପରିପ୍ରକାଶ "ପ୍ରାଚୀ"

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X (P), Vol.- 10, Issue No.II, May 2024
Bastabatara Pariprakash Prachee
Peer Reviewed and Referred Research Journal

'ନାମ-ମାହାତ୍ମ୍ୟ' ଓ 'ସୂକ୍ଷ୍ମ ବିଚାର' ନାଟକର ଏକ ତୁଳନାତ୍ମକ ବିଚାର

ଡକ୍ଟର ପ୍ରମିଳା ପାଟୁଳିଆ

'ନାମ-ମାହାତ୍ମ୍ୟ' ନାଟକଟି ଶ୍ରୀ ଗୋପାଳ ଛୋଟରାୟଙ୍କ ରଚନା । ଏହି ନାଟକଟି ହାସ୍ୟାରସର ନାଟକ ସଂକଳନର ଅନ୍ତର୍ଭୁକ୍ତ ଏବଂ ଏହି ସଂକଳନରେ ସ୍ଥାନିତ ଅନ୍ୟ ହାସ୍ୟରସାତ୍ମକ ନାଟକଗୁଡ଼ିକ ହେଲା, ଯଥା- ବନନାସିକା, ଶେଷପର୍ଯ୍ୟନ୍ତ, ଜାଲ, ଦେଖାଦେଖି, କରୁଣାନିଧି, ମକଦ୍ଦମା, ବେଣୀବନ୍ଧନୀ, ମହିଳା ମଧ୍ୟବୟସ୍କା, ଡାକ୍ତର ଜ୍ୱାଇଁ । ଏହି ସଂକଳନଟି ୧୯୮୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ । ନାଟ୍ୟକାର ନାଟକର ମୁଖବନ୍ଧରେ ଉଲ୍ଲେଖ କରିଛନ୍ତି- ଓଡ଼ିଆ ନାଟ୍ୟସାହିତ୍ୟ ଓ ହାସ୍ୟରସାତ୍ମକ ନାଟକ- ଏ ଦୁଇ କଥାକୁ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏହା ସ୍ପଷ୍ଟ ପ୍ରତିପାଦିତ ହେବ ଯେ, ହାସ୍ୟରସାତ୍ମକ ନାଟ୍ୟ ରଚନା ଏକ ସୁଖପ୍ରଦ ପରୀକ୍ଷାଧର୍ମୀ ପ୍ରଚେଷ୍ଟା । ଏହାର ପ୍ରଥମ ପ୍ରକାଶ କାଳ ୧୯୮୧ ମସିହା ।

ଏହି ନାଟକର ମୁଖ୍ୟ ଚରିତ୍ର ଭାବରେ ସୁଧାକର ଯିଏ ପ୍ରାୟ କୋଡ଼ିଏ ବର୍ଷ ବୟସ୍କ, ସୁଦର୍ଶନ କିନ୍ତୁ ସ୍ୱଳ୍ପ ଶିକ୍ଷିତ ସାଧାରଣ ଯୁବକ । ଈଷତ୍ ଭାବପ୍ରବଣ ସୁଧାକର ଏ ନାଟକରେ ଗ୍ରାମରୁ ସହରକୁ ଚାକିରୀ ଉଦ୍ଦେଶ୍ୟରେ ଆସି ନବଘନ ଘରେ ଭଡ଼ାରେ ଅଛି । ତାଙ୍କ ପୁଅ ଶରତ ଜଣେ ସରକାରୀ ଅଫିସର । ସୁଧାକର ପଡ଼ୋଶୀ ଭାବରେ ଗୋପୀନାଥ, ତା' ସ୍ତ୍ରୀ ରମା ଓ ଛବି ଚରିତ୍ର ଅବତୀର୍ଣ୍ଣ । ଛବି, ସାଧାରଣ ଗୃହସ୍ଥ ଘରର ସପ୍ତଦଶୀ ଅବିବାହିତ ଝିଅ । ସୁଧାକରର ଚାକିରୀ ପରେ ଉଭୟଙ୍କ ମଧ୍ୟରେ ବିବାହ ହେବା କଥା ସ୍ଥିର ହୋଇଛି । ଏ ନାଟକର ଅନ୍ୟ ଚରିତ୍ରମାନେ ହେଲେ ଫେରିବାଲା ଓ କାମକଳା । କାମକଳା, ବୟସ୍କା ପରିଚାରିକା, ଯାହାର କଥା ଓ ହସରେ ଘର ଭାଙ୍ଗି ପଡ଼େ ।

ସେହିପରି 'ସୂକ୍ଷ୍ମ ବିଚାର' ନାଟକଟିର ରଚୟିତା ହେଉଛନ୍ତି ରବୀନ୍ଦ୍ରନାଥ ଠାକୁର । ଏହା ଏକ ହାସ୍ୟକୌତୁକଧର୍ମୀ ନାଟକ । ଏହାର ପ୍ରଥମ ପ୍ରକାଶ କାଳ ବୈଶାଖ ୧୮୮୭ ଖ୍ରୀଷ୍ଟାବ୍ଦ । ଏହି ଧରଣର ତାଙ୍କର ଅନ୍ୟାନ୍ୟ ନାଟକଗୁଡ଼ିକ ହେଲା- ରୋଗର ଚିକିତ୍ସା, ରୋଗୀର ବନ୍ଧୁ, ରସିକ, ଭାବ ଓ ଅଭାବ, ପେଟେ ଓ ପିଠେ, ଛାତ୍ରେର ପରୀକ୍ଷା, ଚିନ୍ତାଶୀଳ, ଗୁରୁବାକ୍ୟ ଓ ଖ୍ୟାତିର ବିଡ଼ମ୍ବନା । ଦୁଇଟି ମାତ୍ର ଚରିତ୍ରକୁ ନେଇ ନାଟକଟି ଗତିଶୀଳ । ସେମାନେ ଚଣ୍ଡୀଚରଣ ଓ କେବଲରାମ । ଚଣ୍ଡୀଚରଣ ମଉସା ଭୂମିକାରେ ଅବତୀର୍ଣ୍ଣ, ଯିଏ କେବଲରାମର ଜଟିଳ ପ୍ରଶ୍ନକୁ ସୂକ୍ଷ୍ମ ଭାବରେ ବିଚାର କରି କେବଲରାକୁ ବୁଝାଇବାରେ ସମର୍ଥ ହୋଇଛନ୍ତି । ପ୍ରଶ୍ନଟି ହେଲା କେବଲରାମର ଚଣ୍ଡୀଚରଣ ପ୍ରତି-

କେବଲରାମ- ମଉସା ଭଲ ଅଛନ୍ତି ? ଏହି ଗୋଟିଏ ପ୍ରଶ୍ନ ୪ ପୃଷ୍ଠାରେ ମୀମାଂସା ଶେଷ ହୋଇଛି । ଏହି ନାଟକରେ ଚଣ୍ଡୀଚରଣ ମଉସାଙ୍କ ଭୂମିକା ଥିଲା ବେଶି ଗୁରୁତ୍ୱପୂର୍ଣ୍ଣ ।

ଏହି ଦୁଇ ନାଟକରେ ସମବୟସ୍କା ଦୁଇଟି ବିପରୀତ ଚରିତ୍ର ଦେଖିବାକୁ ମିଳିଥାଏ । ଏହି ଦୁଇ ଚରିତ୍ର ହେଲେ 'କାମକଳା' ଓ 'ଚଣ୍ଡୀଚରଣ' । 'ନାମ- ମାହାତ୍ମ୍ୟ' ନାଟକର ଚରିତ୍ର କାମକଳା ନାମଟି 'ଅନୁରାଗ' ଅର୍ଥରେ ବ୍ୟବହୃତ ହୋଇଛି । କାମକଳା ହେଉଛି ଭଞ୍ଜ ନାୟିକା । ନାଟକରେ ଏହି ନାମଟି ପ୍ରଥମେ ସୁଧାକରକୁ ଭାବ ବିହ୍ୱଳ କରିଛି ପାଲାଗାୟକର ଛାନ୍ଦଗୀତ ମାଧ୍ୟମରେ । ନାଟକର ଶେଷ ପର୍ଯ୍ୟାୟରେ ରୂପଗୁଣର କାମକଳା ହୋଇ ସଚେତନତା ସୃଷ୍ଟି କରିପାରିଛି । ଶେଷରେ କାମକଳା ଚରିତ୍ରଟି ଭଞ୍ଜନଗରର ବୟସ୍କା ପରିଚାରିକା ଭାବେ ଚିତ୍ରିତ ।

ଯାହାର କଥାରେ ଝଣଝଣ କଂସାପିଟା ଶବ୍ଦ ଓ ଖୁନ୍ଦା ମାଡ଼ର ପ୍ରଭାବ ନାଟକଟିକୁ ବେଶ୍ ସରସ ସୁନ୍ଦର କରିପାରିଛି । ପରିଶେଷରେ ସୁଧାକର ମନରେ ଛବି ପ୍ରତି ଆଦର ବା ଅନୁରାଗ ସୃଷ୍ଟିରେ କାମକଳାର ମଧୁର ହସ ନାଟକଟିକୁ ମିଳନାତ୍ମକ କରିପାରିଛି ।

ସେହିପରି ରବୀନ୍ଦ୍ରନାଥ ଠାକୁରଙ୍କ 'ସୂକ୍ଷବିଚାର' ନାଟକର ମୁଖ୍ୟ ଚରିତ୍ର ହେଉଛନ୍ତି 'ଚଣ୍ଡୀଚରଣ' । ସେ ଏହି ନାଟକରେ କେବୋଲରାମର ମଉସା ଭାବେ ଅବତୀର୍ଣ୍ଣ । ନାଟକଟିରେ ବୟସ୍କ ଦୃଷ୍ଟିରୁ ଏହି ଦୁଇ ଚରିତ୍ର ବିପରୀତମୁଖୀ । ନାଟକରେ ଚଣ୍ଡୀଚରଣ ନାମ କହିଲେ ବୁଝାଏ, "ଗୋଟିଏ ମଣିଷ ମଧ୍ୟରେ, ଗୋଟିଏ ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣ ମଣିଷ ବିଶେଷ ମଧରେ, ଗୋଟିଏ ପୂର୍ଣ୍ଣପରିଣତ ମଣିଷ ମଧ୍ୟରେ ତାର ଜନ୍ମକାଳରୁ ଆଜି ପର୍ଯ୍ୟନ୍ତ ଯେଉଁ ସକଳ ପରିବର୍ତ୍ତନ ଅହରହ ସଂଘଟିତ ହେଉଛି ଏବଂ ମୃତ୍ୟୁକାଳ ପର୍ଯ୍ୟନ୍ତ ହେବାର ସମ୍ଭାବନା ଅଛି, ସେହି ପରିବର୍ତ୍ତନ ଓ ପରିବର୍ତ୍ତନ ସମ୍ଭାବନାର କେନ୍ଦ୍ରସ୍ଥଳରେ ଯେଉଁ ଗୋଟିଏ ସଜ୍ଞାନ ଐକ୍ୟ ବିରାଜି କହୁଛି ତାକୁ ଗୋଟିଏ ଦଳ ଲୋକ ଅର୍ଥାତ୍ ସେହି ଲୋକମାନଙ୍କର ସଜ୍ଞାନ ଐକ୍ୟ ଚଣ୍ଡୀଚରଣ ନାମରେ ନିର୍ଦ୍ଦେଶ କରନ୍ତି ।" ଏହି ନାଟକର ପ୍ରାରମ୍ଭରେ ଚଣ୍ଡୀଚରଣ ମଉସାକୁ କେମିତି ଅଛନ୍ତି ଜାଣିବାକୁ କେବୋଲରାମ ତାଙ୍କୁ ଜିଜ୍ଞାସା କରିଛି, "ମଉସା ଭଲ ଅଛନ୍ତି ?" ଏହା ଏକ ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନ ହୋଇଥିବାରୁ ସେତେବେଳେ ଚଣ୍ଡୀଚରଣ ମଉସା ଏ ପ୍ରଶ୍ନର କୌଣସି ଉତ୍ତର ନଦେଇ କେବୋଲରାମକୁ ଜିଜ୍ଞାସା କରନ୍ତି, 'ଭଲ ଅଛନ୍ତି ମାନେ କ'ଣ ?' । କେବୋଲରାମର ଏ ପ୍ରଶ୍ନଟି ନିର୍ଦ୍ଦିଷ୍ଟ ନଥିବାରୁ ଚଣ୍ଡୀଚରଣ ତାକୁ ବାରମ୍ବାର ବିଭିନ୍ନ ପ୍ରଶ୍ନ ପଚାରି ବୁଝାଉଥାନ୍ତି ଯେ, 'ଭଲ ଅଛନ୍ତି' ପଚାରିବା ଠିକ୍ ନୁହେଁ । ଏଠାରେ ଚଣ୍ଡୀଚରଣଙ୍କର କହିବା ଅନୁସାରେ 'ମୁଁ କେମିତି ଅଛି ?' ଆଉ 'ମୋ ଶରୀର କେମିତି ଅଛି ?' ଏହା ସମାନ ନୁହେଁ । ତେଣୁ ଏହି ପ୍ରଶ୍ନ ଦୁଇଟିକୁ ନିର୍ଦ୍ଦିଷ୍ଟ କରି ବୁଝାଇବାକୁ ଯାଇ କେବୋଲରାମ ବହୁ ପ୍ରଶ୍ନରେ ଜର୍ଜରିତ ହୋଇଛି । ତେଣୁ ଏହି ନାଟକରେ ନିର୍ଦ୍ଦେଶ କରାଯାଇଛି ଯେ କୌଣସି ପ୍ରଶ୍ନ ପଚାରିବା ସମୟରେ ସଚେତନ ହୋଇ ସୂକ୍ଷ୍ମ ଭାବରେ ବିଚାର କରି ପଚାରିବାକୁ ଚଣ୍ଡୀଚରଣ ମାଧମରେ କୁହାଯାଇଛି । ନାଟକଟି ହାସ୍ୟକୌତୁକ ଶୈଳୀରେ ରଚିତ ହୋଇ ସାଧାରଣ ଜୀବନରେ ପ୍ରତିଫଳିତ ହୋଇଆସୁଥିବା ଭୁଲକୁ ସୂକ୍ଷ୍ମଭାବରେ ବିଚାର କରି ଦର୍ଶାଇବା ସହ ଉତ୍କଣ୍ଠା ସୃଷ୍ଟି କରିବାରେ ଯଥେଷ୍ଟ ସଫଳ ହୋଇପାରିଛି ।

'ନାମ- ମାହାତ୍ମ୍ୟ' ନାଟକରେ ସୁଧାକର କାଠଗଡ଼ା ସାହି ବାଦିପାଲା ଦେଖିବାକୁ ପାଇଥିଲା । ବାଦୀପାଲା ଗାୟକ ମହାଶୟ ଘଣ୍ଟାଘଣ୍ଟା ଧରି ଶହଶହ ଉପମା ଦେଇ ନାୟିକାର ରୂପଗୁଣ ଅନର୍ଗଳ ବୁଝାଉଥିଲେ ହେଲେ ସେସବୁ ସୁଧାକରର ଏ କାନରେ ପଶି ସେ କାନରେ ବାହାରିଗଲା । ଛାତି ଭିତରେ ଅଟକି ରହିଲା ସେଇ ଗୋଟିଏ କଥା- ଗୋଟିଏ ପଦ- ଗୋଟିଏ ନାଁ କାମକଳା । ମହାଶୟଙ୍କ କଣ୍ଠରୁ ଶୁଣିଥିବା ଛାନ୍ଦ ଗୀତ ପଦକୁ ଛଡ଼ାଇ ଆଣି ପଡ଼ୋଶୀଙ୍କ ସାମ୍ନାରେ ସାଧାରଣ ସ୍ୱରରେ ଗାଇଛି-

"କାମକଳା ବଳା ଶବଦେ ଚମକି ଉଠିଲା ବାରୁଣୀ କଟକ
ନଗ୍ରଜନେ କ୍ଷଣେ ଅଟକି ରହିଲେ ଦେଖି ସେ ବାଳାର ଛଟକ
କୁସୁମ, ମାଳା ସେ ଦେଇଛି ଲମ୍ବାଇ,
ମାଳା ଛଳେ କାମଦେବ ସତେ କି ବା
ବାଳିକା ଅଧର ଚୁମ୍ବଇ । ।"[୧]

ଏ 'କାମକଳା' ହେଉଛି ଭଞ୍ଜନାୟିକା । ଏହି କାମକଳା ନାଁଟି ପ୍ରତି ଏତେ ରସିକ ହୋଇଛି ଯେ ଛବି ନାଁଟିକୁ ହତାଦର କରିଛି । ରସିକ ସୁଧାକର କାମକଳା ନାଁକୁ ନେଇ କହିଛି- ହଁ ଗୋପୀ ଭାଇ, ଯାହା କିଛି ମାହାତ୍ମ୍ୟ, ତା କେବଳ ଏଇ ନାଁଟି ପାଇଁ । ଏତେ ନାଁ ତ ଦୁନିଆଁରେ ଅଛି- ଛବି, ଶୋଭୀ, ଚମ୍ପା, କନକ- ହେଲେ ଚଟ୍‌କରି ମନକୁ ଦୋହଲାଇ ଦେଲା ଭଳି ନାଁ ହେଲା- ଏଇ କାମକଳା ! ମୁଁ ତ ଭାବୁଛି, ଗାୟକ ମହାଶୟ ନାଚି, କୁଦି, ଚଅଁର ହଲେଇ ପଦେ ଛାନ୍ଦରୁ ଏତେ ଅର୍ଥ- ଅନର୍ଥ ବାହାର ନକରି, 'କାମକଳା'- କେବଳ ଏଇ ନାଁଟି କହି ଦେଇଥିଲେ- "ନଗ୍ରଜନେ କ୍ଷଣେ ଅଟକି ରହିଲା ପରି" ମୋ ପରି ଶହଶହ ସଭାଜନଙ୍କ ଆଖିର ପଲକ- ହାତର ନାଡ଼ି- ନାକର ନିଶ୍ୱାସ ସବୁ ଅଟକି ଯାଇଥନ୍ତା !!... କି ନାଁ ରେ ! କାମକଳା!!![୨] ଏହି କାମକଳା ନାଁଟି ପାଇଁ ପ୍ରକୃତ ଅବସ୍ଥା ହରାଇ ବସିଛି ସୁଧାକର । ଗୋପୀ ଭାଇ ଆଉଥରେ କହି- ଅଭାଗା ସୁଧାକର କାନରେ ସୁଧା ବର୍ଷେଇ ଦିଅ । ଏ ଇହ ସଂସାରର ସବୁକିଛି ମୁଁ ଭୁଲିଯିବି ହେଲେ କାମକଳା ନାଁଟି ମୋର ସବୁବେଳେ ମନେ ରହିବ ।

ସୁଧାକର କାମକଳା ପାଇଁ ଭାବବିହ୍ୱଳ ହୋଇ ରହୁଥିବା ଅବସ୍ଥାକୁ ଦର୍ଶାଇବା ପାଇଁ ନାଟ୍ୟକାର କଟକ ସହରକୁ ଗ୍ରହଣ କରିଛନ୍ତି । ଯଥା- କଟକ ସହର । ଏକ ମହଲା କୋଠାଘରର ଅଭ୍ୟନ୍ତର ବା ଅଗଣା ଓ ତତ୍‌ସଂଲଗ୍ନ ବାରନ୍ଦା । ସମୟ ମଧ୍ୟାହ୍ନ । ...ବାରନ୍ଦାର ଖୁଣ୍ଟକୁ ଆଉଜି ବସିଛି ସୁଧାକର । ଭାବାବିଷ୍ଟ ଦୃଷ୍ଟି ଶୂନ୍ୟରେ ଆବଦ୍ଧ । ... ପାଖରେ ଠିଆ ହୋଇଛି ଛବି । ସୁଧାକର ଏ ଅବସ୍ଥା ଦେଖି ଟିକିଏ ଉଦ୍‌ବିଗ୍ନ ହୋଇ ପଡ଼ିଚି ସତ; ମାତ୍ର ସେଇ ସଙ୍ଗେ ସଙ୍ଗେ ସେ ଏ ପରିସ୍ଥିତିରୁ କିଛିଟା ଆମୋଦ ମଧ୍ୟ ଅନୁଭବ କରୁଛି ।

ନାଟ୍ୟକାର ସୁଧାକରର ଏ ଅବସ୍ଥାକୁ ଦେଖି ପ୍ରକୃତ ଅବସ୍ଥାକୁ ଆଣିବାକୁ ଭଞ୍ଜନଗରର ବୟସ୍କା ପରିଚାରିକା କାମକଳାକୁ ଗ୍ରହଣ କରିଛନ୍ତି । ସେ ନବଘନବାବୁଙ୍କ ପୁଅ ଶରତ ଘରେ ପରିଚାରିକା ଭାବେ କାମ କରନ୍ତି । ଶରତ କଟକ ବଦଳି ହୋଇ ଆସୁଥିବାରୁ ତାଙ୍କ ପିଲା ଛୁଆକୁ ଦେଖିବା ପାଇଁ ତାଙ୍କୁ ଅଣାଯାଇଛି । କାମକଳା ସୁଧାକରର ପରିଚୟ ପାଇଥିଲା ନବଘନବାବୁଙ୍କ ଠାରୁ, ପୁଣି ଭଞ୍ଜନଗରରୁ କାମକଳା ଆସୁଥିବାରୁ ଗୋପୀ ଭାଇ, ରମା ଅପା ସମସ୍ତେ ଚିନ୍ତିତ କାରଣ ସୁଧାକର କାମକଳା ପ୍ରତି ରସିକ ହେଲେ ପୁଣି ଛବି କଥା ଭୁଲିଯିବ । କିନ୍ତୁ ତାହା ହୋଇନାହିଁ ବରଂ ସୁଧାକରକୁ ଠିକ ରାସ୍ତାକୁ ଆଣିଛନ୍ତି କାମକଳା । ଜିପ ଆସିଗଲା । ସୁଧାକର ନବଘନ ବାବୁଙ୍କ ପାଖରୁ ଖବର ପାଇଲା କିନ୍ତୁ ଦୁଆର ମୁହଁରେ ଠିଆ ହୋଇ ମନକୁ ମନ କହିହେଉଥାଏ; ମୁଁ ଯିବି ? କୁଆଡ଼େ ଯିବ ! ଜିପ୍ ପାଖକୁ ? ନାଇଁ ନାଇଁ- ସେଇ ଜିପ୍‌ରେ କାମକଳା ଆସିଛି- ମୁଁ ସେଠିକି ଯିବି କେମିତି ? ଭଗବାନ ! ମତେ ବୁଦ୍ଧି ଦିଅ- ମୁଁ କ'ଣ କରିବି ? ସିଏ ନ ଆସିଥିଲେ ଭଲ ହେଇଥାନ୍ତା । କାମକଳା- ଏଇ ନାଁଟିକୁ ସମ୍ବଳ କରି ମୁଁ ରହିଥାନ୍ତି । ଆସିଲା କାହିଁକି- ମତେ ଏ ହଇରାଣ କଲା କାହିଁକି ? ମୋର ତ ମୋଟେ ସାହସ କୁଳଉନି ତା ପାଖକୁ ଯିବାକୁ । କ'ଣ କରିବି ? ସିଏତ ଏଇନେ ମାଡ଼ି ଆସିବ- କେମିତି ଭେଟିବି ତାକୁ ? ଗୋଟାଏ ପାନିଆ କି ଦି ଗଜ' ରିବନ କିଣି ପାରିଲି ନାହିଁ- କେମିତି ଭେଟିବି, କ'ଣ ତାକୁ କହିବି ? ସେଇ ଗୀତ ପଦକ ଗାଇବି... "କାମକଳା ବାଳା...." ଉହୁଁ- ହଉନି- ଗଳା ବସି ଯାଇଛି । କ'ଣ କରିବି ପ୍ରଭୁ... ଏ କ'ଣ ! ମତେ କାହିଁକିଁ କାନ୍ଦ ମାଡୁଛି !! ଭଞ୍ଜନଗରରୁ ମୋର ଛାନ୍ଦ ନାୟିକା କାମକଳା ଆସିଲା– ମତେ କାନ୍ଦ ମାଡୁଚି କାହିଁକି ? କାନ୍ଦୁଥାଏ, ହସି ହସି ଛବି ଆସିଲା ।

କାମକଳା ଥିଲା ସୁକୁମାରୀ । ପାଚିଲା ଆମ୍ବପରି ଗୋରା ତକ୍ ତକ୍ ଦେହ । ପଞ୍ଚଷଠି ବର୍ଷର ବୃଦ୍ଧା । କିନ୍ତୁ କର୍ମକୁଶଳା ଓ କର୍ମଚଞ୍ଚଳା । କଥା କହିଲେ ଯେମିତି ଝଣ୍‌ଝଣ୍ କଂସା ପିଟା ଶବ୍ଦ ହେଉଥାଏ ମୁହଁରେ ସଦା ହସହସ ଭାବ । କାମକଳା ପାଇଁ ଫେରିବାଲା ପାଖରୁ ଅଳତା, ସିନ୍ଦୂର, ଆଇନା, କଂଟା ପାନିଆ ଓ କିଲିପ୍ ଆଦି କିଣିଲି । ସୁଧାକରର ମଧ୍ୟ ଚାକିରି ହୋଇଯିବାର ଆଶା ଅଛି, କାରଣ ଶରତବାବୁ କଟକ ବଦଳି ହୋଇ ଆସୁଛନ୍ତି । କାମକଳା ଆସି ପ୍ରଥମେ ସୁଧାକରକୁ ଖୋଜିଛି । ପଦାକୁ ବାହାରିଆ (ଝଣ୍‌ଝଣ୍ ସ୍ୱରରେ) ଏଁ- ଘରଟା ଭିତରେ କାହିଁକି ପଶିଚୁ । ପଦାକୁ ବାହାରିଆ... ମାଇଚିଆ । ସେ ପାଖରେ ଲୋକଗହଳି ଭାଙ୍ଗି ପଡୁଚି ତୁ ଏଠି ଘର ଭିତରେ ଲୁଚିଚୁ- ଆ ଏଠିକି । ଯେମିତି ଭୟଭୀତ ଅବସ୍ଥାରେ ସୁଧାକର ଆସିଲା । ଖାଲି ବୋକାଙ୍କ ପରି ଚାହିଁ ରହିଥାଏ । ସେଇ ଅବସ୍ଥାରେ ସୁଧାକର କାମକଳାକୁ ନମସ୍କାର କଲା । କାମକଳା ଖିଲିଖିଲି ହୋଇ ହସିଉଠିଲା । ସୁଧାକର ବାହୁକୁ ଧରି ତୁ ତାହା ହେଲେ ସୁଧାକର !! କିରେ, ମୋ ମୁହଁକୁ ଏମିତି ବଲବଲ କରି ଅନେକ ଛୁ କ'ଣ ? ମୋତେ ଚିହ୍ନି ପାରୁନୁ ? ମୁଁ ପରା କାମକଳା । ସୁଧାକର ରହି ରହି ଧୀର ଗଳାରେ ମୁହଁ ତଳକୁ କରି ଭଞ୍ଜନାୟିକା... ? କାମକଳା ହସହସ ମୁହଁରେ ଖତେଇ ହେଲା ଭଳି କହିଛି- ଭଞ୍ଜନାୟିକା ନୁହଁରେ ଓଲୁ- ଭଞ୍ଜନଗରରୁ ମୁଁ ଆସିଚି, କାମକଳା ! କ'ଣ- ପରତେ ହଉନି ! ହାତରେ ମୋର ଚିତାକୁଟା ହୋଇ ମୋ ନାଁ ଲେଖା ହୋଇଛି- କାମକଳା ! ପଢ଼ିଲୁଟି ? ...କିରେ, ତୁ ଏମିତି ମୁହଁ ଶୁଖେଇ ଦଉଚୁ କାହିଁକିରେ ? କ'ଣ ତୋତେ ତୁ' ତା କରୁଚି ବୋଲି ! ତୁ ନକହି କ'ଣ ତମେ ଆପଣ କହିବି ? ତୋ ବଅସ କେତେ ହବ କହିଲୁ ? ଅଠର କି କୋଡ଼ିଏ ! ଏଇ ଗଲା ପଅର ଦିନ ପରା ମୋ ନାତିକୁ ସତର ପୁରି ଅଠର ଚାଲିଲା । (ହସିଲା) ଏହି ସମୟରେ ଗୋପୀ ତା ସ୍ତ୍ରୀ ଏକାନ୍ତରେ କରି କଂସାପିଟା ହସ ହସିଲେ । କାମକଳା କହିଲା- ଘରେ ତ ମୋ ନାତିନାତୁଣୀଙ୍କୁ ଛାଡ଼ି ଆସିଲି- ଏଠି ତୁ ଜାଣ ମୋ ନାତି ହେଲୁ । ହଇରେ, ତୁ ବୋକା ପାଲଟିଗଲୁଣି କି ? କିଛି କହୁନୁ କାହିଁକି ? ଜାଣିଚୁ, ଏମିତି ଦିନେ ମୋ ବଡ଼ ନାତି ରଷି ବସିଲା- ତାକୁ ମାଇଲି ଏମିତି ଖୁନ୍ଦାଏ ଯେ... । ସୁଧାକରକୁ ଖୁନ୍ଦାମାରି ଖିଲି ଖିଲି ହସି ଉଠିଲା । କ'ଣ- ମୋତେ ହସି ହସି କଥା କହିବୁନା ପୁଣି ଏ ଗାଲରେ ଖୁନ୍ଦାଏ ଦେବି ! ଏ ସମୟରେ ଛବି ଆଗେଇ ଆସି ସୁଧାକରକୁ ଖୁନ୍ଦା ନ ମାରିବାକୁ କହିଛି !

କାମକଳା ପଚାରିଛି ଛବିକୁ ତୁ କିଏଲୋ ? ଛବି କହିଛି– ମୁଁ ପରା ଛବି । ଛବିର ପରିଚୟ ପାଇ କାମକଳା କହିଛି– ଆଲୋ ତୁ ଛବି ? କେଡ଼େ ସୁନ୍ଦରିଆଟି ହେଇଚୁ ଲୋ ! ବୁଢ଼ାବାବୁ ତୋରି କଥା ତ କହୁଥିଲେ । ହଉ, ସୁଧାକର ମୋ ନାତି ହେଲେ ତୁ ମୋର କ'ଣ ହେବୁ କହ ? ତା ପାଇଁ ତ ଖୁନ୍ଦା ମନା କଲୁ– ମୋ ହାତରୁ ତୁ ତା ହେଲେ ଖୁନ୍ଦାଏ ଖା । ସୁଧାକର ମଧ୍ୟ ଛବିକୁ ଖୁନ୍ଦା ନ ମାରିବାକୁ କହିଛି କାରଣ କାମକଳାର ଖୁନ୍ଦାଭାରି ଟାଣ । ଏହି ସମୟରେ କାମକଳା ଖୁବ୍ ମଧୁର ହସି କହିଛି, ସତେ ! ମୋ ନାତିର ମୁହଁ 'ଚିଚି ତା' ହେଲେ । (ହସୁଥାଏ) ।[୩]

ସୂକ୍ଷ୍ମବିଚାର ନାଟକଟିରେ ଦୁଇଜଣ ଚରିତ୍ରର ପରିଚୟ ମିଳିଥାଏ । ଚଣ୍ଡୀଚରଣ ମଉସା ଓ କେବଳରାମ । ଗୋଟିଏ ଦିନ ଚଣ୍ଡୀଚରଣ ମଉସା ସଙ୍ଗେ କେବଳରାମର ଆଳାପର ସୂତ୍ରପାତ ଘଟେ, ଏହି ସମୟରେ କେବଳରାମ ଜିଜ୍ଞାସା କରିଥିଲେ, ମଉସା, ଭଲ ଅଛନ୍ତି ? ମାନେ କ'ଣ ? ଏହାପରେ କେବଳରାମ ଏହାର ଉତ୍ତରରେ କହିଲେ, ଆପଣ ସୁସ୍ଥ ଅଛନ୍ତି ? ଚଣ୍ଡୀଚରଣ ମହାଶୟ ପ୍ରଶ୍ନ କଲେ, ତା'ର କି କିଛି ଧାରଣା ଅଛି, ସ୍ୱାସ୍ଥ୍ୟ କାହାକୁ କୁହନ୍ତି ? ତା'ପରେ କେବଳରାମ ଆହୁରି ସ୍ପଷ୍ଟ କରି ଚଣ୍ଡୀଚରଣ ମହାଶୟଙ୍କୁ କହିଲେ, ସେ ଜିଜ୍ଞାସା କରୁଥିଲେ ଚଣ୍ଡୀଚରଣ ମହାଶୟର ଶରୀର–ଗତିକୁ । ଏହି ଜଟିଳ ପ୍ରଶ୍ନ ବିଶ୍ଳେଷଣ କରି ଚଣ୍ଡୀଚରଣ ମହାଶୟ କହିଲେ, ମୁଁ କେମିତି ଅଛି ଓ ମୋର ଶରୀର କେମିତି ଅଛି, ଏହି କଥା ଦୁଇଟି କ'ଣ ସମାନ ହେଲା ? ଏହାର ଉତ୍ତରରେ ବେଶି ମୁଣ୍ଡ ନ ଖେଳାଇ ସେ କେବଳରାମଙ୍କୁ ଜିଜ୍ଞାସା କଲେ, ମୁଁ କିଏ ? କେବଳରାମ ତାର ଉତ୍ତରରେ କହିଲେ, ଆଜ୍ଞା, ଆପଣ ତ ଚଣ୍ଡୀଚରଣ ବାବୁ । ତା' ପରେ ଚଣ୍ଡୀଚରଣ ତା'ର ପ୍ରଶ୍ନକୁ ଭିତ୍ତିକରି ଉତ୍ତରରେ କହିଲେ, ସେ ବିଷୟରେ ଗୁରୁତର ତର୍କ ଉଠିପାରେ । ବହୁ ବାଦାନୁବାଦ ପରେ ଚଣ୍ଡୀଚରଣ ଗୋଟିଏ ଜଟିଳ ପ୍ରଶ୍ନ ତାଙ୍କୁ ଜିଜ୍ଞାସା କଲେ, ନାମ ଜିନିଷଟି କି ? ନାମ କାହାକୁ କୁହାଯାଏ ? ବହୁ ଚିନ୍ତା ପରେ କେବଳରାମ କହିଲେ, ନାମ ହେଉଛି ମଣିଷର ପରିଚୟ । ଚଣ୍ଡୀଚରଣ କେବଳରାମର ଉତ୍ତର ପ୍ରତି ତୀକ୍ଷ୍ଣ ଜବାବ ଦେଇ କହିଲେ, ନାମ କି ମଣିଷର କେବଳ ଅଛି, ଅନ୍ୟ ପ୍ରାଣୀର ନାହିଁ ? ନାମ ପ୍ରତିଟି ମଣିଷ, ପ୍ରାଣୀ ଛଡ଼ା ବିଭିନ୍ନ ବସ୍ତୁ, ଅବସ୍ତୁର (ଶବ୍ଦ, ସ୍ୱାଦ, ବର୍ଣ୍ଣ) ଏବଂ ମନୁଷ୍ୟର ମନୋବୃତ୍ତି ହୃଦୟ ବୃତ୍ତି ଏବଂ ଅନ୍ତର ଓ ବାହାରର ଯାବତୀୟ ପରିବର୍ତ୍ତନରେ ଭିନ୍ନଭିନ୍ନ ଅବସ୍ଥାର ନାମ ଅଛି । ଏହାପରେ ଚଣ୍ଡୀଚରଣ 'ଏବଂ' କହିବାକୁ ଯିବା ସମୟରେ କେବଳରାମ କାତର ହୋଇ କହିଲେ 'ଏବଂ ନକହି' ଏଠାରେ ଗୋଟାଏ 'ଇତ୍ୟାଦି ଲଗାଯାଉ– ନା' । ତାପରେ ଚଣ୍ଡୀଚରଣ ଜିଜ୍ଞାସା କଲେ, ଏତେ କ୍ଷଣ ପର୍ଯ୍ୟନ୍ତ ମୁଁ ଯାହା ପଚାରୁଥିଲି, ତାହା ପରିଷ୍କାର କରି 'ନାମ' ବିଷୟକ କଥାଟିକୁ କେବଳରାମ କହିବାକୁ ଯାଇ ମଥାରେ ହାତ କୁଣ୍ଡାଇ କୁଣ୍ଡାଇ କହିଲା– ପରିଷ୍କାର ହେବକି ନାହିଁ କହିପାରୁନି, ଚେଷ୍ଟା କରେ । 'ନାମ' ହେଉଛି ମଣିଷର ଏବଂ ଅନ୍ତରର ଯାବତୀୟ ହୃଦୟବୃତ୍ତିର, ନା ନା ଯାବତୀୟ ଭିନ୍ନ ଭିନ୍ନ କିମ୍ୱା ପରିବର୍ତ୍ତନ ଓ ଅବସ୍ଥାର ଭିନ୍ନ ଭିନ୍ନ ଯାବତୀୟ– ଏ ମୁସ୍‌କିଲ ହେଲା ! କୌଣସି ପ୍ରକାରେ ବି ସଜାଡ଼ି କହି ପାରୁନାହିଁ । ଗୋଟିଏ କଥାରେ ନାମ ହେଉଛି ମଣିଷ ଏବଂ ପ୍ରାଣୀର ପରିଚୟର ଉପାୟ । ପୁଣି ଚଣ୍ଡୀଚରଣର ପ୍ରଶ୍ନ– ପରିଚୟ କାହାକୁ କୁହାଯାଏ ? ଏହାର ଉତ୍ତର ଦେବାକୁ ଯାଇ କେବଳରାମ ଯୋଡ଼ହସ୍ତରେ କହିଲେ, ଭିନ୍ନ ଭିନ୍ନ ପଦାର୍ଥର ପ୍ରଭେଦ ଅବଗତ ହୋଇ ସେମାନଙ୍କୁ ସ୍ୱତନ୍ତ୍ର କରି ଜାଣିବାକୁ ପରିଚୟ କୁହାଯାଏ । ପୁଣି ଚଣ୍ଡୀଚରଣ ଜିଜ୍ଞାସା କଲେ, ତୁମେ କି ଏହି ଉଲ୍ଲେଖିତ ବକ୍ତବ୍ୟଟିକୁ ଅସ୍ୱୀକାର କରୁଛ ? କେବଳରାମ ନିଃସନ୍ଦେହରେ କହିଲେ ମୁଁ କ'ଣ, କାହାର ବି ସାଧ୍ୟ ନାହିଁ ବାକ୍ୟଟିକୁ ଅସ୍ୱୀକାର କରିବାକୁ । ଏତେ ବଡ଼ ଦୁଃସାହସୀ କେହି ନାହାନ୍ତି । ଚଣ୍ଡୀଚରଣ ମହାଶୟ କହିଲେ, ଠିକ୍ ଅଛି, ନାମ ହିଁ ଯଦି ପରିଚୟର ଉପାୟ ହୁଏ ତାହେଲେ କ'ଣ ଚେହେରା ପରିଚୟର ଉପାୟ ନୁହଁ । ଆଉ ମୋର ଅନ୍ୟାନ୍ୟ ଲକ୍ଷଣ ଗୁଡ଼ିକ– ? କେବଳରାମ କହିଲେ, ଆଜି ସମ୍ପୂର୍ଣ୍ଣ ବୁଝିଛି ନାମ କାହାକୁ କହନ୍ତି ତା'ର ନାମଗନ୍ଧ ଜାଣିନି, ଆପଣ କହି ଦିଅନ୍ତୁ । ଏହାକୁ ଚଣ୍ଡୀଚରଣ ଖୁବ ସହଜ ସୁନ୍ଦର ଭାବରେ ବୁଝାଇବାକୁ ଯାଇ କହିଲେ, ଭାଷା ଦ୍ୱାରା ସ୍ୱତନ୍ତ୍ର ପଦାର୍ଥର ସ୍ୱାତନ୍ତ୍ର୍ୟ ନିର୍ଦ୍ଦିଷ୍ଟ କରିବାର ଗୋଟିଏ କୃତ୍ରିମ ଉପାୟକୁ କୁହାଯାଏ ନାମକରଣ । ଏହି ନାମକରଣର ସଂଜ୍ଞାକୁ ଅସ୍ୱୀକାର ନ କରିବାକୁ ଯାଇ କେବଳରାମ କହିଲା ତର୍କର ଅନୁରୋଧରେ କାହିଁକି, ବାବାର ଅନୁରୋଧ ବି ଅସ୍ୱୀକାର କରି ପାରିବିନି । ଏହାର ଗୋଟିଏ ଅଂଶ ବା ଗୋଟିଏ ଅକ୍ଷର ବି ଅସ୍ୱୀକାର କରି ପାରିବିନି । ଚଣ୍ଡୀଚରଣ ଆହୁରି ଜୋର୍ ଦେଇ କହିଲେ, କୃତ୍ରିମ କଥାଟି ସମ୍ବନ୍ଧରେ ନାନା ତର୍କ ଉଠିପାରେ । ସକଳ ତର୍କ ଦୂର କରି ଚଣ୍ଡୀଚରଣ ନାଁର ମୀମାଂସା କରିବା ପାଇଁ କେବଳରାମ ହତାଶ ଭାବରେ କହିଛି ଆପଣଙ୍କ ନାମ ଆପଣ ମୀମାଂସା କରନ୍ତୁ, ମୋତେ ଭୋକ ଲାଗୁଛି । ଚଣ୍ଡୀଚରଣ ମହାଶୟ କହିବାନୁସାରେ

ତାଙ୍କର ସହସ୍ର ନାମ ଅଛି, କେଉଁଟି ତୁମେ ଶୁଣିବାକୁ ଚାହଁ ? ଏହି ପ୍ରଶ୍ନର ଉତ୍ତରରେ କେବଳରାମ କହିଛି, ଯେଉଁଟି ଆପଣ ସବୁଠାରୁ ବେଶି ପସନ୍ଦ କରନ୍ତି । ଚଣ୍ଡୀଚରଣ ମହାଶୟ ଏହାର ଜଟିଳ ବିଶ୍ଳେଷଣ କରି କହିଲେ, ପ୍ରଥମେ ବିଚାର କରିବାକୁ ହେବ କାହା ସହିତ ମୋର ପ୍ରଭେଦ ଜାଣିବାକୁ ଚାହଁ – ଯଦି ପଶୁର ସହିତ ମୋର ପ୍ରଭେଦ ନିର୍ଦ୍ଦେଶ କରିବାକୁ ଚାହଁ, ତାହେଲେ ମୋର ନାମ 'ମଣିଷ' । ଯଦି ଶ୍ୱେତ ପୀତ ପଦାର୍ଥ ସହିତ ମୋର ପ୍ରଭେଦ ଜାଣିବାକୁ ଚାହଁ ତେବେ କେବଳରାମ କହିବାନୁସାରେ ମୋର ନାମ– କଳା । ଚଣ୍ଡୀଚରଣ ବିଚାରରେ ସେ ନିଜେ 'କଳା' ନୁହନ୍ତି 'ଶ୍ୟାମଳ' । ଯଦି ପିଲା ସହିତ ପ୍ରଭେଦ ଜାଣିବାକୁ ଚାହଁ ତେବେ ମୋର ନାମ 'ବୁଢ଼ା' ନୁହଁ, 'ମଧ୍ୟବୟସୀ' । କେବଳରାମ ଏହି କଥା ଶୁଣିବା ପରେ ଚଣ୍ଡୀଚରଣ ମହାଶୟଙ୍କୁ ଜିଜ୍ଞାସା କଲେ, ଚଣ୍ଡୀଚରଣ କାହାର ନାମ ମଉସା ? ସେ ଏହି ପ୍ରଶ୍ନର ଜବାବ ଦେଇ କହିଲେ, ଗୋଟିଏ ମଣିଷ ମଧ୍ୟରେ, ଗୋଟିଏ ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣ ମଣିଷ ବିଶେଷର ମଧ୍ୟରେ, ଗୋଟିଏ ପୂର୍ଣ୍ଣ ପରିଣତ ମଣିଷ ମଧ୍ୟରେ ତା'ର ଜନ୍ମକାଳରୁ ଆଜି ପର୍ଯ୍ୟନ୍ତ ଯେଉଁ ସକଳ ପରିବର୍ତ୍ତନ ଅହରହ ସଂଘଟିତ ହେଉଛି ଏବଂ ମୃତ୍ୟୁକାଳ ପର୍ଯ୍ୟନ୍ତ ହେବାର ସମ୍ଭାବନା ଅଛି, ସେହି ପରିବର୍ତ୍ତନ ଓ ପରିବର୍ତ୍ତନ ସମ୍ଭାବନାର କେନ୍ଦ୍ରସ୍ଥଳରେ ଯେଉଁ ଗୋଟିଏ ସଜ୍ଞାନ ଐକ୍ୟ ବିରାଜ କରୁଛି ତାକୁ ଗୋଟିଏ ଦଳ ଲୋକ ଅର୍ଥାତ୍ ସେହି ଲୋକମାନଙ୍କର ସଜ୍ଞାନ ଐକ୍ୟ ଚଣ୍ଡୀଚରଣ ନାମରେ ନିର୍ଦ୍ଦେଶ କରନ୍ତି । ଏହି ସମୟରେ କେବଳରାମ କହିଲା ଅତ୍ୟନ୍ତ କ୍ଷୁଧାନୁଭବ ହେଉଛି, ଆଉ ଆହାରବି ପ୍ରସ୍ତୁତ ହୋଇଯାଇଛି । ଏହା ଶୁଣି ଚଣ୍ଡୀଚରଣ ମହାଶୟ ହାତ ଚାପିଧରି ରାଗରେ କହିଲେ, ଅସଲ କଥାଟିର କିଛିବି ମୀମାଂସା ହୋଇନି । ସମସ୍ତେ ଆମେମାନେ ସମସ୍ତେ ତା'ର ଭୂମିକା କରୁଛେ ମାତ୍ର । ତୁମେ ଜିଜ୍ଞାସା କରୁଥିଲ ମୁଁ ଭଲ ଅଛି କି ନା । ଏବେ ପ୍ରଶ୍ନ କେବଳରାମକୁ ଚଣ୍ଡୀଚରଣଙ୍କର, ତୁମେ କି ଜାଣିବାକୁ ଚାହଁ ମୋର ଅନ୍ତର୍ଗତ ପ୍ରାଣୀ କେମିତି ଅଛି, ନା ମଣିଷ କେମିତି ଅଛି । ଏଠାରେ କେବଳରାମ ବୁଝିପାରିଛି ନିଜର ଅଜ୍ଞାନତାକୁ । ଏପରି ଅତ୍ୟନ୍ତ କଠିନ ପ୍ରଶ୍ନ ଜିଜ୍ଞାସା କରିଥିବାରୁ କେବଳରାମ ଚଣ୍ଡୀଚରଣ ପାଖରେ କହିଛି, ଏବେ ଅନୁତାପରେ ଏବଂ ପେଟର କ୍ଷୁଧାରେ ଦଗ୍ଧ ହୋଇଛି । ଆହାରର ପୂର୍ବେ ଏ ପ୍ରକାର ପ୍ରଶ୍ନ ମୁଁ କେବେ ଆପଣଙ୍କୁ ଜିଜ୍ଞାସା କରିବି ନାହିଁ । ଚଣ୍ଡୀଚରଣ ମହାଶୟ ତା'ର ଏହି କଠିନ ପ୍ରଶ୍ନର ଜବାବ ଦେଇ କହିଲେ, ପ୍ରଥମେ ଭଲମନ୍ଦ କାହାକୁ କୁହାଯାଏ, ତାହା ଜାଣିବା ପ୍ରୟୋଜନ । ଏହା ପରେ ସ୍ଥିର କରିବାକୁ ହେବ ତାଙ୍କର (ଚଣ୍ଡୀଚରଣ) ସମ୍ବନ୍ଧରେ ଭଲ ବା କ'ଣ ଆଉ । ତା'ପରେ ବର୍ତ୍ତମାନ ଯାହା ଭଲ ତାକୁ ଦେଖିବାକୁ ପରାମର୍ଶ ଦେଲେ । କେବଳରାମ ମଉସାଙ୍କ ପାଦ ଧରି କାତର ହୋଇ କହିଛି, ବର୍ତ୍ତମାନ ମୋତେ ଛୁଟି ଦିଅନ୍ତୁ । ବରଂ ଆପଣ କେମିତି ଅଛନ୍ତି ଏଇ ଅତ୍ୟନ୍ତ କଠିନ ପ୍ରଶ୍ନର ଉତ୍ତର ଆପଣ କେବେ ଦେଇପାରିବେ ଗୋଟିଏ ଦିନ ସ୍ଥିର କରି ଦିଅନ୍ତୁ– ମୁଁ ଯେ ନିତାନ୍ତ ବ୍ୟସ୍ତ ହୋଇଛି ତା ନୁହଁ– ଯଦିବା ଉତ୍ତର ପାଇବାକୁ କିଛିଦିନ ଡେରି ହେବ, ଯଦିବା ଉତ୍ତର ନ ମିଳିଲା । କିନ୍ତୁ ଆଜି ମୋର ଅପରାଧ କ୍ଷମା କରନ୍ତୁ, ଭବିଷ୍ୟତରେ ମୁଁ ସତର୍କ ହେବି ।[୪]

ଏହିପରି ହାସ୍ୟରସାତ୍ମକ ରୀତିରେ ରଚିତ ଉଭୟ ନାଟକ ବେଶ୍ ସ୍ପୃହଣୀୟ । ହାସ୍ୟ, ବ୍ୟଙ୍ଗ ଓ କୌତୁକ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ନାଟ୍ୟକାରଙ୍କ ଲକ୍ଷ୍ୟ । ସାମ୍ପ୍ରତିକ ସମୟର ସମାଜରେ ଦେଖାଯାଉଥିବା ରସିକ ଭାବବିହ୍ୱଳ ଯୁବକ ଓ ଠିକ୍ ଭୁଲ୍ ବିଚାର କରିପାରୁ ନଥିବା ଯୁବକମାନଙ୍କ ଉଦ୍ଦେଶ୍ୟରେ ସଚେତନତାର ବାର୍ତ୍ତା ନାଟ୍ୟକାର ଏହି କାମକଳା ଓ ଚଣ୍ଡୀଚରଣ ଚରିତ୍ର ମାଧ୍ୟମରେ ଦେଖାଇବାର ପ୍ରୟାସ କରି ସଫଳ ହୋଇଛନ୍ତି । ଏଭଳି ଏକ ସାଧାରଣ ପ୍ରସଙ୍ଗକୁ ସୂକ୍ଷ୍ମ ରଚନାତ୍ମକ ଭଙ୍ଗୀରେ ନାଟ୍ୟକାର ଯେଉଁ ସାହିତ୍ୟିକ ମୂଲ୍ୟ ପ୍ରଦାନ କରିଛନ୍ତି ତାହା ଯେମିତି ପ୍ରଭାବଶାଳୀ ସେମିତି ପାଠକ ଉପଯୋଗୀ ।

ସହାୟକ ଗ୍ରନ୍ଥସୂଚୀ:

୧. ଛୋଟରାୟ ଶ୍ରୀ ଗୋପାଳ, ହାସ୍ୟରସର ନାଟକ, ଗ୍ରନ୍ଥ ମନ୍ଦିର, କଟକ-୨, ପ୍ରଥମ ପ୍ରକାଶ-୧୯୮୧, ପୃଷ୍ଠା-୬୩ ।

୨. ତତ୍ରୈବ, ପୃଷ୍ଠା-୬୪ ।

୩. ତତ୍ରୈବ, ପୃଷ୍ଠା-୭୭-୭୮ ।

୪. ଠାକୁର ରବୀନ୍ଦ୍ରନାଥ, ସୂକ୍ଷ୍ମ ବିଚାର, ପ୍ରଥମ ପ୍ରକାଶ- ୧୮୮୭,ପୃଷ୍ଠା-୧-୪ ।

ସହକାରୀ ପ୍ରାଧ୍ୟାପକ
ଓଡ଼ିଆ ବିଭାଗ
ବିଶ୍ୱଭାରତୀ ଶାନ୍ତିନିକେତନ, ପଶ୍ଚିମବଙ୍ଗ

ISSN -2583-147X (P), **Vol.- 10, Issue No.II, May 2024**
Bastabatara Pariprakash Prachee
Peer Reviewed and Referred Research Journal

ତତ୍କାଳୀନ ପତ୍ରପତ୍ରିକା ଓ ସରକାରୀ କାଗଜପତ୍ରରୁ ମହିମାସ୍ୱାମୀଙ୍କ ପରିଚୟ

ଡ. ରାଜା କୁମାର ନାୟକ

ମହିମାଧର୍ମ ଅଲେଖ ତତ୍ତ୍ୱ ଉପରେ ଆଧାରିତ । ଯାହାର ପ୍ରବର୍ତ୍ତକ ହେଉଛନ୍ତି ମହିମା ଗୋସାଇଁ । ଏହି ମହିମା ଗୋସାଇଁ ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ଆବିର୍ଭାବ ହୋଇ ସମାଜରେ ସତ୍ୟ, ଶାନ୍ତି, ସମାନତା ଏବଂ ଅହିଂସାର ପ୍ରତିଷ୍ଠା ନିମନ୍ତେ ଯେଉଁ ବାଣୀ ପ୍ରଚାର କଲେ ତାହା ମହିମା ଧର୍ମ ନାମରେ ବିଶ୍ୱବିଖ୍ୟାତ । ସମାଜରେ ଅନୁନ୍ନତ ତଥା ଅବହେଳିତ ସମ୍ପ୍ରଦାୟକୁ ଗୁରୁତ୍ୱ ଦେଇ ଏହି ଧର୍ମ ଆଜି ବିଶ୍ୱର ପ୍ରତିଷ୍ଠିତ ଧର୍ମ ଭିତରେ ନିଜର ପ୍ରତିଷ୍ଠା ବଜାୟ ରଖିଛି । ବିଶ୍ୱ ଧର୍ମ ସାହିତ୍ୟକୁ କେବଳ ନୁହଁ ଓଡ଼ିଶାର ଏହା ଏକ ଅମୂଲ୍ୟ ଉପହାର ।

ମହିମା ଗୋସାଇଁଙ୍କ ଆବିର୍ଭାବ କାଳରେ ଓଡ଼ିଶା ସଂକଟଜନକ ପରିସ୍ଥିତିରେ ଗତି କରୁଥିଲା । ସାମାଜିକ, ସାଂସ୍କୃତି, ଧାର୍ମିକ ଓ ରାଜନୀତିକ କ୍ଷେତ୍ରରେ ଓଡ଼ିଆମାନେ କିଂକର୍ତ୍ତବ୍ୟ ବିମୂଢ଼ ହୋଇ କାଳାତିପାତ କରୁଥିଲେ । ଏହି ସମୟଖଣ୍ଡରେ ଇଂରେଜ ପାଦ୍ରୀମାନଙ୍କ ଦ୍ୱାରା ଖ୍ରୀଷ୍ଟଧର୍ମର ବହୁଳ ପ୍ରଚାର ପ୍ରସାର ହେବାକୁ ଲାଗୁଥିଲା ବେଳେ ଜଣେ କୌପୁନୀଧାରୀ ସନ୍ୟାସୀ ଯେଉଁ ସରଳ ଓ ବ୍ୟୟଶୂନ୍ୟ ଉପାସନା ପଦ୍ଧତି ପ୍ରଚଳନ କଲେ ସେଥିପ୍ରତି ହଜାର ହଜାର ଲୋକ ଆକୃଷ୍ଟ ହେବାକୁ ଲାଗିଲେ । ଜାତିଭେଦ ଓ ଦେବାଦେବୀ ଉପସନାକୁ ବିରୋଧ ସହ ସର୍ବବ୍ୟାପୀ ଶୂନ୍ୟବ୍ରହ୍ମଙ୍କ ଉପାସନା ଲୋକମାନଙ୍କୁ ମୋହିତ କଲା । ଫଳରେ ସମଗ୍ର ଓଡ଼ିଶାରେ ଏହା ଏକ ଗଣଧର୍ମର ମାନ୍ୟତା ଲାଭ କଲା ।

ମହିମା ଧର୍ମର ସଂସ୍ଥାପକ ପ୍ରବୁଦ୍ଧ ନାରାୟଣ ମହିମା ସ୍ୱାମୀଙ୍କ ଜନ୍ମ ଓ ପରିବାର ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ମିଳେ ନାହିଁ । ବିଶ୍ୱନାଥ ବାବାଙ୍କ ମତରେ ମହିମା ପ୍ରଭୁ ହିମାଳୟ ଗିରି ପରିତ୍ୟାଗ କରି ଗଙ୍ଗାନଦୀ ପୁଳିନରେ ଭ୍ରମଣକରି ଦିଲ୍ଲୀ ୧୨୩୩ ବା ୧୮୨୬ ଖ୍ରୀଷ୍ଟାବ୍ଦରେ ପୁରୀ ବଡ଼ଦାଣ୍ଡରେ ସେ ଧୂଳିଆବାବା ଭାବରେ ଦେଖାଦେଲେ ।[୧] ବିଶ୍ୱନାଥ ବାବା ତଥା ମହିମା ଧର୍ମର ଅନ୍ୟ ସାଧୁମାନେ ତାଙ୍କୁ ଅଯୋନିସମ୍ଭୁତ ଓ ସ୍ୱୟଂ ବ୍ରହ୍ମମୂର୍ତ୍ତି ବୋଲି ସଂସ୍ଥାପନ କରିଛନ୍ତି ।[୨] ଊନବିଂଶ ଶତାବ୍ଦୀର ଶେଷ ଭାଗରେ ମହିମାସ୍ୱାମୀଙ୍କ ସମାଧିର ଅବ୍ୟବହିତ ପରେ ତାଙ୍କ ନାମ ଓ ଜନ୍ମସ୍ଥାନକୁ ନେଇ ସମକାଳୀନ ପତ୍ରିକାରେ ଭିନ୍ନମତ ପ୍ରକାଶ ପାଇଥିଲା । କଲିକତାରୁ ପ୍ରକାଶିତ 'ତତ୍ତ୍ୱବୋଧିନୀ'ରେ ମହିମାସ୍ୱାମୀଙ୍କ ପ୍ରଥମ ନାମ ମୁକୁନ୍ଦ ଦାସ ବୋଲି ପ୍ରକାଶିତ ହୋଇଥିଲା । ଏହାର ପ୍ରକାଶ ପରେ 'ସେବକ' ପତ୍ରିକାର ଏହାର ପ୍ରତିବାଦ ପ୍ରକାଶ ପାଇଲା- "ମହିମା ଧର୍ମାବଲମ୍ବୀମାନଙ୍କ ସମ୍ବନ୍ଧରେ ତତ୍ତ୍ୱବୋଧିନୀ ପତ୍ରିକାରେ ଗୋଟିଏ ପ୍ରସ୍ତାବ ବାହାରିଛି । ମହିମା ଗୋସାଇଁଙ୍କ ନାମ ମୁକୁନ୍ଦ ଦାସ ବୋଲି ଏଥିରେ ଲିଖିତ ହୋଇଛି । ମାତ୍ର ଲେଖକ ତାହା କିପରି ଜାଣିଲେ ଏହା ଲେଖି ନାହାନ୍ତି । ଆମ୍ଭେମାନେ ତାହାଙ୍କ ନାମ ଜାଣିବା ନିମିତ୍ତ ଅନେକ ଚେଷ୍ଟା କରି କୃତକାର୍ଯ୍ୟ ହୋଇପାରିଲୁ ନାହିଁ ।"[୩] ଏଥିରୁ ଅନୁମିତ ହୁଏ ଯେ ମହିମାସ୍ୱାମୀ ଜୀବିତ ଅବସ୍ଥାରେ ସେ ନିଜକୁ ରହସ୍ୟ କରି ରଖିଥିଲେ ।

ମହିମା ଧର୍ମର ଇତିହାସ ଅନୁଯାୟୀ ୧୮୨୬ରେ ପୁରୀରେ ଦେଖା ଦେଇ ପରେ ପରେ ଭୁବନେଶ୍ୱରର ଖଣ୍ଡଗିରି, ଉଦୟଗିରି ଓ ଧଉଳିଗିରି ଆଦି ଗୁମ୍ଫାମାନଙ୍କରେ ୧୨ ବର୍ଷକାଳ ଆତ୍ମଯୋଗ ସମାଧିରେ ରହି ଢେଙ୍କାନାଳର କପିଳାସ ଅଭିମୁଖେ ଯାତ୍ରାକଲେ । କପିଳାସରେ ସେ କୁମ୍ଭୀବୃକ୍ଷ ବଲ୍‌କଳ ବାନାରେ ଭୂଷିତ ହେଲେ ଓ ଏକବିଂଶ ଦିନ ଅନନ୍ତଶଯ୍ୟାରେ ଆତ୍ମ ସମାଧିରେ ବସି ପରେ ବାରବର୍ଷ ଫଳମୂଳ ଏବଂ ଶେଷରେ ବାରବର୍ଷ କ୍ଷୀର ଆହାର କରି କାଳଯାପନ କଲେ । ଇତିମଧ୍ୟରେ ମହିମାଧର୍ମର ଆଦିସିଦ୍ଧ ଗୋବିନ୍ଦବାବା ଅବଧୂତାଶ୍ରମରେ ଦୀକ୍ଷିତ ହୋଇ ସାରିଥିଲେ । ଢେଙ୍କାନାଳର ରାଜା ଭାଗୀରଥି ଭ୍ରମରବର ବାହାଦୂର ସ୍ୱାମୀଙ୍କ

ମହିମାରେ ମୁଗ୍ଧ ହୋଇ ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ଦୈନିକ ମହିମା ସ୍ୱାମୀଙ୍କର ଦୁଗ୍ଧପାନ ନିମନ୍ତେ ବ୍ୟବସ୍ଥା କରାଇଲେ । ଗୋବିନ୍ଦବାବା ମହିମାସ୍ୱାମୀଙ୍କ ଆଦେଶରେ ପଶ୍ଚିମ ଦିଗରେ ଧର୍ମ ପ୍ରଚାର ଲାଗି ଯାତ୍ରାକଲେ ।[୪]

ଅନ୍ଧକୁ ଚକ୍ଷୁଦାନ, ମୃତ ବ୍ୟକ୍ତିକୁ ଜୀବନଦାନ, ଶୂନ୍ୟରେ ଗମନ, ନୈଶ୍ୟ ଆକାଶରେ ଏକାଧିକ ସୂର୍ଯ୍ୟ ସୃଷ୍ଟି, ବନ୍ୟାଜଳ ଅପସାରଣ, ନୂତନ ଜଳଧାର ଜାତ, ଆଦେଶରେ ହସ୍ତୀମାନଙ୍କର ପଳାୟନ, ଅଗ୍ନିରେ ଉପବେଶନ, ଭୂମିରୁ ଦ୍ୱାଦଶ ଆଙ୍ଗୁଳି ତ୍ୟାଗକରି ବିରାଜମାନ, ମୃତ ଗୋରୁକୁ ଜୀବନଦାନ, ରୂପ ପରିବର୍ତ୍ତନ, ବନ୍ଧ୍ୟାଗାଭୀଠାରୁ ଦୁଗ୍ଧ ଦୋହନ, ବ୍ୟାଘ୍ର ମୁଖରୁ ଗୋପାଳ ପୁତ୍ରକୁ ରକ୍ଷା, ମୃତ ଶ୍ୱାନକୁ ଜୀବନଦାନ, ନଦୀ ଜଳରେ ଗମନ, ଆଜନ୍ମ ରୋଗୀର ରୋଗମୋଚନ ଇତ୍ୟାଦି ଅଲୌକିକ କ୍ରିୟା ସମ୍ପାଦନ କରି ସେ ଲୋକମାନସରେ ଉଜ୍ଜୀବିତ ହୋଇ ରହିଥିଲେ । ଅନେକ ସ୍ଥାନରେ ମହିମା ସମ୍ପ୍ରଦାୟର ଧୂନି ମନ୍ଦିର ସ୍ଥାପନ ପୂର୍ବକ ମହିମା ଧର୍ମର ପ୍ରଚାର ପ୍ରସାର ହେବାକୁ ଲାଗିଲା । ଢେଙ୍କାନାଳ, କଟକ, ପୁରୀ, ଯାଜପୁର, କେନ୍ଦୁଝର ଆଦିରେ ମହିମା ଧର୍ମ ପରିବ୍ୟାପ୍ତ ହୋଇଥିଲା । ତତ୍କାଳୀନ ଖବରକାଗଜ ଓ ସରକାରୀ ନଥିପତ୍ର ମହିମା ସ୍ୱାମୀଙ୍କ ପ୍ରଚାରିତ ଧର୍ମମହିମା ଧର୍ମ ସମ୍ପର୍କରେ ସୂଚନା ମିଳେ ।

ତା ୧.୦୬.୧୮୬୭ ରିଖରେ 'ଉତ୍କଳ ଦୀପିକା'ରେ ମହିମା ଗୋସାଇଁ ଓ ମହିମା ଧର୍ମକୁ ନେଇ 'ନୂତନ ଧର୍ମ ପ୍ରଚାର' ନାମରେ ଏକ ସମ୍ବାଦ ବାହାରି ଥିଲା । ଏଥିରେ ଉଲ୍ଲେଖ ଥିଲା ଯେ– "କଟକ ନିକଟସ୍ଥ କେତେକ ଗଡ଼ଜାତମାନଙ୍କରେ ଏକ ନୂତନ ଧର୍ମ ପ୍ରଚାର ହେବାର ଉପକ୍ରମ ହୋଇଅଛି । ଏ ଧର୍ମର ନାମ ମହିମା । ଢେଙ୍କାନାଳର ଅନ୍ତଃପାତୀ କପିଳାସ ପର୍ବତରେ ଏକ ଫଳହାରୀ ସନ୍ୟାସୀ ଥିଲେ । ସେ କିଛିଦିନ ଫଳାହାର କଲେ ତହିଁ ଉତ୍ତାରୁ ଦୁଗ୍ଧପାନ କଲେ ଓ ଶେଷରେ କେବଳ ଜଳପାନ ଦ୍ୱାରା ଜୀବନଧାରଣ କରି ଶିବ ପୂଜା କଲେ । xxx ବର୍ତ୍ତମାନ ସେ ବକ୍‌କଳ ପରିଧାନ କରି ନୂତନ ଏକ ଧର୍ମ ପ୍ରଚାର କରିବାରେ ପ୍ରବୃତ୍ତ ହୋଇଅଛନ୍ତି । ଏ ଧର୍ମରେ ଜାତି ବିଚାର ନାହିଁ, ଶ୍ରାଦ୍ଧକ୍ରିୟାଏବଂ ପିତୁଳା ପୂଜା ନିଷେଧ, କେବଳ ଏକମାତ୍ର ଈଶ୍ୱର ଏ ଧର୍ମାବଲମ୍ବୀମାନଙ୍କର ସେବ୍ୟ ଅଟନ୍ତି । xxx ସେ ଏବଂ ତାଙ୍କ ଶିଷ୍ୟମାନେ ଗୃହ ମଧ୍ୟରେ କିମ୍ବା କଂସା ପିତ୍ତଳାଦି କୌଣସି ପାତ୍ରରେ ଭୋଜନ କରନ୍ତି ନାହିଁ । ଦାଣ୍ଡ ମଧ୍ୟରେ ଭଙ୍ଗାଖପରାରେ ଯେ କୌଣସି ଜାତି ଯାହାକିଛି ଖାଇବାକୁ ଦେଲେ ଆହାର କରନ୍ତି । xxx ପ୍ରାୟ ୨୦ କି ୩୦ ସହସ୍ର ଲୋକ ଏ ଧର୍ମ ଅବଲମ୍ବନ କରିଥିବା ଶୁଣାଯାଏ ।"[୫]

ସେହିପରି 'ଉତ୍କଳ ଦୀପିକା'ର ୮ମ ଭାଗର ୩୬ ସଂଖ୍ୟାରେ 'ମହିମା ବାବାଜୀ' ନାମରେ ଅନ୍ୟ ଏକ ସମ୍ବାଦ ବାହାରିଥିଲା । ସମ୍ବାଦଟି ଏହିପରି ଥିଲା– "ଆମ୍ଭମାନଙ୍କର ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି ଯେ– ଢେଙ୍କାନାଳ, ସୁକିନ୍ଦା, କେଉଁଝର ପ୍ରଭୃତି ଗଡ଼ଜାତରେ କୁମ୍ଭିପଟ ନାମଧେୟରେ ପ୍ରାୟ ଚାରି ପାଞ୍ଚ ଶତଲୋକ ଏକ ସମ୍ପ୍ରଦାୟ ବାନ୍ଧି ଅଛନ୍ତି । ଏହାଙ୍କର ଅପର ନାମ ମହିମା ବାବଜୀ । ଏହି ସମ୍ପ୍ରଦାୟରୁ ଦୁଇ ଚାରିଜଣ ମଧୁପୁରରେ ପ୍ରବେଶ ହୋଇ ଲୋକଙ୍କ ଜାତି ଧ୍ୱଂସର ଚେଷ୍ଟା କରିବାରୁ ରାଜା ତାହାଙ୍କୁ ହିନ୍ଦୁଧର୍ମର ବିରୋଧୀ ଜ୍ଞାନକରି ଆପଣ ରାଜ୍ୟରୁ ବାହାର କରିଦେଲେ । ସେହି ବୈରାଗୀଙ୍କ ମଧ୍ୟରୁ ଦୁଇଜଣ ଆଜକୁ ଦୁଇମାସ ହେବ ଯାଜପୁରକୁ ଆସି ବ୍ରାହ୍ମଣ, କରଣ, ରାଢ଼ୀ ପ୍ରଭୃତି ନାନା ଜାତି ମଧ୍ୟରୁ କେତେଗୁଡ଼ିଏ ଶିଷ୍ୟ କରି ତାହାଙ୍କ ସଙ୍ଗେ ନେଇ ବୁଲୁଛନ୍ତି । ରାଜା ଓ ବ୍ରାହ୍ମଣ, ଭଣ୍ଡାରୀ, ଦୋବା, ମାଳୀ ଓ ଦାରୀ ଏହି ପାଞ୍ଚ ଜାତିକୁ ଛାଡ଼ି ଆଉ ସମସ୍ତଙ୍କ ଘରେ ଭୋଜନ କରନ୍ତି । ଖ୍ରୀଷ୍ଟୀୟାନ ମାନଙ୍କୁ ସୁଦ୍ଧା ବାରଣ ନାହିଁ । ଏ ସମସ୍ତଙ୍କ ଘରୁ ଭାତ ମାଗି ନେଇ ହାଣ୍ଡିରେ ରଖି ଦାଣ୍ଡରେ ଗୁରୁଶିଷ୍ୟ ସମସ୍ତେ ଏକତ୍ର ଭୋଜନ କରନ୍ତି । xxx ଲୋକେ ଏହାଙ୍କଠାରେ ଦୁଃଖ ଜଣାଇ ଆଜ୍ଞା ଘେନି ଅତି ଭକ୍ତି ସହିତ ପ୍ରତିପାଳନ କରୁଅଛନ୍ତି । ପୁତ୍ର କାମନା ସଫଳ କରିବାର ଶୁଣାଯାଏ । ଯାହାହେଉ ଏହାଙ୍କ ଦ୍ୱାରା ଜାତି ବିନାଶର ପ୍ରବଳ ଉପାୟ ହେବାର ଦେଖି ଯାଜପୁର ବ୍ରାହ୍ମଣମାନେ ସଭାକରି ସ୍ଥିର କରିଅଛନ୍ତି ମହିମା ବାବଜୀଙ୍କ ଦ୍ୱାରା ଯାହାଙ୍କର ଜାତି ବିନାଶ ହୁଅଇ ସେମାନେ ପତି ହେବେ । xxx ଏପରି ବିଧି ହେବାରୁ ଶିଷ୍ୟଙ୍କ ସଂଖ୍ୟା ଊଣା ହେଉଅଛି ଓ ଯେଉଁମାନେ ଶିଷ୍ୟ ହୋଇ ଅଛନ୍ତି ତାହାଙ୍କ ମଧ୍ୟରେ ଅନେକ ଲୋକ ଘରକୁ ଫେରି ଆସି ପ୍ରାୟଶ୍ଚିତର ଉଦ୍ୟମରେ ଅଛନ୍ତି । xxx ଓଡ଼ିଶାରେ ସେମାନେ ଆପଣା ମତରେ ଏହି ପରିଚୟ ଦେଲେ ଯେ ସେମାନେ ବେଦ କିମ୍ବା କୌଣସି ଶାସ୍ତ୍ର ମାନନ୍ତି ନାହିଁ କିମ୍ବା କୌଣସି ଦେବତା ପୂଜା କରନ୍ତି ନାହିଁ । ତାହାଙ୍କର ଧର୍ମ ନିର୍ବେଦ ଓ ଅଲେଖ କେବଳ ମହିମାକୁ ମାନନ୍ତି ।[୬] ଏଥିରୁ ସୂଚନା ମିଳେ ଯେ ପ୍ରାରମ୍ଭିକ ପର୍ଯ୍ୟାୟରେ ମହିମା ଧର୍ମ ବହୁ ଉତ୍‌ଥାନ ପତନ ଦେଇ ଗତି କରିଛି । ମହିମା ବାବାଜୀଙ୍କ ସହ ମିଶିଲେ ନିଜର

ଜାତି ଚାଲିଯିବାର ଯେଉଁ ଭୟ ସେ ସମୟରେ ଦେଖା ଦେଇଥିଲା ତା'ର କାରଣ ଯୋଗୁଁ ପଶ୍ଚିମାଞ୍ଚଳ ଅପେକ୍ଷା ପୂର୍ବାଞ୍ଚଳରେ ମହିମା ଧର୍ମାବଲମ୍ବୀଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାକୁ ଲାଗିଲା ।

'ଉତ୍କଳ ଦୀପିକା'ରୁ ପ୍ରକାଶିତ ଅନ୍ୟ ଏକ ଖବରରୁ ଜଣାପଡ଼େ ଯେ- "ସେମାନଙ୍କ ମଧ୍ୟରୁ କେତେକ ଲୋକ ଏ ଜିଲ୍ଲାକୁ କେବେ କେବେ ଆସି ମଫସଲରେ ବୁଲନ୍ତି । xxx ସନ ୧୮୭୪ ସାଲରେ ବାଙ୍କୀ ଜିଲ୍ଲାର ମାଳକେଦାରପୁରକୁ ଆସି ୬୪ ଜଣ ଶିଷ୍ୟକରି ଅଲେଖ ଧର୍ମ ପ୍ରକାଶ କଲେ । xxx ଯଦ୍ୟପି ଏ ଧର୍ମ ଏ ଜିଲ୍ଲା (ଢେଙ୍କନାଳ)ରେ ପ୍ରଥମେ ପ୍ରକାଶ ହେଲା ମାତ୍ର ସତ୍ତ୍ୱର ସମ୍ବଲପୁର ଜିଲ୍ଲାରେ ବିଶେଷ ପ୍ରଚାର ହେଲା ଓ ସେଠାରେ ବ୍ରାହ୍ମଣ ବ୍ୟତୀତ ଅନ୍ୟ ସକଳ ଜାତୀୟ ଏ ଧର୍ମଗ୍ରହଣ କଲେ । ବର୍ତ୍ତମାନ ସେ ଜିଲ୍ଲାର ୩୦ ଗୋଟି ଗ୍ରାମରେ ଏ ଧର୍ମ ପ୍ରବଳ ଅଛି ।(୭)

ସେହିପରି ବଙ୍ଗଳାର ଖବରକାଗଜ 'ସୁଲଭ ସମାଚାର'ରେ ଏକଦା ପ୍ରକାଶ କରିଥିଲା ଯେ- "ଅଲେଖ ସ୍ୱାମୀ ନାମରେ ଜଣେ ବ୍ୟକ୍ତି ଆପଣାକୁ ଈଶ୍ୱରଙ୍କ ଅବତାର ବୋଲି ପରିଚୟ ଦେଇ ଖ୍ରୀ. ୧୮୬୪ରେ ଏହି ଧର୍ମସଂସ୍ଥାପନ କରିଛନ୍ତି ।"(୮) ଖ୍ରୀ. ୧୮୮୩ରେ ଡିସେମ୍ବର ସଂଖ୍ୟାରେ ବଙ୍ଗଳା ପତ୍ରିକା 'ତତ୍ତ୍ୱବୋଧିନୀ' ପତ୍ରିକାରେ ମହିମାସ୍ୱାମୀଙ୍କ ପ୍ରକୃତ ନାମ 'ମୁକୁନ୍ଦ ଦାସ' ଥିଲା ବୋଲି ଜଣାଯାଏ । କିନ୍ତୁ କଟକରୁ ପ୍ରକାଶିତ 'ସେବକ' ପତ୍ରିକାର ସମ୍ପାଦକ ଜାନୁୟାରୀ ୧୮୮୪ ସଂଖ୍ୟାରେ ଏହାକୁ ଅସ୍ୱୀକାର କରି ଉଲ୍ଲେଖ କରିଥିଲେ ଯେ- "ବହୁ ଚେଷ୍ଟା ସତ୍ତ୍ୱେ ତାଙ୍କର ନାମ ଜାଣି ହେଲା ନାହିଁ । ପ୍ରଚଳିତ ଧାରଣା ଯେ ସେ ହିନ୍ଦୁସ୍ଥାନୀ ଏବଂ ଛତିଶଗଡ଼ରୁ ଆସିଥିଲେ ।"(୯) ଏଥିରୁ ଜଣାଯାଏ ଯେ ମହିମାସ୍ୱାମୀ ତାଙ୍କ ପରିଚୟ ଗୁପ୍ତ ରଖିଥିଲେ ।

ଯେତେବେଳେ ୧୮୮୧ ମସିହା ମାର୍ଚ୍ଚ ମାସରେ ତେରଜଣ ପୁରୁଷ ଓ ତିନିଜଣ ସ୍ତ୍ରୀ କୁମ୍ଭୀପାଟୁଆ ଦଳ ଧରି ଶ୍ରୀମନ୍ଦିର ଉପରେ ଆକ୍ରମଣ ଓ ତିନି ମୂର୍ତ୍ତିଙ୍କୁ ପୋଡ଼ି ଦେବାର ଯୋଜନା କରିଥିଲେ । ଏହି ସଂଘର୍ଷରେ ଦଶାରାମ ନାମକ ଜଣେ କୁମ୍ଭୀପାଟୁଆଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନ୍ୟମାନେ ଗିରଫ ହୋଇଥିଲେ । ଏହାପରେ କଟକ କମିଶନର ସ୍ମିଥ୍ ସାହେବ ବାଙ୍କୀ, ଅନୁଗୋଳ ଓ ଢେଙ୍କାନାଳର ତହସିଲଦାରଙ୍କୁ ଏଇ କୁମ୍ଭୀପାଟୁଆ ମାନଙ୍କ ସମ୍ପର୍କରେ ରିପୋର୍ଟ ମାଗିବାରୁ ବାଙ୍କୀ ତହସିଲଦାର ବଳରାମ ବୋଷ ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ- "କପିଳାସରେ ଜଣେ ସାଧୁ ଥିଲେ । ତାଙ୍କର ନାମ ମୁକୁନ୍ଦ ଦାସ । ଦାରୁଠେଙ୍ଗାରେ ମୁକୁନ୍ଦ ଦାସ ନିଜକୁ ମହିମା ଗୋସଇଁ ବୋଲି ଖ୍ୟାତ କଲେ ଓ ଗୋବିନ୍ଦ ଦାସଙ୍କୁ ଶିଷ୍ୟ ରୂପେ ଗ୍ରହଣ କଲେ । ଅଲେଖାବଲମ୍ବୀମାନେ ବିଶ୍ୱାସ କରିଥିଲେ ଯେ ମହିମା ଗୋସାଇଁ ସ୍ୱୟଂ ଦେବାତ୍ମା ଓ ଅମର । କେତେକ ଅଲୌକିକ ଗୁଣ ଥିବା ଦେଖି ସେମାନେ ମହିମା ଗୋସାଇଁଙ୍କି ଦେବତା ବୋଲି ମାନି ତାଙ୍କ ଉପରେ ଦେବତ୍ୱ ଆରୋପ କରୁଥିଲେ ।"(୧୦) ଅନୁଗୋଳ ତହସିଲଦାର ବିଚ୍ଛନ୍ଦ ପଟ୍ଟନାୟକ ଉଲ୍ଲେଖ କରିଥିଲେ ଯେ- "ଏହି ଅଂଚଳରେ ମହିମା ଧର୍ମର ପ୍ରତିଷ୍ଠାତା ମହିମାଗୋସାଁଙ୍କୁ କୁହାଯାଏ । କଥିତ ଅଛି ଯେ ସେ ପ୍ରଥମେ ଖାସ୍ ମାହାଲରେ ବସବାସ କରୁଥିଲେ । ପରେ ସେ ପୁରୀରେ ବହୁକାଳ ପର୍ଯ୍ୟନ୍ତ ଧୂଳିଆବାବା ନାମରେ ନାମିତ ହୋଇ ବସବାସ କଲେ । ହିନ୍ଦୁ ଧର୍ମର ଗୋଟିଏ ସାଧୁ ସମ୍ପ୍ରଦାୟ, ଯେଉଁମାନେ ଦେହକୁ ଭସ୍ମାଚ୍ଛିଦ କରନ୍ତି, ସେମାନଙ୍କୁ ମଧ୍ୟ ଧୂଳିଆବାବା ନାମରେ ନାମିତ କରାଯାଇଥାଏ । ମହିମା ସ୍ୱାମୀ ତାଙ୍କ ଜୀବନର ଦ୍ୱିତୀୟ ପର୍ଯ୍ୟାୟରେ କପିଳାସରେ ବସବାସ କରିଥିବାର କୁହାଯାଏ । କପିଳାସ ଢେଙ୍କାନାଳର ଏକ ପବିତ୍ର ତୀର୍ଥକ୍ଷେତ୍ର ଅଟେ । ସେଇଠି ସେ ଫଳାହାରୀ ବାବଜୀ ନାମରେ ନାମିତ ହୋଇଥିଲେ । ସେ ବାର ବର୍ଷ କାଳ ଫଳାହାରୀ ଭାବରେ ଜୀବନ ଅତିବାହିତ କରିଥିଲେ । ଏହାପରେ ତାଙ୍କୁ କ୍ଷୀରନୀରପାୟୀ ନାମରେ ନାମିତ କରାଗଲା । ଆହୁରି ସେ ୧୨ ବର୍ଷ କ୍ଷୀରନୀରାହାରୀ ଭାବରେ ଅତିବାହିତ କରିଥିଲେ । ମହିମାସ୍ୱାମୀ ତାଙ୍କ ଜୀବନର ତୃତୀୟ ପର୍ଯ୍ୟାୟରେ ଅର୍ଥାତ ସେ ଯେତେବେଳେ କ୍ଷୀରନୀରାହାରୀ ଭାବରେ ଜୀବନ ଅତିବାହିତ କରୁଥିଲେ, ସେତେବେଳେ ସେ ଢେଙ୍କାନାଳର ସ୍ୱର୍ଗତଃ ରାଜାଙ୍କ ସଙ୍ଗେ ସାକ୍ଷାତ କରୁଥିଲେ । କଥିତ ଅଛି, ସ୍ୱର୍ଗୀୟ ଢେଙ୍କାନାଳ ରାଜାଙ୍କ ମାତା ମହିମାସ୍ୱାମୀଙ୍କୁ ଭକ୍ତି ପ୍ରଦର୍ଶନ ସ୍ୱରୂପ କ୍ଷୀର ଯୋଗାଇ ଦେଇଥିଲେ । ମହିମା ସ୍ୱାମୀ ତାଙ୍କ ଜୀବନର ତୃତୀୟ ପର୍ଯ୍ୟାୟରେଏହି ନୂତନ ଅଲେଖ ଧର୍ମ ଧାରଣା ସମ୍ପର୍କରେ ପ୍ରଚାର ଆରମ୍ଭ କରିଥିଲେ । ଅଲେଖ ବା ମହିମା ଶବ୍ଦର ଅର୍ଥ ହେଲା- ଯିଏ ଅଦୃଶ୍ୟ, ଆଣାକାର ଏବଂ ସଚରାଚର ବିଶ୍ୱବ୍ରହ୍ମାଣ୍ଡର ଏକମାତ୍ର ପ୍ରଭୁ ।

ସେ ପ୍ରଥମେ ଖୋର୍ଦ୍ଧାର ଦାରୁଠେଙ୍ଗାରେ ଏକ ଟୁଙ୍ଗୀ ବା ଉପାସନାସ୍ଥଳୀ ନିର୍ମାଣ କଲେ । ଏହି ଟୁଙ୍ଗୀ ପରେ ଭଙ୍ଗା ଯାଇ ବାଙ୍କୀର ମାଳବିହାରପୁରକୁ ସ୍ଥାନନ୍ତରିତ କରାଗଲା । ବର୍ତ୍ତମାନ (୧୮୮୧) ବାଙ୍କୀ ମାଳବିହାରପୁର ଟୁଙ୍ଗୀ ଧର୍ମାବଲମ୍ବୀମାନଙ୍କର ପବିତ୍ର ସ୍ଥାନ ରୂପେ ବିବେଚିତ ହୋଇଛି । ୧୮୮୬ ମସିହାରେ ଏହି ମାଳବିହାରପୁରରେ ଅଲେଖ ବା ମହିମା ଶବ୍ଦ ସ୍ୱତନ୍ତ୍ର ଭାବରେ ବ୍ୟବହୃତ ହୋଇଥିଲା । ମହିମାସ୍ୱାମୀ ଏଠାରେ ପବିତ୍ର ଧୂନିସ୍ଥାପନ କରିଥିଲେ । ଏହାକୁ ଅନାହୁତ ଧୂନି ବା ଅନିର୍ବାପିତ ଅଗ୍ନି

କୁହାଯାଉଥିଲା । ଏହି ଅନାହୁତ ଧୂନିସ୍ଥଳ ହିଁ ମହିମା ଉପାସନାର ଏକମାତ୍ର ନିର୍ଦ୍ଧାରିତ ସ୍ଥାନ ରୂପେ ବିବେଚିତ ହୋଇଥିଲା ଇତ୍ୟାଦି । ଏଥିରୁ ଜଣାଯାଏ ମହିମା ଗୋସେଇଁ ଓଡିଶାର । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ମହିମା ଧର୍ମର ଆଦି ଗ୍ରନ୍ଥମାନ ଓଡିଆ ଭାଷାରେ କଥାବାର୍ତ୍ତା କରି ଧର୍ମ ପ୍ରଚାର କରୁଥିବାରୁ ସେ ଓଡିଆ ବୋଲି ପ୍ରମାଣିତ ହେଉଛି ।"[୧୧] ଢେଙ୍କାନାଳ ରାଜ୍ୟର ମ୍ୟାନେଜର ବନମାଳୀ ସିଂ ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ ଯେ- ତାଙ୍କ ନାମ ମହିମାସ୍ୱାମୀ । ସେ ଜଣେ ଉତ୍ତମ ବ୍ୟକ୍ତିତ୍ୱର ବ୍ୟକ୍ତି ।[୧୨]

୧୯୧୫ ମସିହାରେ ଢେଙ୍କାନାଳରେ ଯୋରନ୍ଦା ସନ୍ନିକଟ କେତେକ ଗ୍ରାମରେ ଚାଲିଥିବା ଜମି ବନ୍ଦୋବସ୍ତରେ ମହିମା ଧାମର କେତେକ ଜମି ରେକର୍ଡରେ ତାଙ୍କ ନାମ ମହିମା ଗୋସାଇଁ ବୋଲି ଉଲ୍ଲେଖ ଅଛି । ମୋହରିର ହାଡିବନ୍ଧୁ ମହାନ୍ତି ଢେଙ୍କାନାଳ ରାଜ ଦରବାରକୁ ଏକ ପତ୍ର ଲେଖିଥିଲେ- "ଅଡିଣ୍ଡାବିସ ନାଟିମା ମୌଜାରେ ମହିମା ଗୋସାଇଁଙ୍କର ନାମରେ ମା୩/୧ ଜମି ଥିଲା । ହାଲଖାନାପୁରିରେ ମା୫୦/୦ ଗୁଣ୍ଠ ଜରିପ ହୋଇଛି ।" ସେହିପରି ଯୋରନ୍ଦା ମଠର ଜଣେ ବାବାଜୀ ଏକ ଦରଖାସ୍ତରେ ଉଲ୍ଲେଖ କରିଥିଲେ- "ଯୋରନ୍ଦା ମଉଜା ଓ ନାଟିମା ମଉଜାସ୍ଥ ପହି ଶ୍ରୀମହିମା ଗୋସାଇଁଙ୍କ ନାଖରାଜ ମନ୍ଦିର ଆଦି ମା ୫୨/୧୧ ଗୁଣ୍ଠ ଜମି ସ୍ୱର୍ଗୀୟ ରାଜାସାହେବ ସୁର ପ୍ରତାପ ରାଣୀ ସାହେବାଙ୍କ ବନ୍ଦୋବସ୍ତରେ ଶ୍ରୀମହିମାଗାଦି ମାରଫରଦାର ବାବଜୀ କୃପାସିନ୍ଧୁ ଦାସବାବଜୀଙ୍କ ନାମରେ ଜରିବ କରାଯାଇଥିଲା । ପରବର୍ତ୍ତୀ ସମୟରେ ମହିମା ଧର୍ମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଚାଲିଥିବା କନ୍ଦଳରେ ମହିମା ସ୍ୱାମୀଙ୍କ ନାମ ବାରମ୍ବାର ଉଲ୍ଲେଖ ଥିବାର ଜଣାଯାଏ ।"[୧୩]

ଉପରୋକ୍ତ ତଥ୍ୟ ଗୁଡ଼ିକରୁ ଏହି ସିଦ୍ଧାନ୍ତରେ ଉପନୀତ ଯେ- ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସାଇଁଙ୍କ ନାମ ପର୍ଯ୍ୟାୟ କ୍ରମେ ମୁକୁନ୍ଦ ଦାସ, ଧୂଳିଆବାବା, ଫଳାହାରୀ, କ୍ଷୀରନୀରାହାରୀ, ବାୟୁ ଆହାରୀରୁ ମହିମା ଗୋସାଇଁ ହୋଇଛି । ବାବାଙ୍କର ଅଲୌକିକ ମହିମା ଯୋଗୁଁ ଲୋକ ପ୍ରଚଳିତରେ ତାଙ୍କ ନାମ ମହିମା ଗୋସାଇଁ ହୋଇ ଥାଇପାରେ ।

ସହାୟକ ଗ୍ରନ୍ଥସୂଚୀ :

୧. ବାବା ବିଶ୍ୱନାଥ : ସତ୍ୟ ମହିମାଧର୍ମର ଇତିହାସ, ଉତ୍କଳ ସତ୍ୟ ମହିମା ଧର୍ମାଲୋଚନା ସମିତି, ୪ର୍ଥ ସଂସ୍କରଣ- ୧୯୭୮, ପୃ-୨ ।

୨. ବାବା ବିଶ୍ୱନାଥ : ସତ୍ୟ ମହିମାଧର୍ମ ପ୍ରତିପାଦକ (୧ମ ଖଣ୍ଡ), ଉତ୍କଳ ବିଶ୍ୱବିଦ୍ୟାଳୟ, ଚତୁର୍ଥ ସଂସ୍କରଣ-୧୯୭୧, ପୃ-୩-୧୩ ।

୩. ପଣ୍ଡା ପ୍ରଦୀପ୍ତ କୁମାର : ଓଡ଼ିଶାର ଧର୍ମଧାରା, ବୁକ୍ସ ଏଣ୍ଡ ବୁକ୍ସ, ବିନୋଦ ବିହାରୀ, କଟକ-୭୫୩୦୦୨, ୧୯୯୦, ପୃ-୨୬୫ ।

୪. ବାବା ବିଶ୍ୱନାଥ : ପୂର୍ବ ସୂଚିତ ଗ୍ରନ୍ଥ, ପୃ-୬-୪୭ ।

୫. ଉତ୍କଳ ଦୀପିକା : ୨ୟ ଭାଗ- ତା ୧.୦୬.୧୮୬୭ ।

୬. ଉତ୍କଳ ଦୀପିକା : ୮ମ ଭାଗ ୩୬ ସଂଖ୍ୟା, ୦୬.୦୯.୧୮୭୩ ।

୭. ପୂର୍ବ ସୂଚିତ ପତ୍ରିକା : ୧୬ଶ ଭାଗ ୪୬ ସଂଖ୍ୟା, ୧୯.୧୧.୧୮୮୧ ।

୮. ଦାସଚିତ୍ତରଞ୍ଜନ: ଓଡ଼ିଶାର ମହିମା ଧର୍ମ । ଓଡ଼ିଆ ଗବେଷଣା ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ- ୧ମ ପ୍ରକାଶ-୧୯୫୨, ପୃ-୯୬ ।

୯. ମୁଖାର୍ଜୀ ପ୍ରଭାତ କୁମାର : ମହିମା ସ୍ୱାମୀ । (ପୌରୁଷ, ସେପ୍ଟେମ୍ବର, ୧୯୭୭) ।

୧୦. ବାଙ୍କୀ ତହସିଲଦାରଙ୍କ ଚିଠି ନଂ- ୫୧୩, ତା ୬.୮.୧୮୮ ।

୧୧. ନେପାକ ଭାଗିରଥି : ମହିମା ଗୋସାଇଁ, ମହିମା ପ୍ରକାଶନ, ଭୁବନେଶ୍ୱର-୧୫, ୩ୟ ସଂସ୍କରଣ, ପୃ-୩୩-୩୪ ।

୧୨. A. Eschmann : Mahima Dharma (The Cult of Jagannath and the Regional Tradition of Orissa-1978), Chapter-XX, P-385.

୧୩. ଦାସ ରାମଚନ୍ଦ୍ର : କାବ୍ୟ ଚତ୍ୱରରେ ଓଡ଼ିଶାର ଧର୍ମଧାରଣା- ବିଜୟିନୀ ପବ୍ଲିକେସନ, ଶଙ୍କରପୁର, କଟକ-୧୨, ୧ମ ପ୍ରକାଶ-୨୦୧୨, ପୃ-୧୪୬ ।

ସହକାରୀ ପ୍ରାଧ୍ୟାପକ

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X (P), **Vol.- 10, Issue No.II, May 2024**
Bastabatara Pariprakash Prachee
Peer Reviewed and Referred Research Journal

ଅସ୍ତିତ୍ୱବାଦୀ ଚିନ୍ତନର ସଫଳ ଚିନ୍ତାନାୟକ ଗାଳ୍ପିକ ରବି ପଟ୍ଟନାୟକ

ଡକ୍ଟର ସ୍ୱପ୍ନାରାଣୀ ସିଂହ

ଓଡିଆ ଗଳ୍ପ ସାହିତ୍ୟ ଜଗତ ଯେଉଁ ବିନ୍ଧାଣୀମାନଙ୍କ ଦ୍ୱାରା ପରିପୃଷ୍ଟ ହୋଇଛି ସେମାନଙ୍କ ମଧ୍ୟରୁ ଗାଳ୍ପିକ ରବି ପଟ୍ଟନାୟକ ହେଉଛନ୍ତି ଅନ୍ୟତମ । ଆଧୁନିକ ଓ ଉତ୍ତର ଆଧୁନିକ କାଳରେ ଓଡିଆ ସାହିତ୍ୟରେ ହୋଇଥିବା ବହୁଗୁଡିଏ ନୂତନ ପରୀକ୍ଷା ନିରୀକ୍ଷାକୁ ଶ୍ରୀଯୁକ୍ତ ପଟ୍ଟନାୟକ କେବଳ ଉପଲବ୍ଧି କରିନାହାନ୍ତି ତାହାର ସଫଳ ପ୍ରୟୋଗ ମଧ୍ୟ ତାଙ୍କ ଗଳ୍ପଗୁଡିକୁ ରୁଦ୍ଧିମନ୍ତ କରିଛି । ନିଉଟନଙ୍କର ଗତିର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ନିୟମ (Newton's First, Second and Third Law of Motion), ରଚନାତ୍ମକ ଦୃଶ୍ୟ (Creative Visualisation) ଭଳି ବିଜ୍ଞାନ ଠାରୁ ଆରମ୍ଭ କରି ନାରୀବାଦ, ନାରୀ ଓ ପୁରୁଷ ମଧ୍ୟର ବିବାଦ (Biological Conflict), ମନସ୍ତତ୍ତ୍ୱ, ଉତ୍ତର- ମନସ୍ତତ୍ତ୍ୱ ଏବଂ ବାମପନ୍ଥୀ ଚିନ୍ତାଧାରା ଆଦିର ସଫଳ ପ୍ରୟୋଗ ତାଙ୍କ ଗଳ୍ପ ଗୁଡିକରେ ଦେଖିବାକୁ ମିଳେ । ଏହି ଦୃଷ୍ଟିକୋଣରୁ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ଦ୍ୱାରା ରଚିତ ଗଳ୍ପଗୁଡିକ କେତେକ ସଂକଳନ ଯେପରି ଅସାମାଜିକର ଡାଏରୀ (୧୯୬୪), ଅନ୍ଧଗଳିର ଅନ୍ଧକାର (୧୯୭୨), ରାଗ ତୋଡି (୧୯୭୯), ବହୁରୂପୀ (୧୯୭୯), ହିରଣ୍ୟଗର୍ଭ (୧୯୮୨), ଗଳ୍ପ (୧୯୮୨), ବିଷୁବରେଖା (୧୯୮୩), ରାଜାରାଣୀ (୧୯୮୭), ବନ୍ଧ୍ୟା ଗାନ୍ଧାରୀ (୧୯୮୮), ଅମରିଲତା (୧୯୯୦), ବିଚିତ୍ରବର୍ଣ୍ଣା (୧୯୯୧), ଛାୟାପୁତ୍ରର କାଳ (୧୯୯୧) ଆଦିରେ ପ୍ରକାଶିତ । ଉପରବର୍ଣ୍ଣିତ ଚିନ୍ତାଧାରାଗୁଡିକ ମଧ୍ୟରୁ ଯେଉଁ ଚିନ୍ତାଧାରାଟି ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ ବିଶେଷ ଭାବେ ପ୍ରଭାବିତ କରିଛି ତାହା ହେଉଛି ଉଭୟ ଆଧୁନିକ ଓ ଉତ୍ତର ଆଧୁନିକ କାଳରେ ପକ୍ଷବିସ୍ତାର କରିଥିବା ଏକ ପ୍ରଭାବଶାଳୀ ଦର୍ଶନ Existentialisma ଅସ୍ତିତ୍ୱବାଦ । ତେଣୁ ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ଗଳ୍ପଗୁଡିକୁ ଏହି ଧାରାରେ ବୁଝିବା ପାଇଁ ପ୍ରଥମେ ଅସ୍ତିତ୍ୱବାଦ ଦର୍ଶନ ଉପରେ ସାମାନ୍ୟ ଦୃଷ୍ଟିପାତ କରାଯାଇପାରେ ।

ସଂପ୍ରତି ବିଶ୍ୱ ସାହିତ୍ୟରେ ଦେଖା ଦେଇଥିବା ବହୁଗୁଡିଏ ନୂତନ ଚିନ୍ତାଚେତନା ମଧ୍ୟରେ ଅସ୍ତିତ୍ୱବାଦ ହେଉଛି ଏକ ପ୍ରମୁଖ ଚିନ୍ତନ । ମାତ୍ର ବୃହତ୍ତ ଅର୍ଥରେ କହିବାକୁ ଗଲେ ଅଥବା ବୁଝିବାକୁ ଗଲେ ଅସ୍ତିତ୍ୱବାଦ କୌଣସି 'ବାଦ' ନୁହେଁ । କାରଣ ବାଦ କହିଲେ ଜନ୍ମ ନିଏ ଏକ ସମ୍ପ୍ରଦାୟ । ଯାହା ଅସ୍ତିତ୍ୱବାଦୀ ଚିନ୍ତନ କ୍ଷେତ୍ରରେ ଲକ୍ଷଣୀୟ ହୋଇ ନଥାଏ । କାରଣ ଅସ୍ତିତ୍ୱବାଦ କହିଲେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଚିନ୍ତାଧାରାକୁ ବୁଝାଇ ନଥାଏ । ପୁନଶ୍ଚ ଅସ୍ତିତ୍ୱବାଦୀ ଦାର୍ଶନିକ ସମସ୍ତେ ପ୍ରାୟତଃ ଭିନ୍ନଭିନ୍ନ ଚିନ୍ତାଧାରା ପ୍ରକାଶ କରିଥାଆନ୍ତି । ତେଣୁ ଏହାର ଗୋଟିଏ ନିର୍ଦ୍ଦିଷ୍ଟ ସ୍କୁଲ ଥିବା ଜଣାଯାଇ ନଥାଏ । ଏହିଭଳି କେତେକ କାରଣରୁ ଆଜି ଅସ୍ତିତ୍ୱବାଦୀ ଚିନ୍ତାଧାରାକୁ କେନ୍ଦ୍ରକରି ଅନେକ ବିବାଦ ଦେଖିବାକୁ ମିଳେ । ଅନେକ ସମାଲୋଚକ ତେଣୁ ଏହାକୁ ଏକ ସକାରାତ୍ମକ ଦର୍ଶନ ଅପେକ୍ଷା ନକାରତ୍ମକ ଦର୍ଶନ ଭାବେ ପ୍ରତିଫଳିତ କରିଥାଆନ୍ତି । କେତେକ ପୁଣି ଏହାକୁ ଏକ 'କଟ୍ଟରପନ୍ଥୀ ବ୍ୟକ୍ତିବାଦ' ତ କେତେକ 'ନିରାଶାବଦୀ ଦର୍ଶନ' ବୋଲି କହି ଥାଆନ୍ତି । ସାଧାରଣତଃ ଏହାକୁ ଏକ ନକାରାତ୍ମକ ଦର୍ଶନ ଭାବେ ଗ୍ରହଣ କରାଯିବା ପଛରେ କେତେକ କାରଣ ଥିବା ଜଣାଯାଏ । ପ୍ରଥମତଃ ଏହା ଏକ ନୂତନ ଦର୍ଶନ । ବିଂଶ ଶତାବ୍ଦୀର ଦ୍ୱିତୀୟ ଅଥବା ତୃତୀୟ ଦଶକ ଅର୍ଥାତ୍ ୧୯୪୦/୧୯୫୦ ମଧ୍ୟରେଏହି ଦର୍ଶନର ଆର୍ବିଭାବ ଘଟିଛି । (୧,୨,୩) ତେଣୁ ଏହାର ପ୍ରତ୍ୟେକଟି ପକ୍ଷକୁ ବୁଝିବା

ସମୟସାପେକ୍ଷ । ତେଣୁ ଅଧିକାଂଶ କେବଳ ଏହାର ଗୋଟିଏ ଦିଗକୁ ପରଖି ନିଜର ମତପ୍ରକାଶ କରିଥାଆନ୍ତି । ଦ୍ୱିତୀୟତଃ ଅସ୍ତିତ୍ୱବାଦୀ ମାନଙ୍କର ମୃତ୍ୟୁ ପ୍ରତି ସକାରାତ୍ମକ ଦୃଷ୍ଟିଭଙ୍ଗୀ ବା Death Reality (୪) ଭଳି ଚିନ୍ତନ ଏହି ଦର୍ଶନକୁ ନକାରାତ୍ମକରେ ପରିଣତ କରିଛି । ତୃତୀୟତଃ ଦର୍ଶନ ସର୍ବଦା ସାହିତ୍ୟକୁ ପ୍ରଭାବିତ କରିଥାଏ । ଅନ୍ୟ ଭାବେ କହିଲେ ଦର୍ଶନର ଆବିର୍ଭାବ ହେବାପରେ ସାହିତ୍ୟରେ ତା'ର ପ୍ରୟୋଗ ହୋଇଥାଏ । ମାତ୍ର ଅସ୍ତିତ୍ୱବାଦ ହେଉଛି ଏକ ଏପରି ଦର୍ଶନ ଯାହାର ସାହିତ୍ୟିକ ରୂପ ପରେ ଦର୍ଶନ ହୋଇଛି ଏବଂ ବିକଶିତ ହେବାପରେ ଏହା ପୁଣି ସାହିତ୍ୟକୁ ପ୍ରଭାବିତ କରିଛି । ଏହିଭଳି ବିଭିନ୍ନ କାରଣକୁ ବାଦ୍ ଦେଇ ଯଦି ଏହି ଦର୍ଶନର ଗଭୀରତାକୁ ପ୍ରବେଶ କରାଯାଏ ତେବେ ଏହି ଦର୍ଶନର ସକାରାତ୍ମକ ଦିଗଟିକୁ ଜାଣିବା ସମ୍ଭବ ହୋଇପାରିବ । ସାଧାରଣତଃ ଏହି ଦର୍ଶନର ଆବିର୍ଭାବ ମୂଳରେ ଥିଲା ହେଗେଲଙ୍କର ବ୍ରହ୍ମବାଦ (Absolute Idealism) ଏବଂ ଅତ୍ୟନ୍ତ ବୁଦ୍ଧିବାଦ । ଗୋଟିଏ ସମୟରେ ହେଗେଲଙ୍କର ଦର୍ଶନ ଫଳରେ ମଣିଷର ସମସ୍ତ ସ୍ୱତନ୍ତ୍ରତା ନଷ୍ଟ ହୋଇଗଲା । ମଣିଷ ହେଉଛି ଭଗବାନ ହାତର କ୍ରୀଡାନକ ବୋଲି ପ୍ରମାଣ କଲେ ହେଗେଲ୍ । ହେଗେଲଙ୍କର ଏହି ଦର୍ଶନକୁ କୁହାଗଲା 'Panlogism' ସେ ଉକ୍ତି ପ୍ରଦାନ କଲେ ଯେ- "The universe is the act or realization of logos, and therefore logic and ontology are the same study".(୫) Logic ପରମ ସତ୍ୟ ଏବଂ ମଣିଷ ଯିଏକି Emotion ସେ ହେଉଛି Logic ହାତର ଖେଳନା । ସେ ମଣିଷର ସବୁ ସ୍ୱତନ୍ତ୍ରତା ନଷ୍ଟ କରିଦେଲେ । ଏହାଦ୍ୱାରା ସମଗ୍ର ୟୁରୋପରେ ଦେଖା ଦେଲା ଏକ ବିଦ୍ରୋହ ଯାହାକୁ କୁହାଗଲା 'Romantic Reaction Against Hegel' ଏବଂ ଏହାରି ମାଧ୍ୟମରେ ହେଗେଲଙ୍କର ସିଦ୍ଧାନ୍ତକୁ ଭାଙ୍ଗିବାକୁ ଉଦ୍ୟମ କରାଗଲା । ଏହି ପ୍ରତିକ୍ରିୟାରୁ ସୃଷ୍ଟି ବିଭିନ୍ନ ଦର୍ଶନ ମଧ୍ୟରୁ ଅସ୍ତିତ୍ୱବାଦ ହେଉଛି ଏକ ପ୍ରମୁଖ ଦର୍ଶନ । ସମଗ୍ର ବିଶ୍ୱରେ ସୃଷ୍ଟି ଶହ ଶହ ଦର୍ଶନ ମଧ୍ୟରୁ ବଞ୍ଚିତ ଓ ଅବହେଳିତ ବ୍ୟକ୍ତି ଏବଂ ବ୍ୟକ୍ତିର ବ୍ୟକ୍ତିତ୍ୱ ବା ବ୍ୟକ୍ତିସତ୍ତାକୁ କେନ୍ଦ୍ରକରି ଗଢିଉଠିଥିଲା ଏହି ଦର୍ଶନ । ମଣିଷ ମୁକ୍ତ ସେ କାହାର ଦାସ ନୁହେଁ । ମଣିଷ ଯେଉଁଦିନ ଏହି କଥାକୁ ଅନୁଭବ କରିବ ସେହିଦିନ ମଣିଷ ଜାତିର କଲ୍ୟାଣ ସାଧନ ହେବ । ଏପରିକି ଅସ୍ତିତ୍ୱବାଦୀ ସାତ୍ରେ କହିଛନ୍ତି- "Man is condemned to be free"(୬) ସ୍ୱାଧୀନତା ମଣିଷର ଭାଗ୍ୟ । ତେଣୁ Existence precedes essence ଅସ୍ତିତ୍ୱ ପ୍ରଥମେ ସାର ପରେ ଯାହା ଜଡ ତାହାର ସାର ବା ତତ୍ତ୍ୱ ପ୍ରଥମେ ଆସେ ଏବଂ ଅସ୍ତିତ୍ୱ ପରେ ଆସେ । ମାତ୍ର ମନୁଷ୍ୟ କ୍ଷେତ୍ରରେ ଏପରି ହୁଏନି । ମଣିଷ ପ୍ରଥମେ ଅସ୍ତିତ୍ୱବାନ ହୁଏ ଓ ପରେ ସାର ଆସେ ଅର୍ଥାତ୍ ମଣିଷ ନିଜେ ସ୍ଥିର କରେ ସେ କିଏ ଏବଂ ସେ କଣ କରିବ । ତେଣୁ ଏହି ଦର୍ଶନ ବ୍ୟକ୍ତିର ଅସ୍ତିତ୍ୱ, ସ୍ୱାଧୀନତା ଓ ସ୍ୱତନ୍ତ୍ର ଚିନ୍ତନକୁ ଗୁରୁତ୍ୱ ଦେଇଥାଏ । ମଣିଷ ଗୋଟିଏ ଜାତି । ମାତ୍ର ବ୍ୟକ୍ତି ଏକ ସ୍ୱତନ୍ତ୍ର ସତ୍ତା । ତେଣୁ ମଣିଷ ପାଇଁ କୌଣସି ସାର୍ବଭୌମିକ ନିୟମ ବନା ଯାଇପାରିବ ନାହିଁ (There is no universal law for human behaviour) । ତେଣୁ ଆରିଷ୍ଟୋଟଲଙ୍କର –'Man is rational animal' ଏବଂ ରଷୋଙ୍କର 'Man is a political animal' ଭଳି ମତ ଏ କ୍ଷେତ୍ରରେ ଅଗ୍ରହଣୀୟ । ଏହି ରୂପେ ଅସ୍ତିତ୍ୱବାଦୀମାନେ ପ୍ରତ୍ୟେକଟି ବ୍ୟକ୍ତିର ଇଛା, ବିଚିତ୍ରତା, ବ୍ୟକ୍ତିଗତ ବିଭିନ୍ନତାକୁ ଗୁରୁତ୍ୱ ଦେବା ସହ ବ୍ୟକ୍ତିକୁ ନ୍ୟୁନ କରୁଥିବା ପ୍ରତ୍ୟେକଟି ଉପାଦାନ ଏପରିକି ବିଜ୍ଞାନକୁ ମଧ୍ୟ ବିରୋଧ କରିଥିଲେ । ବୃହତ ଅର୍ଥରେ କହିବାକୁ ଗଲେ ଅସ୍ତିତ୍ୱବାଦୀମାନେ ବିଶେଷକରି ବିଜ୍ଞାନବାଦ ବା Scientismକୁ ବିରୋଧ କରୁଥିଲେ । ଅସ୍ତିତ୍ୱବାଦୀଙ୍କ ମତରେ ମନୁଷ୍ୟ ବ୍ୟକ୍ତିତ୍ୱର ବିକାଶ ପାଇଁ, ବିକାଶରେ ସ୍ୱାଧୀନତା ପାଇଁ ଓ ବଞ୍ଚିବାରେ ଦାସତ୍ୱର ଭାର ଲଘୁ କରିବା ପାଇଁ ବିଜ୍ଞାନର ଉଦ୍ଭାବନ କରିଥିଲା । ମନୁଷ୍ୟ ପ୍ରକୃତିର ବିପୁଳ ଶକ୍ତିକୁ ବିଜୟ କରିବାକୁ ଚାହିଁଥିଲା ନିଜର ସ୍ୱାଧୀନତା ପାଇଁ, କିନ୍ତୁ ଏହି ବିଜ୍ଞାନ ମଣିଷର ଦାସ ହେବା ସ୍ଥଳେ ମଣିଷକୁ କରିଛି ଦାସ । ତେଣୁ ଅସ୍ତିତ୍ୱବାଦୀମାନଙ୍କ ମତରେ ମଣିଷ ପାଇଁ ଏକ ନୂତନ ବିଜ୍ଞାନର ଆବଶ୍ୟକତା ରହିଛି । ଯେଉଁଠି ବିଜ୍ଞାନ ନୁହେଁ ମଣିଷର ଅସ୍ତିତ୍ୱ ବଜାୟ ରହିବ । ପୁନଶ୍ଚ ମନୁଷ୍ୟର ବ୍ୟବହାର ଅଥବା ପ୍ରବୃତ୍ତିକୁ ବୁଝିବା ପାଇଁ ମନସ୍ତତ୍ତ୍ୱବିତ୍‌ମାନେ ଯେପରି ପଶୁର ସାହାଯ୍ୟ ନେଇଛନ୍ତି । ବିଶେଷକରି ମୂଷା ଓ କୁକୁଡା ଭଳି ପ୍ରାଣୀଙ୍କ ଉପରେ ପରୀକ୍ଷଣ କରି ମନସ୍ତତ୍ତ୍ୱବିତ୍ ମେସ୍‌ଲୋ ପ୍ରଦାନ କରିଥିବା ସିଦ୍ଧାନ୍ତ 'Hierarchy of needs' ରେ ମଣିଷର ପାଞ୍ଚଟି ଆବଶ୍ୟକତାର ପର୍ଯ୍ୟାୟ Psychological needs (ମନସ୍ତାତ୍ତ୍ୱିକ ଆବଶ୍ୟକତା) Safety needs (ସୁରକ୍ଷିତ ଆବଶ୍ୟକତା) Love and belonging (ପ୍ରେମ ଓ ସଂବନ୍ଧ), Esteem (କିର୍ତ୍ତୀ), Self-Actualization (ଆତ୍ମବୋଧ),(୭) କୁ ମଧ୍ୟ ଅସ୍ତିତ୍ୱବାଦୀମାନେ ବିରୋଧ କରିଛନ୍ତି । କାରଣ ବୃହତ୍ତ ଦୃଷ୍ଟିରୁ ଆଲୋଚନା କଲେ

ପ୍ରଥମତଃ ମଣିଷ ଓ ପଶୁ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । ମଣିଷ ନିଜ ପରିବେଶ ଓ ପରିସ୍ଥିତି ଅନୁରୂପ ବ୍ୟବହାର କରିଥାଏ । ଯାହାକି ପଶୁକ୍ଷେତ୍ରରେ ଲକ୍ଷଣୀୟ ହୋଇନଥାଏ । ଦ୍ୱିତୀୟତଃ ଯଦି ବି ମଣିଷକୁ କେନ୍ଦ୍ରକରି କୌଣସି ପରୀକ୍ଷଣ କରାଯାଏ ତା ମାଧ୍ୟମରେ କିନ୍ତୁ ପ୍ରତ୍ୟେକଟି ବ୍ୟକ୍ତିକୁ କଳି ପାରିବା ଅସମ୍ଭବ । ଅନ୍ୟ ଭାବେ କହିଲେ ଗୋଟିଏ ପରୀକ୍ଷଣକୁ ପ୍ରତିଟି ବ୍ୟକ୍ତି ଉପରେ ଆରୋପ କରିବା ସମ୍ଭବ ନୁହେଁ । ଏହିଭଳି ବୈଚିତ୍ରରେ ପରିପୂର୍ଣ୍ଣ ମଣିଷକୁ କିନ୍ତୁ ଏତେକାଳ ପର୍ଯ୍ୟନ୍ତ କୌଣସି ଦର୍ଶନରେ ଗୁରୁତ୍ୱ ନ ଦେବା ବାସ୍ତବିକ ଆଶ୍ଚର୍ଯ୍ୟର ପ୍ରସଙ୍ଗ । ଏହା ପାଇଁ କିନ୍ତୁ ପ୍ରକୃତରେ ବିଚାର କରିବାକୁ ଗଲେ ଆଉ କେହି ନୁହେଁ ବ୍ୟକ୍ତି ନିଜେ ହିଁ ଦାୟୀ । ମଣିଷ ନିଜ ଭୁଲ୍ ଓ ଦୁର୍ବଳତାକୁ ଲୁଚାଇବା ପାଇଁ ଯେଉଁ ଉପାଦାନ ସୃଷ୍ଟି କଲା ତାହାର ନାମ ଦେଲା ଈଶ୍ୱର । ତେଣୁ ବ୍ୟକ୍ତିକୁ ଆତ୍ମନିର୍ଭରଶୀଳ କରିବାପାଇଁ ଅସ୍ତିତ୍ୱବାଦୀମାନେ ଏହି ଈଶ୍ୱରକୁ ମାରିବା ପ୍ରସଙ୍ଗ ଉତ୍ଥାପିତ କରିଥିଲେ । ଯାହାପାଇଁ ବିଶେଷକରି ଏହି ଦର୍ଶନକୁ ବିରୋଧ କରାଯିବା ସହ ଏହାକୁ ଏକ ନକାରାତ୍ମକ ଦର୍ଶନ ପର୍ଯ୍ୟାୟରେ ସ୍ଥାନିତ କରାଗଲା । ମାତ୍ର ବାସ୍ତବରେ କିରକେ ଗାର୍ଡଙ୍କ ଭଳି ଅସ୍ତିତ୍ୱବାଦୀଙ୍କର ଏହି ମୃତ ଭଗବାନ ମନ ଭିତରର ବା ବିଶ୍ୱାସର ଭଗବାନ ନୁହେଁ । ଏହା ହେଉଛି ଧର୍ମସଂସ୍ଥା ଦ୍ୱାରା ବ୍ୟକ୍ତିକୁ ପଙ୍ଗୁ କରିବା ପାଇଁ ଏବଂ ବ୍ୟକ୍ତି ନିଜେ ଭୁଲ୍ କରି ଆତ୍ମଗୋପନ କରିବା ପାଇଁ ସୃଷ୍ଟି କରିଥିବା ଭଗବାନ । ଏହା ବ୍ୟତୀତ ଅସ୍ତିତ୍ୱବାଦୀଙ୍କୁ ବିରୋଧ କରାଯିବାର ଆଉ ଏକ ବିରାଟ କାରଣ ହେଉଛି ମୃତ୍ୟୁ ପ୍ରତି ସେମାନଙ୍କର ସକାରତ୍ମକ ଦୃଷ୍ଟିଭଙ୍ଗୀ ବା ମୃତ୍ୟୁ ହିଁ ବାସ୍ତବ ସତ୍ୟ ଭଳି ମତ । ଏହି ଦୃଷ୍ଟିକୋଣରୁ କିନ୍ତୁ ଅସ୍ତିତ୍ୱବାଦୀମାନଙ୍କୁ ନୂତନ ବୋଲି କୁହାଯାଇ ନ ପାରେ । କାରଣ ଏହାର ଦୃଷ୍ଟାନ୍ତ ଆମର ପୁରାଣ ଗ୍ରନ୍ଥମାନଙ୍କରେ ପୂର୍ବରୁ ଦେଖିବାକୁ ମିଳେ । ଦୃଷ୍ଟାନ୍ତ ସ୍ୱରୂପ 'କଠୋପନିଷେଦ'ରେ ବର୍ଣ୍ଣିତ ଯମ ଓ ନଚିକେତା ସମ୍ବାଦ ଉପରେ ସାମାନ୍ୟ ଆଲୋଚନା କରାଯାଇପାରେ ।(୮,୯) କେବଳ ମୃତ୍ୟୁ ନୁହେଁ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଅସ୍ତିତ୍ୱକୁ କେନ୍ଦ୍ରକରି କେତେକ ଅସ୍ତିତ୍ୱବାଦୀ ପ୍ରଦାନ କରିଥିବା ମତର ନିଦର୍ଶନ ମଧ୍ୟ ଏଥିରେ ଲକ୍ଷଣୀୟ । ଯମରାଜ ନଚିକେତାଙ୍କୁ ପ୍ରଦାନ କରିଥିବା ଚାରୋଟି ବରଦାନ ମଧ୍ୟରୁ ତୃତୀୟ ବରଦାନରେ ନଚିକେତା ଯମଙ୍କୁ ଜନ୍ମ ଓ ମୃତ୍ୟୁର ରହସ୍ୟ ସଂପର୍କରେ ପ୍ରଶ୍ନ କରିଥିଲେ । ଏହି ପ୍ରଶ୍ନ ଶୁଣି ଯମ ଉତ୍ତର ଦେଇଥିଲେ ଯେ, ଏହି ପ୍ରଶ୍ନ ଦେବତାମାନଙ୍କ ପାଇଁ ମଧ୍ୟ ଦୁର୍ଲଭ ତେଣୁ ତୁମେ ଏହା ବଦଳରେ ଅନ୍ୟ କିଛି ବର ମାଗି ପାର । ଏପରିକି ଯମରାଜ ନଚିକେତାଙ୍କୁ ବହୁ ଶ୍ରେଷ୍ଠ ଜିନିଷର ଲୋଭ ମଧ୍ୟ ଦେଇଥିଲେ । ହେଲେ ନଚିକେତା ନିଜ ପ୍ରଶ୍ନରେ ଅଟଳ ରହିବାରୁ ଯମରାଜଙ୍କୁ ଏହି ରହସ୍ୟ ନଚିକେତାଙ୍କୁ କହିବାକୁ ପଡିଥିଲା । ଯମରାଜ କହିଥିଲେ ଜୀବାତ୍ମାର ବିକାଶର ଚାରୋଟି ଅବସ୍ଥା ରହିଛି । ଯଥା ହଂସ, ବସୁ, ହୋତା ଏବଂ ଅତିଥି । ଯେତେବେଳେ ଜୀବାତ୍ମାର ଉତ୍ତୋରତ୍ତର ବିକାଶ ଘଟେ ସେତେବେଳେ ସେ ଏହି ଅବସ୍ଥା ମଧ୍ୟଦେଇ ଗତିକରେ । ଜୀବାତ୍ମା 'ହଂସ' ଭଳି ଜୀବନ ଅତିବାହିତ କରିବା ଉଚିତ୍ । ଅର୍ଥାତ୍ ହଂସ ଭଳି ପାଣିରେ ରହି ମଧ୍ୟ ନ ଭିଜିବା ବା ଅନ୍ୟ ଭାବେ କହିଲେ ଜୀବାତ୍ମା ସଂସାରରେ ରହି ମଧ୍ୟ ସଂସାରରେ ଲିପ୍ତ ନ ହେବା ଜୀବାତ୍ମାର ପ୍ରଥମ ବିକଶିତ ଅବସ୍ଥା । ଅସ୍ତିତ୍ୱବାଦୀମାନେ ମଧ୍ୟ ସଂସାର, ପରିବାର ଆଦି ଅପେକ୍ଷା ନିଜର ଅସ୍ତିତ୍ୱକୁ ଗୁରୁତ୍ୱ ଦେଇ ଥାଆନ୍ତି ଏବଂ ସଂସାରରେ ରହି ମଧ୍ୟ ନିଜ ଭିତରେ ହିଁ ଲିପ୍ତ ରହିବାରେ ବିଶ୍ୱାସୀ । 'ବସୁ' ଅବସ୍ଥାରେ ମଣିଷ ନିଜ ସହ ଅନ୍ୟର କଲ୍ୟାଣ ମଧ୍ୟ କରିଥାଏ । ଏହି ଦୃଷ୍ଟିକୋଣରୁ ବିଚାର କଲେ ପ୍ରକୃତ ଅସ୍ତିତ୍ୱବାନ ମଣିଷ ନିଜ ସହ ସଂସାର ବିଷୟରେ ମଧ୍ୟ ଚିନ୍ତା କରିଥାଏ । ଯଦି ସେ ସଂସାରର ଦାୟିତ୍ୱ ନିଏ ତେବେ ସେ ସଂସାରର ମଙ୍ଗଳ ପାଇଁ ଯେପରି ନିଜକୁ ସାବାସି ଦିଏ ସେହିପରି କୌଣସି ବିପର୍ଯ୍ୟୟ ପାଇଁ ମଧ୍ୟ ନିଜକୁ ହିଁ ଦାୟୀ କରେ । ହାଇଡଗାର ଓ ତାଙ୍କ ଦର୍ଶନରେ ବିଶ୍ୱାସ କରୁଥିବା ଅସ୍ତିତ୍ୱବାଦୀମାନେ ଏହିଭଳି ମତକୁ ସ୍ୱୀକାର କରିଥାଆନ୍ତି । 'ହୋତା' କହିଲେ ଯଜ୍ଞରେ ଆହୁତି ଦେବାକୁ ବୁଝାଏ । ଯେପରି ଯଜ୍ଞରେ ଆହୁତି ଦିଆଯାଏ ସେହିପରି ମଣିଷ ଯେତେବେଳେ ନିଜକୁ ସମାଜ ପାଇଁ ଅର୍ପଣ କରେ ସେତେବେଳେ ସେହି ଅବସ୍ଥାକୁ ହୋତା ଅବସ୍ଥା କୁହାଯାଏ । ଏହି ରୂପେ ଜେନ୍- ପଲ୍ ସାତ୍ରେ ଭଳି କେତେକ ଅସ୍ତିତ୍ୱବାଦୀ ଅସ୍ତିତ୍ୱବାଦକୁ ମାନବବାଦ ସହିତ ସଂପର୍କିତ କରିଥିବାରୁ ଅସ୍ତିତ୍ୱବାଦୀମାନେ ମଧ୍ୟ ସମାଜକଲ୍ୟାଣ କଥା କହିଥାଆନ୍ତି । 'ଅତିଥି' ଅବସ୍ଥା କହିଲେ ସେହି ଅବସ୍ଥାକୁ ବୁଝାଏ । ଯେଉଁ ଅବସ୍ଥାରେ ଜୀବାତ୍ମା ଶରୀରକୁ ଅତିଥି ବା କ୍ଷଣସ୍ଥାୟୀ ବୋଲି ମନେକରେ । ଏହି ରୂପେ ଅସ୍ତିତ୍ୱବାଦୀମାନେ ମଧ୍ୟ ମୃତ୍ୟୁର ବାସ୍ତବତାକୁ ସ୍ୱୀକାର କରିଥାଆନ୍ତି । ପ୍ରକୃତରେ ବିଚାର କରିବାକୁ ଗଲେ ଜୀବନକୁ ବେଶି ଭଲ ପାଉଥିବା ମଣିଷଟି ହିଁ ମୃତ୍ୟୁକୁ ଭଲ ପାଇପାରେ । ଏପରିକି ଆଧୁନିକ ଜୀବନ ମଣିଷଠାରୁ ଯାହା ଛଡେଇ ନିଏ ମୃତ୍ୟୁ ତାକୁ ପୂର୍ଣ୍ଣ କରିଦିଏ । ଯମରାଜଙ୍କର ଉପଦେଶ ଅନୁସାରେ

ଏହିପରି ଚାରୋଟି ଅବସ୍ଥା ମଧ୍ୟଦେଇ ଗତି କରୁଥିବା ବ୍ୟକ୍ତି ଜନ୍ମ ଓ ମୃତ୍ୟୁର ଚକ୍ରରୁ ମୁକ୍ତି ପାଇଥାଏ । ତେଣୁ ଏହି ଦୃଷ୍ଟିକୋଣରୁ ବିଚାର କଲେ ମୃତ୍ୟୁକୁ କେନ୍ଦ୍ରକରି ଅସ୍ତିତ୍ୱବାଦୀ ମାନଙ୍କର ଉଦାର ଦୃଷ୍ଟିଭଙ୍ଗୀକୁ ଏକ ନକାରାତ୍ମକ ଦର୍ଶନ ରୂପେ ବିବେଚନା କରାଯାଇ ନପାରେ । ବିଶେଷକରି ପ୍ରାଚ୍ୟ ପୃଷ୍ଠଭୂମିରୁ ଏହା ଯେତେ ପୁରାତନ ସେତେ ସକାରାତ୍ମକ ବୋଲି ମନେହୁଏ । ଏହି ରୂପେ ଅସ୍ତିତ୍ୱବାଦର କେତେକ ଚିନ୍ତାଧାରକୁ କେନ୍ଦ୍ରକରି ଗାଳ୍ପିକ ରବି ପଟ୍ଟନାୟକ ରଚନା କରିଛନ୍ତି ଗଳ୍ପ । ଅବଶ୍ୟ ଗାଳ୍ପିକ କେତେକ କ୍ଷେତ୍ରରେ ଏହି ଅସ୍ତିତ୍ୱବାଦକୁ ଏକ ସକାରାତ୍ମକ ଦର୍ଶନ ରୂପେ ଚିତ୍ରଣ କରିଥିବା ସ୍ଥଳେ କେତେକ କ୍ଷେତ୍ରରେ ଏହାକୁ ଏକ ନକାରାତ୍ମକ ଦର୍ଶନ ରୂପେ ମଧ୍ୟ ଚିତ୍ରଣ କରିଛନ୍ତି ।

ଅସ୍ତିତ୍ୱବାଦୀ ଚିନ୍ତାଚେତନା ଦୃଷ୍ଟିରୁ ଗାଳ୍ପିକଙ୍କର 'ପର୍ଶୁରାମ' ଏକ ଅସାଧରଣ କୃତି । ଭଗବାନଙ୍କର ଅସ୍ତିତ୍ୱ ତଳେ ମାଡିମକଚି ହୋଇଯାଇଥିବା ମଣିଷର ଅସ୍ତିତ୍ୱକୁ ପୁନଃଉଦ୍ଧାର କରିବାର ବାର୍ତ୍ତା ରହିଛି ଉକ୍ତ କୃତିରେ । ଗାଳ୍ପିକଙ୍କର ଉକ୍ତ କୃତିଟି ଜର୍ମାନର ଦାର୍ଶନିକ ଫ୍ରେଡରିଚ୍ ନିତ୍‌ସେଙ୍କ ଜୀବନୀ ଦ୍ୱାରା ପ୍ରଭାବିତ ହୋଇଥିବା ମନେହୁଏ । ନିତ୍‌ସେଙ୍କୁ ଯେତେବେଳେ ଚାରିବର୍ଷ ହୋଇଥିଲା । ତାଙ୍କର ପିତାଙ୍କର ମୃତ୍ୟୁ ଘଟିଥିଲା । ଘରେ ତାଙ୍କର ମା ଓ ଜେଜେମାଙ୍କ ସହିତ ଆଉ ଦୁଇଜଣ ଭୃତ୍ୟା ଥିଲେ । ତେଣୁ ନିତ୍‌ସେଙ୍କର ଲାଳନ ପାଳନ ନାରୀମାନଙ୍କ ମଧ୍ୟରେ ହିଁ ହୋଇଥିଲା । ଏହା ଫଳରେ ପୁରୁଷତ୍ୱ କଣ ସେ ଜାଣି ହିଁ ପାରିନଥିଲେ । ସେ ଯେତେବେଳେ ସ୍କୁଲ ଗଲେ ତାଙ୍କର ନାରୀସୁଲଭ ବ୍ୟବହାର ପାଇଁ ତାଙ୍କୁ ସାଙ୍ଗସାଥିମାନେ ଚିଡାଇବା ଆରମ୍ଭ କରି ଦେଇଥିଲେ । ତେଣୁ ସେଇଠି ନିତ୍‌ସେ ଶପଥ ନେଇଥିଲେ ଯେ, ସେ ତାଙ୍କ ଭିତରର ଏହି ନାରୀତ୍ୱ ଗୁଣକୁ ଦମନ କରିବା ପାଇଁ କିଛି ଏପରି କରିବେ ଯାହାଦ୍ୱାରା ସମାଜ ତାଙ୍କୁ ମନେ ରଖିବ । ତେଣୁ ସେ ନିଜ ଭିତରର ନାରୀତ୍ୱ ଗୁଣକୁ ଦମନ କରିବା ପାଇଁ ସେନାବାହିନୀରେ ଯୋଗ ଦେଇଥିଲେ । ଯୁଦ୍ଧରେ ସେ ବହୁ ବୀରତ୍ୱର ସହ ଯୁଦ୍ଧ କରିଥିଲେ । ମାତ୍ର ଶେଷ ମୁହୂର୍ତ୍ତରେ ଘୋଡାରୁ ଖସିପଡିବା ଫଳରେ ସେ ଅପାଙ୍ଗ ହୋଇଗଲେ । ଫଳରେ ସେ ଆଉ ଯୁଦ୍ଧରେ ସାମିଲ୍ ହୋଇପାରିଲେ ନାହିଁ । ଏହି ଯୁଦ୍ଧ ବିରତି ନିତ୍‌ସେଙ୍କ ଭିତରେ ବୌଦ୍ଧିକତାର ବିକାଶ ଘଟାଇଥିଲା । ଏହାପରେ ସେ ଦର୍ଶନ ବିଭାଗରେ ଅଧ୍ୟାପନା ଆରମ୍ଭ କରିଥିଲେ । ଏହି ସମୟରେ ଜର୍ମାନ୍‌ର ଅବସ୍ଥା ବଡ ସାଂଘାତିକ ଥିଲା । ଜର୍ମାନ୍‌ର କିଛି ଅଂଶ ଉପରେ ବେଲ୍‌ଜିଅମ୍ ଆଧିପତ୍ୟ ବିସ୍ତାର କରିଥିବା ବେଳେ କିଛି ଇଂଲଣ୍ଡ, କିଛି ଋଷ୍ ଏପରିକି ଆଫ୍ରିକା ମଧ୍ୟ ଜର୍ମାନ୍‌ର କିଛି ଅଂଶକୁ ଅଧିକାର କରି ରଖିଥିଲା । ନିତ୍‌ସେ ଏହିଭଳି ପରିସ୍ଥିତିକୁ ଗ୍ରହଣ କରିପାରୁ ନଥିଲେ । ତେଣୁ ସେ ନିଜ ଦେଶର ଯୁବପିଢୀଙ୍କୁ କେନ୍ଦ୍ରକରି ସବୁବେଳେ ଚିନ୍ତିତ ରହୁଥିଲେ । ଥରେ ସେ ଯୁବପିଢୀଙ୍କୁ ପ୍ରଶ୍ନ କଲେ ଯେ ଜର୍ମାନ୍‌ର ଭାଗ୍ୟ କିଏ ବଦଳାଇବ ? ଜର୍ମାନ୍‌କୁ ଦାସତ୍ୱ ଯନ୍ତ୍ରଣାରୁ କିଏ ମୁକ୍ତ କରିବ ? ସେତେବେଳେ ଜର୍ମାନ୍‌ର ଯୁବପିଢୀ ଯିଏକି ବହୁମାତ୍ରାରେ ଖ୍ରୀଷ୍ଟଧର୍ମ ଦ୍ୱାରା ପ୍ରଭାବିତ ଥିଲେ । ଉତ୍ତର ଦେଇଥିଲେ ଭଗବାନ ହିଁ ଜର୍ମାନ୍‌ର ଭାଗ୍ୟ ବଦଳାଇ ପାରିବେ । ଏହିଭଳି ଉତ୍ତର ପାଇବା ପରେ ଦିନେ ନିତ୍‌ସେ ଯେତେବେଳେ ବିଶ୍ୱବିଦ୍ୟାଳୟରୁ ବାହାରକୁ ଆସିଲେ ହାତରେ ଗୋଟାଏ ଠେଙ୍ଗା ଧରିଲେ ଏବଂ ଗୋଟିଏ ପୁତ୍ତଳିକା ପ୍ରସ୍ତୁତ କଲେ । ଏହାପରେ ସେହି ପୁତ୍ତଳିକାକୁ ରାସ୍ତା ମଝିରେ ପକାଇ ଦେଇ କହିଲେ ଯେ I have killed your god on the cross road of Germany ମୁଁ ତୁମ ଭଗବାନ ଯିଏକି ଅଯୋଗ୍ୟ ଲୋକମାନଙ୍କୁ ଆଶ୍ରାଦେଇ ଆସିଛନ୍ତି ତାଙ୍କୁ ମାରିଦେଲି । ଏହା ଦେଖି ତାଙ୍କ ଛାତ୍ରମାନେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଏହାପରେ ନିତ୍‌ସେ ପ୍ରଶ୍ନ କଲେ ବର୍ତ୍ତମାନ ତୁମ ଭଗବାନ ମୃତ ତେଣୁ ଜର୍ମାନ୍‌ର ଭାଗ୍ୟ କିଏ ବନେଇବ । ଛାତ୍ରମାନେ ଉତ୍ତର ଦେଇଥିଲେ ଆମେ ନିଜେ । ଏହିପରି ଅସ୍ତିତ୍ୱବାଦୀମାନେ ମଣିଷର ଅସ୍ତିତ୍ୱ ପାଇଁ ଭଗବାନଙ୍କର ଅସ୍ତିତ୍ୱକୁ ମୂଳତ୍‌ପାଟନ କରି ଆସିଛନ୍ତି । ଶ୍ରୀଯୁକ୍ତ ପଟ୍ଟନାୟକଙ୍କର ଉକ୍ତ କୃତିରେ ମଧ୍ୟ ମଣିଷର ଅସ୍ତତ୍ୱ ପାଇଁ ଭଗବାନଙ୍କର ଅସ୍ତିତ୍ୱକୁ ଅସ୍ୱୀକାର କରାଯାଇଛି । "ତମେମାନେ ମଣିଷକୁ ଅଜ୍ଞ କରି ରଖିତାକୁ ନଗଣ୍ୟ କରି ଦେଖି ଆସିଥିଲ । ଅଶରୀରୀ ଦେବଦେବୀର କଳ୍ପନାରେ ମୃତ୍ୟୁ ଭୟ ଦେଖେଇ ମଣିଷକୁ ହୀନ, ତୁଚ୍ଛ କରି ତାର ଅନନ୍ତ ଶକ୍ତିକୁ ତା'ଠାରୁ ଗୋପନ କରି ରଖିଥିଲ । ସେ ଯଦି ତା' ଶକ୍ତିର ଗାରିମା ବୁଝିପାରେ ତେବେ ତମର କୌଣସି ଶକ୍ତି ରହିବନି । ସେଥିପାଇଁ ଶାସ୍ତ୍ରର ଭଣ୍ଡାମି ଗାଇ ତାଙ୍କୁ ଅଜ୍ଞ ନିର୍ବୋଧ କରି ରଖିଥିଲ, କିନ୍ତୁ ମୁଁ ଆଜି ସେମାନଙ୍କ ଆଖିରୁ ସେ ସହସ୍ର ଯୁଗର ଅନ୍ଧପୁଟୁଳି ଖୋଲିବି । ପ୍ରତ୍ୟେକ ପ୍ରାଣରେ ସଞ୍ଜୀବିତ କରିବି ଏଇ ମହାମନ୍ତ୍ର ମଣିଷଠାରୁ ଆଉ କେହି ବଡ ନାହିଁ । ଦେବଦେବୀ କେବଳ କଳ୍ପନା, କେବଳ ଭଣ୍ଡାମି, ମୃତ୍ୟୁର ପୂଜନରେ ମୃତ୍ୟୁଠାରୁ ମୁକ୍ତି ନାହିଁ । ମୃତ୍ୟୁଠାରୁ ମୁକ୍ତିର ଉପାୟ କେବଳ

ନିଜତ୍ୱର ଆବିଷ୍କାର । ନିଜତ୍ୱର ନିର୍ଣ୍ଣୟ xxx ମୁଁ ଚାହିଁ ରହିଲି ସେଇ ମୂର୍ତ୍ତିକୁ କେତେଟା ମୁହୂର୍ତ୍ତ । ତା'ପରେ ଏକ ଭୀଷଣ ରୋଷରେ ଉନ୍ମାଦ ହୋଇ ପ୍ରବଳ ଭାବରେ ଆଘାତ କରିବାକୁ ଲାଗିଲି ସେଇ ମୂର୍ତ୍ତି ଉପରେ । ମୋର କୁଠାରର ତୀବ୍ର ଆଘାତରେ ଭାଙ୍ଗିପଡିଲା ମାଟିର ପିତୁଳା । ଛିନ୍ନ ଭିନ୍ନ ହୋଇଗଲା । କଦାକାର ବୀଭତ୍ସ ନାରୀମୂର୍ତ୍ତି ତାର ମୁଣ୍ଡମାଳ ତାର ଲେଲିହାନ ଜିହ୍ୱା ପ୍ରଜ୍ୱଳିତ ଚକ୍ଷୁ, ଭୂତପ୍ରେତ ଡାହାଣୀ ଚିରୁଗୁଣୀର ସମାହାର ।" (ଗଳ୍ପ ସମଗ୍ର-ପ୍ରଥମ ଭାଗ-ପୃ- ୧୯୫-୧୯୭) ଏ ସବୁ ସତ୍ତ୍ୱେମଣିଷର ମନସ୍ତତ୍ତ୍ୱରେ ଭଗବାନଙ୍କର ସ୍ଥାନ କେତେ ଦୃଢ ତାହାକୁ ମଧ୍ୟ ଗାଳ୍ପିକ ପ୍ରତିଫଳିତ କରିଛନ୍ତି ଉକ୍ତ କୃତିରେ । ଗାଳ୍ପିକଙ୍କର 'ଅନ୍ଧଗଳିର ଅନ୍ଧକାର' ମଧ୍ୟ ଏହି ଚିନ୍ତନର ଏକ ସଫଳ ପ୍ରତିଫଳନ । ସମାଜ, ପରିବାର, ଧର୍ମ, ନୀତିନିୟମ, ଭାଗ୍ୟବାଦ ଆଦିରେ ବାନ୍ଧିହୋଇ ନିଜର ଅସ୍ତିତ୍ୱକୁ ଭୁଲି ଯାଇଥିବା ମଣିଷ ପ୍ରତି ଏହାକୁ ଏକ ବାର୍ତ୍ତା ଭାବେ ଗ୍ରହଣ କରାଯାଇପାରେ । ବିଶେଷକରି ଏଥିରେ ମନୁଷ୍ୟର ଜନ୍ମ ଓ ମୃତ୍ୟୁକୁ କେନ୍ଦ୍ରକରି ଗାଳ୍ପିକଙ୍କର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଅସାଧରଣ ମନେହୁଏ । "ମୁଁ ମାନୁଛି ତମର ଦିଆ ଶୁକ୍ରକୀଟରେ ମୋର ଦେହ ସୃଷ୍ଟି । କିନ୍ତୁ ତମେ ଜାଣନା ସେ ଶୁକ୍ରକୀଟର ଆଭ୍ୟନ୍ତରରେ କଣ ଅଛି । କ୍ରୋମୋଜୋମ୍, ଜିନ୍, ଆର. ଡି.ଏ-ଏନ୍-ଡି.ଏ । ଗୋଟାଏ କ୍ଷୁଦ୍ରାତିକ୍ଷୁଦ୍ର ଅଣୁ ଭିତରେ ରହିଛି ଭବିଷ୍ୟତ ଶରୀର ଓ ମାନସିକ ଗଠନର ପୋଟେନ୍ସିଆଲିଟି । ଆଉ ସେଇ ଅଣୁର କେତେ କୋଟି ସୁଯୋଗ ଭିତରୁ ଯୁକ୍ତ ହେବାର ଗୋଟାଏ ସମ୍ଭାବନା ।" (ଗଳ୍ପ ସମଗ୍ର-ପ୍ରଥମ ଭାଗ-ପୃ-୨୮୪) ମୃତ୍ୟୁକୁ କେନ୍ଦ୍ରକରି ଦାର୍ଶନିକ ଦୃଷ୍ଟିଭଙ୍ଗୀ ଦେଖିବାକୁ ମିଳେ 'ଜମାନବନ୍ଦୀ' ଗଳ୍ପରେ । ଯେଉଁ ମୃତ୍ୟୁର ଭୟରେ ମଣିଷ ପ୍ରତିମୁହୂର୍ତ୍ତରେ ମରୁଥାଏ ତା'ର ସତ୍ୟତାକୁ ଚିତ୍ରଣ କରିଛନ୍ତି ଗାଳ୍ପିକ ଉକ୍ତ କୃତିରେ । ଉକ୍ତ କୃତିରେ ଜନ୍ମକୁ ମୃତ୍ୟୁ ଓ ମୃତ୍ୟୁକୁ ଜନ୍ମ ସହିତ ତୁଳନା କରିବା ପଛରେ ଥିବା ଗାଳ୍ପିକଙ୍କର ଅସ୍ତିତ୍ୱବାଦୀ ଚିନ୍ତନ ବେଶ୍ ପ୍ରଭାବଶାଳୀ ହୋଇପାରିଛି । "କାହିଁକିମୁଁ ଏକ ନିଶାସକ୍ତ ପରି ଏ ପୃଥିବୀକୁବାନ୍ଧିରଖିବାକୁଚାହୁଁଛିମୋ ନିଜ ଭିତରେ ? କାହିଁକି ନିଜକୁ ଦେଖି ମୁଁ ଚମକି ପଡୁଛି ? କାହିଁକି ମୃତ୍ୟୁର ଚିନ୍ତାରେ ଦେହ, ମନ, ପ୍ରାଣ ବିରୋଧ କରି ଉଠୁଛନ୍ତି ? ମୁଁ ତ ଅନେକ ଦିନରୁ ମରିଯାଇଛି । ମୋର ମୃତ୍ୟୁ ଅଠେଇଶ ବର୍ଷ । ଅଠେଇଶ ବର୍ଷ ଧରି ଖାଲି ମୋ ମୃତ୍ୟୁକୁ ବହନକରି ଆଣିଛି ମୋ କାନ୍ଧରେ ଆଜି ମୋର ନୂତନ ଜନ୍ମ । ନବଜନ୍ମ ଏ ଦୁନିଆର ତଥାକଥିତ ମୃତ୍ୟୁ ଭିତରେ ହଠାତ୍ କେମିତି ଦେହଟା ଉଚ୍ଛ୍ୱାସ ଜଣାଗଲା । ମୁଁ ଯେମିତି ପବନ ହୋଇ ଉଡିଗଲି । ସେଇ ସିଲିଂର ଦେହରେ ବସି ରହି ଦେଖିବାକୁ ଲାଗିଲି ଏଇ ମୋର ଦେହଟାକୁ ।" (ଗଳ୍ପ ସମଗ୍ର- ପ୍ରଥମ ଭାଗ- ପୃ- ୩୮୪) ଏହା ବ୍ୟତୀତ ଏଥିରୁ ଗାଳ୍ପିକଙ୍କର Out of body experience (ଆତ୍ମା ଶରୀର ତ୍ୟାଗଜନିତ ଅନୁଭୂତି) ସଂପର୍କିତ ଅନୁଭୂତିର ମଧ୍ୟ ସୂଚନା ମିଳିଥାଏ । ଏଥିରେ ଗାଳ୍ପିକଙ୍କର ଭାଗ୍ୟବାଦ ଓ ନାରୀବାଦକୁ କେନ୍ଦ୍ର କରି ରହିଥିବା ଚିନ୍ତନ ମଧ୍ୟ ବେଶ୍ ପ୍ରଭାବଶାଳୀ ହୋଇପାରିଛି । ହେଗେଲ୍‌ଙ୍କର 'Absolute Idealism' ଏବଂ 'Panlogism' ବ୍ୟକ୍ତିକୁ କିପରି ବସ୍ତୁ ସର୍ବସ୍ୱରେ ପରିଣତ କରି ଦେଇଛି ତାହାକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ପୁରୁରବା' ଗଳ୍ପରେ । ଏତଦ୍ ଭିନ୍ନ ଧର୍ମ ଓ ଭଗବାନଙ୍କ ହାତରେ କାଠପିତୁଳି ସାଜି ଅଭିନୟ କରି ଚାଲିଥିବା ମଣିଷର ଅସହାୟତା ସହିତ ମୁକ୍ତି ପାଇଁ ସଂଘର୍ଷ ମଧ୍ୟ ଉକ୍ତ କୃତିରେ ଦେଖିବାକୁ ମିଳେ । "ହରି- ଆଃ କି କଷ୍ଟ ! କି ଦୁଃଖ ମୁଁ ହରି ତ୍ରିପାଠୀ ମୋ ସ୍ତ୍ରୀ ମରିଯାଇଛି । ମୋର ପ୍ରିୟତମା ମୋତେ ଚିରଦିନ ପାଇଁ ଛାଡି ଚାଲିଯାଇଛି ମୋର ବଂଚିବାର ଆଉ କିଛି ମୂଲ୍ୟ ନାହିଁ । ମୋତେ ମୁକ୍ତି ଦିଅ ମୋତେ ମୁକ୍ତି ଦିଅ । ନିର୍ଦ୍ଦେଶକ- (ନେପଥ୍ୟରୁ) ମୁକ୍ତି ହାଃ ହାଃ ହାଃ । (ଏକ ନିର୍ବାକ୍ ହସ) ତମ ପାଇଁ ମୁକ୍ତି ନାହିଁ । ତମେ କ'ଣ ଜାଣନା ତମେ ବନ୍ଦୀ, ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ । ମୁକ୍ତି ହାଃ-ହାଃ-ହାଃ ! (ପୁଣି ବିକଟାଳ ହସ) ଆଗେଇ ଯାଅ । (ଜୋର୍‌ରେ ଚିତ୍କାର କଲେ) । ହରି- ଯନ୍ତ୍ରଚାଳିତ ପରି ଝୁଲିଝୁଲି ଆଗେଇ ଗଲେ ସେ ନିଆଁର କିଛି ବାଟକୁ । ହଠାତ୍ କରି ସେ ଏକ ନୂଆ ଉଦ୍ୟମରେ ତିନିଟା ଯାକ ଦଉଡ଼ିକୁ ଦୁଇ ହାତରେ ଛିଣ୍ଡାଇବାକୁ ଚେଷ୍ଟା କଲେ । ଛାଟିପିଟି ହୋଇ ଦାନ୍ତ କାମୁଡ଼ି ପ୍ରବଳ ଜୋରରେ) ମୁଁ ଏ ବନ୍ଧନ ଛିନ୍ନ କରିବି । ମୁଁ ବନ୍ଦୀ ସତ କିନ୍ତୁ ମୁଁ ଦୁର୍ବଳ ନୁହେଁ । ଏ ମୋ ହାତରେ ରହିଛି ପରମାଣୁ ବୋମା । ମୁଁ ଅସ୍ତ୍ରାଗାରରେ ରହିଛି ବୋମା । ମୁଁ ନିଶ୍ଚିହ୍ନ କରିଦେବି । ମୁଁ ମୋର ମୁକ୍ତି ନିଜେ କାଢ଼ି ନେବି । ମତେ ଭୟ ଦେଖାଅ ନାହିଁ । ମୁଁ ଅମିତ ଶକ୍ତିଶାଳୀ । ମୁଁ ପ୍ରବଳ ଶକ୍ତିବାନ । ମୁଁ ସମଗ୍ର ଜଗତର ପ୍ରଭୁ ।" (ଗଳ୍ପ ସମଗ୍ର-ପ୍ରଥମ ଭାଗ- ପୃ- ୪୧୪) ଏ ସବୁ ସତ୍ତ୍ୱେ ଭଗବାନଙ୍କର ସାମ୍ରାଜ୍ୟରେ ମଣିଷର ଅସ୍ତିତ୍ୱ ଯେ ଅସମ୍ଭବ ଭଳି ଚିନ୍ତନର ବାର୍ତ୍ତା ମଧ୍ୟ ରହିଛି ଉକ୍ତ କୃତିରେ । ଯାହା ବିଶ୍ୱ ଯୁଦ୍ଧ ପରବର୍ତ୍ତୀ ଅସ୍ତିତ୍ୱବାଦୀ ଦର୍ଶନ ପ୍ରତି ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । "(ଚିତ୍କାର କରି ଏ

କଥା କହୁ କହୁ ସେ ଚେଷ୍ଟା କରି ଲୁହା ଦଉଡିର ବନ୍ଧନ ଛିଣ୍ଡାଇ ଦେଲେ । କିନ୍ତୁ କିଛି ସମୟ ଚେଷ୍ଟାକରି ସେ ରୂପା ଓ ସୁନାର ଦଉଡିକୁ ଛିଣ୍ଡାଇ ନପାରି ସେ କ୍ଲାନ୍ତ ହୋଇ ପୁଣି ସେମିତି ଝୁଲି ରହିଲେ ମୁଣ୍ଡ ତଳକୁ କରି) ନିର୍ଦ୍ଦେଶକ- (ନେପଥ୍ୟରୁ) ହାଃ-ହାଃ- ହାଃ (ପୁଣି ବିକଟାଳ ହସ) କ'ଣ ହେଲା ହେ ହରି ତ୍ରିପାଠୀ ? କ୍ଲାନ୍ତ ହୋଇପଡିଲ କାହିଁକି ? ଚେଷ୍ଟା କର ଚେଷ୍ଟା କର ଆଉ ସମୟ ନାହିଁ । (ପୁଣି ସେ ନିର୍ଦ୍ଦେଶ ଦେଲେ) ଆଗେଇ ଯାଅ ।" (ଗଳ୍ପ ସମଗ୍ର- ପ୍ରଥମ ଭାଗ-ପୃ-୪୧୪) ଏହା ବ୍ୟତୀତ ଉକ୍ତ କୃତିରୁ ଜନ୍ମରୁ ମୃତ୍ୟୁ ମଧ୍ୟରେ ପ୍ରକୃତ ଆନନ୍ଦର ସନ୍ଧାନରେ ଧାଉଁଥିବା ମଣିଷର ଅସହାୟତା ମଧ୍ୟ ଦେଖିବାକୁ ମିଳେ । ନାଳ ନର୍ଦ୍ଦମାରେ ଘାଣ୍ଟି ହେଉଥିବା ପୋକଜୋକ ଘୁଷୁରି ଏବଂ ବିଶ୍ୱର ଶ୍ରେଷ୍ଠ ଜୀବ ରୂପେ ନିଜକୁ ମନେ କରୁଥିବା ମଣିଷକୁ ଏକ ଏବଂ ଅଭିନ୍ନ ରୂପେ ଗାଳ୍ପିକ ଚିତ୍ରଣ କରିଛନ୍ତି 'ଅଣସର' ଗଳ୍ପରେ । କାରଣ ନାଳ ନର୍ଦ୍ଦମାର ଦୁର୍ଗନ୍ଧ ପୋକଜୋକଙ୍କୁ ଯେପରି ସୁଗନ୍ଧ ମନେ ହୋଇଥାଏ । ସେହିପରି ଆଜି ମଣିଷର ସବୁ ପାପ ଏବଂ ଭ୍ରଷ୍ଟାଚାର ତାକୁ ପୁଣ୍ୟ ଭଳି ପ୍ରତୀତେ ହେଉଛି । ଏହି ମଣିଷ ପୁଣି ନିଜର ସ୍ୱାର୍ଥ ସାଧନ ପାଇଁ ଅଣସର ନାଁରେ ଭଗବାନଙ୍କୁ ମଧ୍ୟ ବନ୍ଦୀ କରିବାପାଇଁ ପଛେଇ ନାହିଁ । ତେଣୁ ଏହିଭଳି ବୃତ୍ତାନ୍ତକୁ ନିରେଖି ଚାହିଁଲେ ଏଥିରୁ ଅସ୍ତିତ୍ୱବାଦ ଦର୍ଶନ ପ୍ରତି ଗାଳ୍ପିକଙ୍କର ଆକ୍ଷେପୋକ୍ତିକୁ ସ୍ପଷ୍ଟ ଅନୁଭବ କରିହୁଏ । "ଗୋଟାଏ ବିରାଟ ନର୍ଦ୍ଦମା । ମୁନିସିପାଲିଟିର ମଇଳା ସଂଗ୍ରହ ସ୍ଥାନ ପରି ଚାରିଆଡେ ପଚା କାଦୁଅ, ବିଷ୍ଠାରେ ଭରିଯାଇଛି । ଏକ ତୀବ୍ର ବିଚିକିଚିଆ ଗନ୍ଧରେ ସାରାବାୟୁମଣ୍ଡଳ ଆବୃତ, ସନ୍ତସନ୍ତିଆଭାପ୍‌ସା ଦୁର୍ଗନ୍ଧ ମାଟି ଭିତରେ, ଆକାଶକୁ ବି ଉଠିଯାଉଛି । ସେଇ ପଚାଶଢା, ଅଳିଆ, ନର୍ଦ୍ଦମା ଭିତରେ ଭଣଭଣ ହେଉଛନ୍ତି ଲକ୍ଷଲକ୍ଷ ମଶା, ମାଛି, ଲେଙ୍ଗୁଡିଆ ପୋକ । ନାନା ପ୍ରକାର ବିଷାକ୍ତ ଜୀବାଣୁ, ସମସ୍ତଙ୍କର ଜନ୍ମସ୍ଥାନ ଏଇଟା । ସମସ୍ତଙ୍କର ପରିପୁଷ୍ଟି ବି ଏଇଠି ହୁଏ- ଏଇ ଦୁର୍ଗନ୍ଧମୟ ପରିବେଶ ଭିତରେ । ସେମାନେ ବି ବେଶ୍ ଖୁସି, ଏଇତ ସେମାନଙ୍କର ପରିବେଶ । ସେମାନଙ୍କୁ ଦୁର୍ଗନ୍ଧ ଲାଗେନା । ପଚାଶଢା, କାଦୁଅ ଜଣାପଡେନା । ପରିସ୍ଥିତି, ପରିବେଶ ସହିତ ସେମାନଙ୍କର ଅପୂର୍ବ ସଂଯୋଗ ଗୁଡାଏ ସ୍ୱର- (ଏକ ସ୍ୱରରେ) ନୀତି ନାହିଁ, ଅନୀତି ନାହିଁ, ପାପ ନାହିଁ, ପୁଣ୍ୟ ନାହିଁ, ସ୍ୱର୍ଗ ନାହିଁ, ନର୍କ ନାହିଁ ମଉଜର ବର୍ତ୍ତମାନ । ଅନୀତି ନାହିଁ, ଭବିଷ୍ୟତ ନାହିଁ, ବର୍ତ୍ତମାନ- ବର୍ତ୍ତମାନ ।" (ଗଳ୍ପ ସମଗ୍ର- ପ୍ରଥମ ଭାଗ- ପୃ- ୪୬୧- ୪୬୩) ବିଭିନ୍ନ ଭୂମିକାରେ ଅଭିନୟ କରୁଥିବା କଳାକାର ଭିତରର ବ୍ୟକ୍ତିସତ୍ତା ଯେପରି ଅବହେଳିତ ହୋଇଥାଏ । ସେହିପରି ପ୍ରତ୍ୟେକଟି ମଣିଷ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଗୋଟିଏ ଗୋଟିଏ ଭୂମିକାରେ ଅଭିନୟ କରି ନିଜତ୍ୱକୁ ଭୁଲି ଯାଇଥାଆନ୍ତି ବା ଅନ୍ୟ ଭାବେ କହିଲେ 'ମୁଁ'ତ୍ୱକୁ ଅବହେଳିତ କରିଥାଆନ୍ତି । ତେଣୁ ଏହା ପ୍ରତି ସଚେତନତା ଆଣିବା ଉଦ୍ଦେଶ୍ୟରେ ଗାଳ୍ପିକ ରଚନା କରିଛନ୍ତି 'ଅଭିନେତା'ଗଳ୍ପ । ଏହିପରି ପରିବାର ଓ ସଂସାର ନାମକ ଜେଲଖାନାରେ ବନ୍ଦି ହୋଇ ନିଜତ୍ୱ ଓ ସର୍ବୋପରି ନିଜର ଆନନ୍ଦ ଓ ସ୍ୱାଧୀନତାକୁ ଭୁଲି ଯାଇଥିବା ମଣିଷକୁ ନିଜର ପ୍ରକୃତ ଆନନ୍ଦ ସହିତ ପରିଚିତ କରାଇବା ଉଦ୍ଦେଶ୍ୟରେ ଗାଳ୍ପିକ ରଚନା କରିଛନ୍ତି 'ଯେ ପକ୍ଷୀ ଉଡେ ଯେତେ ଦୂର' ଗଳ୍ପ । ପୁରାଣ ଚରିତ୍ର ବେଲାଳସେନକୁ ଆଧାର କରି ରଚିତ ଗାଳ୍ପିକଙ୍କର 'ବେଲାଳସେନ' ଗଳ୍ପଟିକୁ ଆଧୁନିକ ମଣିଷ ପ୍ରତି ଏକ ବାର୍ତ୍ତା ଭାବେ ଗ୍ରହଣ କରାଯାଇପାରେ । ସମାଜ ଓ ସାମାଜିକତା ନାମରେ ମଣିଷ ଗଢିଥିବା ପାଚେରୀକୁ କେବଳ ମଣିଷ ହିଁ ଭାଙ୍ଗିପାରିବ । କାରଣ ସୃଷ୍ଟି କରିଥିବା ମଣିଷ ହିଁ ସଂହାର କରିପାରେ । ଗାଳ୍ପିକଙ୍କର ଗଭୀର ଦାର୍ଶନିକ ଚିନ୍ତା ଓ ଚେତନାର ପରିଚୟ ମିଳିଥାଏ ତାଙ୍କର 'ଆଶ୍ରୟ ପ୍ରାର୍ଥୀ' ଗଳ୍ପରୁ । ଜୀବନରେ ପ୍ରକୃତ ଆନନ୍ଦ ବା ମୋକ୍ଷର ଅନୁସନ୍ଧାନରେ ଘୂରି ବୁଲୁଥିବା ମଣିଷର ପ୍ରକୃତ ଆନନ୍ଦ ପ୍ରାପ୍ତିରେ ନୁହେଁ ଅନ୍ୱେଷଣରେ ହିଁ ରହିଥାଏ । ଏହିଭଳି ଚିନ୍ତନକୁ ଗାଳ୍ପିକ ଉକ୍ତ କୃତିରେ ପ୍ରତିଫଳିତ କରି ନିଜ ବିଦ୍ୱାନତାର ପରିଚୟ ପ୍ରଦାନ କରିଛନ୍ତି । ଛାଞ୍ଚୁଣୀ ମୁଠାଦେଇ ବାହାରର ଅଳିଆକୁ ପରିଷ୍କାର କରିବା ସିନା ସମ୍ଭବ ହେଲେ ମନ ଭିତରର ଅଳିଆକୁ ପରିଷ୍କାର କରିବା ଅସମ୍ଭବ । ମାତ୍ର ମନ ଭିତରର ମଳିଆଟି ବି ଦିନେ ପରିଷ୍କାର ହୋଇପାରେ ହେଲେ ସେଥିପାଇଁ ସେତିକି ତ୍ୟାଗ ଓ ନିଷ୍ଠାର ଆବଶ୍ୟକତା ରହିଛି ଭଳି ଅସ୍ତିତ୍ୱବାଦୀ ଚିନ୍ତନର ପ୍ରତିଫଳନ ଦେଖିବାକୁ ମିଳେ ଗାଳ୍ପିକଙ୍କର 'ଛାଞ୍ଚୁଣୀ' ଗଳ୍ପରେ । ପରିସ୍ଥିତି, ଭାଗ୍ୟ ଓ ଭଗବାନଙ୍କ ଆଳରେ ନିଜକୁ ନିଜେ ଠକୁଥିବା ମଣିଷ ଭିତରେ ଆତ୍ମସମୀକ୍ଷା ଦେଖିବାକୁ ମିଳେ 'ସମୀକ୍ଷା କେତୋଟି ଘଟଣାର- କେତୋଟି ମୁହୂର୍ତ୍ତ' ଗଳ୍ପରେ । ଏହିପରି ଅସ୍ତିତ୍ୱବାଦୀ ଚିନ୍ତାଚେତନା ଦୃଷ୍ଟିରୁ ଗାଳ୍ପିକଙ୍କର 'ପରଦେଶୀ କନ୍ୟା' ମଧ୍ୟ ଏକ ଅସାଧରଣ କୃତି । ମଣିଷ ଗଢା ଧର୍ମ, ନୀତି ନିୟମ ଓ ଶୃଙ୍ଖଳ ଆଜି ମଣିଷକୁ କିପରି ପଙ୍ଗୁ କରି ଦେଇଛି ତାହାକୁ ଗାଳ୍ପିକ ଉକ୍ତ କୃତିରେ ପ୍ରତିଫଳିତ କରିଛନ୍ତି । ପ୍ରକୃତ ପକ୍ଷେ ବିବେଚନା

କଲେ ଏଥିରୁ ନିସ୍ତାର ପାଇବା ମଣିଷ ପକ୍ଷେ ଅସମ୍ଭବ । ତେଣୁ ଗାଳ୍ପିକ ଏଥିରେ ଅସ୍ତିତ୍ୱବାଦୀ ମାନଙ୍କ ତୁଲ୍ୟ ବ୍ୟକ୍ତିର ମୁକ୍ତି କାମନା ବା ବ୍ୟକ୍ତିର ବ୍ୟକ୍ତିତ୍ୱ ପ୍ରତିଷ୍ଠା କରିବାପାଇଁ ଉଦ୍ୟମ କରିଛନ୍ତି । ଯାହା ପ୍ରକୃତପକ୍ଷେ ଅସମ୍ଭବ ହୋଇଥିବା ଯୋଗୁଁ ଗାଳ୍ପିକ ରଚନାତ୍ମକ ଦୃଶ୍ୟର (Creative Visualisation) ସାହାଯ୍ୟରେ ଏହାକୁ ପ୍ରତିଷ୍ଠା କରିବା ପାଇଁ ଚାହିଁଛନ୍ତି । ମାତ୍ର ଏ ସବୁ ସତ୍ତ୍ୱେ ବି ମଣିଷ ଗଢା ନୀତିନିୟମରୁ ମଣିଷ ନିଜେ ମୁକ୍ତିପାଇବା ଅସମ୍ଭବ । "ହଁ, ତୁ ମୁକ୍ତ । କଳ୍ପନାର ପାପ ବୋଧ ତୋତେ ଛୁଇଁ ପାରୁନି । ନିତ୍ୟ ପରିବର୍ତ୍ତନଶୀଳ ସାମାଜିକ ଆଇନ୍‌କାନୁନ୍ ତୋର ବିଚାର କରିପାରେନା । କେତେଗୁଡିଏ ଆଦେଶାତ୍ମକ ନୈତିକତାର ଅର୍ଥହୀନ ବାଣୀ ତୋତେ ବାନ୍ଧି ରଖିପାରେନା । ତୁ ମୁକ୍ତ, ଉନ୍ମୁକ୍ତ । ନବ ସ୍ୱାଧୀନ ପ୍ରାପ୍ତ ନୂତନ ମଣିଷ । ପୁଣି କେମିତି ବଦଳିଗଲା ଦୃଶ୍ୟଟା । ହଠାତ୍ ଦେଖିଲି, ମୁଁ ଜେଲ୍‌ର ଫାଟକ ଆସ୍ତେ ଆସ୍ତେ ଖୋଲି ଦେଉଛି । ତା'ଭିତରୁ ବାହାରି ଆସୁଛି ଗେର୍ଦି । ମୁହଁରେ ମୁକ୍ତିର ଆନନ୍ଦର ଢେଉ । ଗେଟ୍ ବାହାରକୁ ଆସି ପ୍ରଥମ ପଦକ୍ଷେପ ନେଇକେ ଗର୍ଦି ଥମକି ଛିଡା ହେଲା । କେମିତି ଗୋଟାଏ କରୁଣ ନୟନରେ ପଛକୁ ଫେରିଚାହିଁ ଦେଖିଲା ତାର ବନ୍ଦୀଶାଳାକୁ । ତା'ପରେ ହଠାତ୍ ସବୁ ଓଲଟ ପାଲଟ ହୋଇଗଲା ତାର । ସ୍ୱାଧୀନତାର ଝଡରେ ମୁକ୍ତିର ମହାଆଲୋକରେ ସେ କିଂକର୍ତ୍ତବ୍ୟବିମୂଢ ହୋଇ ଛିଡା ହୋଇ ରହିଲା । କ'ଣ କରିବ ସେ ଏ ସ୍ୱାଧୀନତାକୁ ନେଇ ? ଏଇ ମହାମୁକ୍ତିର ଗୁରୁଭାରର ଅସୀମ ଚାପକୁ ସେ ସମ୍ଭାଳିବ କିପରି ? ସେ ଅସହାୟ ହୋଇ ସାମ୍ନାକୁ ଚାହିଁରହିଲା । ମୁକ୍ତିଜନିତ ଆନନ୍ଦ ତା ମୁହଁରେ ଲେଶମାତ୍ର ନାହିଁ । ଏଇ ଅବ୍ୟକ୍ତ, ଅପରୀସୀମ ବେଦନାର ଗୁରୁଭାରରେ ସେ ଯେମିତି ନିପୀଡିତ- ଯନ୍ତ୍ରଣାକ୍ଲିଷ୍ଟ । (ଗଳ୍ପ ସମଗ୍ର- ପ୍ରଥମ ଭାଗ- ପୃ-୬୨୪) ଏସବୁ ସତ୍ତ୍ୱେ ବି ଅସ୍ତିତ୍ୱବାଦକୁ କେନ୍ଦ୍ରକରି ଏଥିରେ ସାମାନ୍ୟ ପ୍ରଶ୍ନବାଚୀ ଦେଖିବାକୁ ମିଳେ । ଏହିପରି 'ହିରଣ୍ୟଗର୍ଭ' ଗଳ୍ପରେ ମଧ୍ୟ ଗାଳ୍ପିକ ବିଜ୍ଞାନ ଓ ଧର୍ମ ମଧ୍ୟରେ ଧନ୍ଦି ନ ହୋଇ କେବଳ ନିଜତ୍ୱକୁ ଗୁରୁତ୍ୱ ଦେବାପାଇଁ ବାର୍ତ୍ତା ଦେଇଛନ୍ତି । ଏହା ସତ୍ୟ ଯେ ମଣିଷ ସୃଷ୍ଟିର ଆଦ୍ୟରୁ ବିଶ୍ୱାସକୁ ନେଇ ବଞ୍ଚି ଆସିଛି । ମାତ୍ର ସେଇ ବିଶ୍ୱାସ ଅନ୍ୟ ଉପରେ ନୁହେଁ ନିଜ ଉପରେ ହେବା ଉଚିତ୍ ଭଳି ଚିନ୍ତାଧାରା ମଧ୍ୟ ଉକ୍ତ କୃତିକୁ ଶ୍ରେଷ୍ଠ କରିପାରିଛି ।" ତା'ର କାରଣ ଆଜି ପର୍ଯ୍ୟନ୍ତ ସେ ନିଜ ଉପରେ ବିଶ୍ୱାସ ନ ରଖି ନିଜେ ଚାଲିବାକୁ ଶିଖିପାରିନି । ଶିଶୁର ପ୍ରଥମ ପଦକ୍ଷେପ ପରି ସେ ଭଗବାନ୍, ଆଶା, ପୁନର୍ଜନ୍ମ, ସ୍ୱର୍ଗର କାନ୍ଧ ଧରି ଚାଲୁଛି । କିନ୍ତୁ କେତେଦିନ ଆଉ ସେ ଏମିତି ଶିଶୁ ହୋଇରହିବ ? କିନ୍ତୁ ଭଗବାନଙ୍କ ଅବିଶ୍ୱାସ ଫଳରେ ଆଜି ଜନ୍ମ ନେଇଛି ମଣିଷ ଗଢା ମେସିନ ଉପରେ ଏକ ଅହେତୁକୀ ବିଶ୍ୱାସ ।" (ଗଳ୍ପ ସମଗ୍ର- ପ୍ରଥମ ଭାଗ-ପୃ-୬୪୮-୬୪୯) ମୋଟ୍ ଉପରେ କହିବାକୁ ଗଲେ ନିଜର ଶୂନ୍ୟତାକୁ ପୂର୍ଣ୍ଣ କରିବାପାଇଁ ଧର୍ମ ଓ ବିଜ୍ଞାନ ମଧ୍ୟରେ ଧନ୍ଦି ହେଉଥିବା ମଣିଷ ଯେ ସ୍ୱୟଂ ସଂପୂର୍ଣ୍ଣ ତାହା ମଣିଷ ବୁଝିବା ଉଚିତ୍ । ଭଲ ଓ ମନ୍ଦ ନାମକ ଦୁଇଟି ଶବ୍ଦ ଭିତରେ ଘାଣ୍ଟିହୋଇ ନିଜକୁ ଖୋଜି ଚାଲିଥିବା ମଣିଷର ଅସହାୟତା ପ୍ରତିଫଳିତ ହୋଇଛି 'ତିସ୍‌ରୀପେଗ୍' ଗଳ୍ପରେ । ଏହା ବ୍ୟତୀତ ଦେହ ଓ ମନ ମଧ୍ୟରେ ଚାଲିଥିବା ସଂଘର୍ଷକୁ ଗାଳ୍ପିକ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଦେଇ ପ୍ରତିଫଳିତ କରିବା ପାଇଁ ମଧ୍ୟ ଉଦ୍ୟମ କରିଛନ୍ତି । ସାଧାରଣ ଓ ଅସାଧରଣ ଭିତରର ସୂକ୍ଷ୍ମ ପାର୍ଥକ୍ୟକୁ ଦର୍ଶାଇବା ସହ । ପରିବାର ନାମକ ସମୁଦ୍ରରେ ଭାସି ଚାଲିଥିବା ବ୍ୟକ୍ତିରୂପୀ ନୌକାର ଅସହାୟତା ପ୍ରତିଫଳିତ ହୋଇଛି 'ଦୂର ଅଦୂର' ଗଳ୍ପରେ । ପୁଣି ଏହି ସାଧାରଣ ଓ ଅସାଧରଣ ଭିତରେ ନିଜର ସ୍ଥିତିକୁ ଖୋଜି ଚାଲିଥିବା ମଣିଷର ଉଦ୍ୟମ ଦୃଷ୍ଟିରୁ ଏହା ଏକ ସଫଳ ଅସ୍ତିତ୍ୱବାଦୀ ଚେତନାଯୁକ୍ତ ସୃଷ୍ଟି ।" ଟିକିଏ ନିରେଖି ଚାହିଁଲେ, ଟିକିଏ ନିଜକୁ ପ୍ରଶ୍ନ ପଚାରିଲେ । ସତେ କ'ଣ ଯୁଗକୁ ଯୁଗ ଚାଲିଥିବ ଏମିତି । ତା'ର କ'ଣ ଆରମ୍ଭ ନ ଥିଲା ତାର କ'ଣ ଶେଷ ନାହିଁ । ଯଦି ଆରମ୍ଭ ଥିଲା- ତେବେ ତା ପୂର୍ବରୁ କଣ ଥିଲା । କେଉଁଥିରୁ ଏ ପୃଥିବୀ, କେଉଁଥିରୁ ଏ ଜଳବାୟୁ, ପର୍ବତ ନଦନଦୀ, ଗଛପତ୍ର, ପଶୁପକ୍ଷୀ ଶେଷକୁ ଏଇ ମଣିଷ । ପୁଣି ମଣିଷ ଭିତରେ ବ୍ୟକ୍ତିଟିଏ ମୁଁ । ନିଜ ଭିତରୁ ଚମକିପଡି ଉଠିଥିବା ଚେତନାଟିଏ ଛିଗୁଲାଇ ହୁଏ- କିଏ ତୁ । କିଏ ତୁ । (ଗଳ୍ପ ସମଗ୍ର- ଦ୍ୱିତୀୟଭାଗ- ପୃ-୩୧)" ମଣିଷ ଭିତରର ଅଦିମତା ହିଁ ପ୍ରକୃତ ସତ୍ୟ ଭଳି ଚିନ୍ତନର ପ୍ରତିଫଳନ ଘଟିଛି 'ସିସେସ୍‌ଲଣ୍ଡନ ମିଶ୍ର' ଗଳ୍ପରେ । ତେଣୁ ନିଜ ଭିତରର ଆଦିମତାକୁ ଅସ୍ୱୀକାର କରିବା ନିଜକୁ ଅସ୍ୱୀକାର କରିବା ସହିତ ସମାନ ଭଳି ଚିନ୍ତନ ଉକ୍ତ କୃତିକୁ ଅସାଧରଣ କରି ଗଢି ତୋଳିଛି । ହିରଣ୍ୟକଶ୍ୟପୁ ତୁଲ୍ୟ ଏ ଦେଶର ପୂର୍ବସୁରୀ ପ୍ରହ୍ଲାଦ ତୁଲ୍ୟ ପରବର୍ତ୍ତୀ ପିଢିଙ୍କୁ ଅସ୍ତିତ୍ୱହୀନ କରି ଚାଲିଛନ୍ତି ।" ତୁମେମାନେ ମିଶି ଖାଦ୍ୟରେ ଭେଜାଲ ମିଶେଇ ଆମକୁ ହୀନବୀର୍ଯ୍ୟ କରି ଦେଇଛ । ଔଷଧରେ ଭେଜାଲ କରି ଚିରରୁଗ୍ଣ କରିଦେଇଛ । ଶିକ୍ଷାରେ ଭେଜାଲ ମିଶାଇ ଆମକୁ ଅଜ୍ଞ କରି

ଦେଇଛ । ଚରିତ୍ରରେ ଭେଜାଲ କରି ଆମକୁ ଚରିତ୍ରହୀନ କରିଦେଇଛ । ସମାଜରେ ପଶୁବଳୀକୁ ପ୍ରତିଷ୍ଠା ଦେଇ ଆମକୁ ନୈତିକତାହୀନ ଜାନୁଆର କରିଦେଇଛ । ଦାୟିତ୍ୱକୁ ଜାବୁଡି ଧରି ଆମକୁ ଦାୟିତ୍ୱହୀନ କରିଦେଇଛ । ଆମେ ଆଜି କିଛି ନୋହୁଁ- କେବଳ ହୀନବୀର୍ଯ୍ୟ, ପଙ୍ଗୁ, ପଶୁ ତମମାନଙ୍କର ହଳ ଟାଣୁଛୁ- ଗାଡି ଟାଣୁଛୁ- ତମମାନଙ୍କର ସର୍କସରେ ଖେଳ ଦେଖାଉଛୁ ।" (ଗଳ୍ପ ସମଗ୍ର- ଦ୍ୱିତୀୟବାଗ- ପୃ- ୧୪୫) ଏହିପରି ଆଦର୍ଶ ନାମରେ ପୂର୍ବ ପିଢି ତାଙ୍କ ପର ପିଢି ପାଇଁ ଯାହା ଛାଡି ଯାଇଛନ୍ତି ତାହା କେବଳ ମିଥ୍ୟା ପ୍ରତାରଣା ଛଡା ଅନ୍ୟ କିଛି ନୁହେଁ । ତେଣୁ ଦିନେ ଏପରି ସମୟ ଆସିବ ଯେଉଁଦିନ ଏହି ପିଢି ନିଜ ଅସ୍ତିତ୍ୱ ନିମନ୍ତେ ସଂଘର୍ଷ କରିବା ପାଇଁ ଆଗେଇ ଆସିବ ଭଳି ବାର୍ତ୍ତା ଦେଖିବାକୁ ମିଳେ 'ପ୍ରହ୍ଲାଦ' ଗଳ୍ପରେ । ପରିବର୍ତ୍ତନଶୀଳ ସମୟ କିପରି ମଣିଷକୁ ନିଜକୁ ନିଜେ ଅନୁସନ୍ଧାନ କରିବା ଶିଖେଇ ଦିଏ ତାହାର ସୂଚନା ରହିଛି 'ବିଷୁବରେଖା' ଗଳ୍ପରେ । ଯୁଦ୍ଧ ପରବର୍ତ୍ତୀ ଅସହାୟତା ଓ ଯନ୍ତ୍ରଣା ମଣିଷ ବିଶେଷକରି ଯୁବଗୋଷ୍ଠୀଙ୍କ ଭିତରେ ଯେଉଁ 'ମୁଁ'ତ୍ୱର ବିକାଶ ଘଟାଇଥିଲା ବା ଅନ୍ୟ ଭାବେ କହିଲେ ଯେଉଁ ଅସ୍ତିତ୍ୱବାଦୀ ଚେତନାର ପ୍ରତିଫଳନ ଘଟିଥିଲା "ପ୍ରତ୍ୟେକ ମଣିଷ ନିଜ ପାଇଁ ହିଁ ଦାୟୀ- ନିଜକୁ ଗଢିବାରେ ନିଜକୁ ଭାଙ୍ଗିବାରେ ସେ ନିଜେ ହିଁ ନିଜର ନିୟାମକ ଆତ୍ମା । ନାହିଁ ଈଶ୍ୱର- ନାହିଁ ଭାଗ୍ୟ ନାହିଁ କିଛି ନାହିଁ ସନ୍ନ୍ୟାସୀ ! କିଛି ନାହିଁ । ମୁଁ କେବଳ ମୁଁ । ଏକ ବିଚ୍ଛିନ୍ନ- ଏକାକୀ ବ୍ୟକ୍ତିଟିଏ । ମୋର କାହା ପ୍ରତି କିଛି କର୍ତ୍ତବ୍ୟ ନାହିଁ- କାହାରି ପ୍ରତି କିଛି ମମତା ନାହିଁ । ମୁଁ ନିଜ ଜୀବନକୁ ବଞ୍ଚିବି ନିଜ ସ୍ୱଇଚ୍ଛାରେ, ଧ୍ୱଂସ କରିବି ନିଜସ୍ୱ ଇଚ୍ଛାରେ । ମୁଁ ଜୀବନକୁ ଦେବି ତା'ର ନିଜସ୍ୱ ସଂଜ୍ଞା ।" (ଗଳ୍ପ ସମଗ୍ର- ଦ୍ୱିତୀୟ ଭାଗ- ପୃ- ୨୩୦) ତା ପ୍ରତି ଆକ୍ଷେପୋକ୍ତି ବା ଅନ୍ୟ ଭାବେ କହିଲେ ହେଗେଲଙ୍କର 'Absolute Idealism' ପ୍ରତି ସମର୍ଥନ ଦେଖିବାକୁ ମିଳେ 'ପ୍ରାଚୀ-ପ୍ରତିଚୀ' ଗଳ୍ପରେ । ପ୍ରକୃତରେ ଆଦର୍ଶ ନାମରେ ମଣିଷ କିପରି ନିଜର ଧ୍ୱଂସ ସାଧନ କରିଚାଲିଛି ତାକୁ ଗାଳ୍ପିକ ଚମତ୍କାର ଭାବେ ପ୍ରତିଫଳିତ କରିଛନ୍ତି । 'ମୁଁ' ତ୍ୱକୁ ଗୁରୁତ୍ୱ ଦେଇ ଅନ୍ୟ ଆଦର୍ଶକୁ ଅସ୍ୱୀକାର କରୁଥିବା ମଣିଷ କେବେ ଅମୃତର ସନ୍ତାନ ହୋଇପାରିବ ନାହିଁ । କାରଣ ଯେଉଁ ନିଜତ୍ୱର ମାୟାରେ ସେ ନିଜକୁ ଶ୍ରେଷ୍ଠ ମଣୁଛି । ସେ ଭୁଲି ଯାଉଛି ଯେ ବୃକ୍ଷର ପୁଷ୍ପପରି ସେ ମଧ୍ୟ ମଣିଷ ଜାତିର ଏକ ଅଂଶ । ଆଉ ସେହି ଅଂଶରୁ ବିଚ୍ଛିନ୍ନ ହେବା ପୁଷ୍ପ ବୃକ୍ଷରୁ ବିଚ୍ଛିନ୍ନ ହେବା ସହ ସମାନ ।" କିନ୍ତୁ ପଲତମେ ବିଚ୍ଛିନ୍ନ ନୁହେଁ । ତମେ ଏକାକୀ ନୁହେଁ । ତମର ଚେର ଲମ୍ବିଛି ଆଜିଠାରୁ ପ୍ରାୟ ପନ୍ଦରଲକ୍ଷ ବର୍ଷତଳକୁ ଯୋଉଦିନ ପ୍ରଥମକରି ମଣିଷର ଆବିର୍ଭାବ ଘଟିଥିଲା ଏଇ ପୃଥିବୀରେ । ସେଇ ପ୍ରଥମ ପୁରୁଷର ସାତତାଳ ପଙ୍କ ଭିତରେ ନିହିତ ରହିଥିବା ଚେର ଓ ବୃକ୍ଷର ତମେ ଫୁଲଟିଏ ମାତ୍ର । ତମେ ଏହାକୁ ଅସ୍ୱୀକାର କରିପାରିବ ନାହିଁ । ମନୁଷ୍ୟ ସମାଜର ବିରାଟ ବନସ୍ପତି ଭିତରେ ତମେ ଏକୁଟିଆ ଫୁଲଟିଏ କିନ୍ତୁ ସେଇ ବୃକ୍ଷର ପ୍ରତ୍ୟେକଟି ସବୁଜକଣା ସହିତ ତମେ ସଂପୃକ୍ତ । ତାଙ୍କ ନାମ ବିନା ତମର ସ୍ଥିତି ନାହିଁ- ତମ ବିନା ତାଙ୍କର ଅସ୍ତିତ୍ୱ ନାହିଁ ।" (ଗଳ୍ପ ସମଗ୍ର- ଦ୍ୱିତୀୟଭାଗ-ପୃ-୨୩୧) ପ୍ରକୃତ ପକ୍ଷେ ବିବେଚନା କଲେ ମଣିଷ ନିଜକୁ ଅତିବେଶୀ ଭୟକରେ ଅଥବା ଭଲପାଏ । ତେଣୁ ସେ ନିଜକୁ ସାମ୍ନାସାମ୍ନି ହେବାକୁ ଭୟ କରେ ତେଣୁ ସେ ସାଥି ଖୋଜେ ମେଳି ବାନ୍ଧେ, ଗୋଠରେ ରହିବାକୁ ଭଲପାଏ । ଏହାଭିତରୁ ବି କିଛି ଅସ୍ତିତ୍ୱବାନ ବ୍ୟକ୍ତିଙ୍କ ଭିତରେ ଆତ୍ମସତ୍ତାକୁ ସ୍ୱୀକାର କରିବାର ସାହାସ ରହିଥାଏ । ଏହାର ସୂଚନା ଦେଖିବାକୁ ମିଳେ 'ନିଜସ୍ୱ ଇଲାକା' ଗଳ୍ପରେ । ବିବର୍ତ୍ତନ କ୍ରମରେ ହୋମୋସେପିଆନ୍‌ସଙ୍କଠାରୁ ସୃଷ୍ଟି ମାନବଜାତି ପଶୁ, ଦେବତା ଅଥବା ଯୋଗୀର ଆଖିରେ ସମାନ ଦିଶିପାରେ । ହେଲେ ମଣିଷ ଆଖିରେ ଦେଖିଲେ ପ୍ରତ୍ୟେକଟି ମଣିଷ ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ । ପ୍ରତ୍ୟେକଟି ମଣିଷର ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ରହିଛି ଭଳି ଅସ୍ତିତ୍ୱବାଦୀ ଚିନ୍ତନକୁ ଗାଳ୍ପିକ ପ୍ରତିଫଳିତ କରିଛନ୍ତି 'ପିଣ୍ଟୁରସାତୋଟି ନିର୍ଦ୍ଦେଶନାମା' ଗଳ୍ପରେ । ପ୍ରତ୍ୟେକଟି ଜୀବଜନ୍ତୁର ସ୍ୱାଭାବିକ ପ୍ରବୃତ୍ତି ଭଳି ମଣିଷର ମଧ୍ୟ ସ୍ୱାଭାବିକ ପ୍ରବୃତ୍ତି ରହିଛି । ଏହି ପ୍ରବୃତ୍ତିର ପରିପ୍ରକାଶ ପାପ ନୁହେଁ ମାତ୍ର ତାକୁ ଅସ୍ୱୀକାର କରିବା ହିଁ ପାପ ଭଳି ବାର୍ତ୍ତା ପ୍ରକାଶ ପାଇଛି 'ମିସ୍‌କାରୋଲିନାକୁଜୁର୍' ଗଳ୍ପରେ । ପ୍ରେମକୁ କେନ୍ଦ୍ରକରି ମଣିଷ ଭିତରର ଏକାକୀତ୍ୱ ଏବଂ ନିଃସଂଗତାର ଚମତ୍କାର ପ୍ରତିଫଳନ ଦେଖିବାକୁ ମିଳେ 'କୁନି' ଗଳ୍ପରେ । ଜୀବନ ଅନୁଭବ ନୁହେଁ ଅନୁଭୂତିର କାହାଣୀ ଏହାର ନିଦର୍ଶନ ରହିଛି 'ଚାରୋଟି ମୁହୂର୍ତ୍ତର କାହାଣୀ' ଗଳ୍ପରେ । ସୃଷ୍ଟିର ପ୍ରାରମ୍ଭରେ ବାଘ, ଭାଲୁ, ହାତୀ ଭଳି ପଶୁମାନଙ୍କ ସଦୃଶ ମଣିଷବି ଥିଲା ମୁକ୍ତ । ମାତ୍ର ଏହି ମଣିଷ ଧିରେ ଧିରେ ମୁକ୍ତ ତାକୁ ଅସଭ୍ୟତାର ନାମ ଦେଇ ପରାଧୀନତା ସଦୃଶ ସଭ୍ୟତାର ମୁଖା ଧାରଣ କଲା । ହେଲେ ନିଜର ପ୍ରକୃତ ପ୍ରବୃତ୍ତିକୁ ପରିବର୍ତ୍ତନ କରିବା ଏହି ମଣିଷ ପକ୍ଷରେ ଅସମ୍ଭବ । ତେଣୁ ସଭ୍ୟତାର ମୁଖା ଭିତରେ ଛଟପଟ

ହେଉଥିବା ପ୍ରକୃତ ମଣିଷଟି ଅସାବଧାନତା ବଶତଃ ବେଳେବେଳେ ବାହାରକୁ ଉଙ୍କିମାରେ । ଯାହାକୁ ସଭ୍ୟତାର ଢାଙ୍କୁଣି ଘୋଡାଇଥିବା ମଣିଷ ସମାଲୋଚନା କରେ । ମାତ୍ର ପ୍ରକୃତରେ ଦେଖିବାକୁ ଗଲେ ପ୍ରତ୍ୟେକଟି ସାମାଜିକ ମଣିଷ ଅନ୍ତରରେ ଯେ ଅସାମାଜିକ ତାହାର ଚମତ୍କାର ପ୍ରତିଫଳନ ଦେଖିବାକୁ ମିଳେ ଗାଳ୍ପିକଙ୍କର 'ଏକ ଲମ୍ପଟର ଅର୍ଜି' ଗଳ୍ପରେ । ଏତଦ୍ ବ୍ୟତୀତ ଉକ୍ତ କୃତିରେ ଗାଳ୍ପିକ ଏକ ଅସ୍ତିତ୍ୱବାଦୀ ତୁଲ୍ୟ ସମାଜର ରୁଢ଼ିବାଦୀ ପରମ୍ପରାକୁ ସମାଲୋଚନା କରିବା ସହ ସଭ୍ୟତାର ଢାଙ୍କୁଣି ଭିତରେ ଛଟପଟ ହେଉଥିବା ପ୍ରକୃତ ମଣିଷର ବାର୍ତ୍ତାଟିକୁ ପ୍ରତିଫଳିତ କରିବାପାଇଁ ଉଦ୍ୟମ କରିଛନ୍ତି । ଆଜି ସମାଜ ଓ ସଂସାର ଭିତରେ ରହିବି ପ୍ରତ୍ୟେକଟି ମଣିଷ ନିହାତି ଏକା । ତେଣୁ ଏହି ଭାବେ ଦେଖିଲେ ପ୍ରତ୍ୟେକଟି ମଣିଷ ଜଣେ ଜଣେ ସନ୍ୟାସୀ । ଏହିଭଳି ଏକ ବାର୍ତ୍ତା ଦେଖିବାକୁ ମିଳେ ଗାଳ୍ପିକଙ୍କର 'ସନ୍ୟାସୀ' ଗଳ୍ପରେ । ଏହିପରି 'କଲେଜ ଛକର ସନ୍ଧ୍ୟା' ଗଳ୍ପରେ ମଧ୍ୟ ମଣିଷ ଭିତରରଏକାକୀତ୍ୱ ଓ ନିଃସଂଗତାକୁ ପ୍ରତିଫଳିତ କରିଛନ୍ତି ଗାଳ୍ପିକ । "ଆମେ କେତେ ପାଖରେ ଅଥଚ କେତେ ଦୂରରେ । ଏତେ ମିଳାମିଶା, ହସଖୁସି, ନାଚଗୀତ ଭିତରେ ଆମେ ନିଜକୁ ଯେତେ ଅପରର ସଙ୍ଗେ ସଂଶ୍ଳିଷ୍ଟ କଲେ ବି ବାସ୍ତବରେ ଆମେ ଏକାକୀ । ଏଇ ସତ୍ୟଟାକୁ ଲୁଚାଇବାକୁ ଆମର ମିଳାମିଶା ଏଇ ଆତ୍ମ-ପ୍ରବଞ୍ଚନା ନୁହେଁ ?" (ଗଳ୍ପ ସମଗ୍ର- ପ୍ରଥମଭାଗ-ପୃ-୧୩୭) ମଣିଷ ଭିତରେ ନିଜକୁ ନିଜେ ତଉଲିବା ବା ନିଜର ପ୍ରତ୍ୟେକଟି ପ୍ରବୃତ୍ତକୁ ତଉଲିବାର ମାନସିକତା ଦେଖିବାକୁ ମିଳେ 'ବୃତ୍ତ' ଗଳ୍ପରେ । ବିଶେଷକରି ପଶୁରୁ ମଣିଷ ବନିଥିବା ଜନ୍ତୁଟି ଭିତରେ ଜୀବନ ବୃତ୍ତି ଅପେକ୍ଷା ମୃତ ବୃତ୍ତି କେତେ ମାତ୍ରାରେ କ୍ରିୟାଶୀଳ ତାହାକୁ ଗାଳ୍ପିକ ଚମତ୍କାର ଭାବେ ପ୍ରତିଫଳିତ କରିଛନ୍ତି ।

ସଂକେତ ସୂଚୀ :

1. **Macquarrie, John (1972). Existentialism. New York: Penguin. pp. 14–15.**
2. **Solomon, Robert C. (1974). Existentialism. McGraw-Hill. pp. 1–2.**
3. **Jump up to:[a b c d e f] Crowell, Steven (October-2010" Existentialism". Stanford Encyclopedia of Philosophy**
4. **The company Zare, Mehdi. Being in the mirror (Introduction to perspective a. thinking about death Heidegger's ontology and its application). J. Philos., b. No. 42. 2010.**
5. **https://www.cambridge.org/core/journals/modern-intellectual-history**
6. **Singer, Daniel (5 June 2000). "Sartre's Roads to Freedom". The Nation. Archived from the original a. on 2 June 2008. Retrieved 9 May 2009.**
7. **Freitas, Frances Anne; Leonard, Lora J. (January 2011). "Maslow's hierarchy of needs and student academic success". Teaching and Learning in Nursing. (1): 9–13. doi:10.1016/j.teln.2010.07.004. ISSN 1557-3087.**
8. **These are two eyes, two ears, two nostrils, one mouth, two organs of evacuation/excretion, navel, and Brahmarandhram - the aperture at the top of head through which Atman links with Cosmic Self. See Paul Deussen, Sixty Upanishads of the Veda, Volume 1, Motilal Banarsidass, ISBN 978-8120814684, page 293**
9. **Jump up to:[a b c d] WD Whitney, Translation of the Katha-Upanishad, Transactions of the American Philological Association, Vol. 21, pages 107-108**

ସହକାରୀ ପ୍ରାଧ୍ୟାପକ

ଓଡ଼ିଆ ବିଭାଗ

ବିଶ୍ୱଭାରତୀ ଶାନ୍ତିନିକେତନ, ପଶ୍ଚିମବଙ୍ଗ

ISSN -2583-147X (P), **Vol.- 10, Issue No.II, May 2024**
Bastabatara Pariprakash Prachee
Peer Reviewed and Referred Research Journal

ଓଡ଼ିଆ ତାଳପତ୍ର ପୋଥିରେ 'ଚିତ୍ରପୋଥି' ଏକ ଉପାଦାନ

ଅପରାଜିତା ମହାରଣା

ଚିତ୍ରର ଉତ୍ପତ୍ତି :

ମନୁଷ୍ୟ ଜଙ୍ଗଲରେ ରହି ଧୀରେ ଧୀରେ ସଭ୍ୟ ଆଡ଼କୁ ଗତି କରିଥିଲା । ଅସଭ୍ୟତାରୁ ସଭ୍ୟ ଆଡ଼କୁ ଗତି କରିବାକୁ ଆଦିମ ମଣିଷକୁ ହଜାର ହଜାର ବର୍ଷ ଲାଗିଯାଇଥିଲା । ଜଙ୍ଗଲରେ ପଶୁମାନଙ୍କ ସହ ଜୀବନକାଳ କାଟୁଥିଲା । ଜୀବନ ବଞ୍ଚେଇବାକୁ ନୀତିଦିନ ଗୋଟିଏ ଗୋଟିଏ ଉପାୟ ଖୋଜୁଥିଲା । ପତ୍ର ପିନ୍ଧୁଥିଲା, କଞ୍ଚାମାଂସ ଖାଉଥିଲା । ନିଆଁର ବ୍ୟବହାର ପରେ ମାଂସକୁ ପୋଡ଼ିକରି ଖାଇବା ଶିଖିଲା । ଏହି କଞ୍ଚା ମାଂସକୁ ପୋଡ଼ିକରି ଖାଦ୍ୟଭାବେ ଗ୍ରହଣ କରି ଶିଖିବା ମଧ୍ୟ ତାକୁ ଶହଶହ ବର୍ଷ ଲାଗିଯାଇଥାଇପାରେ । ସେହିପରି ଭାବେ ଆଦିମ ମଣିଷ ଧୀରେ ଧୀରେ ବଞ୍ଚିବାର କୌଶଳ ଶିଖିଥାଇପାରେ । କିନ୍ତୁ ଆଦିମ ମଣିଷର ଜୀବନଯାପନ ଶୈଳୀ 'ଚିତ୍ର' କି ପ୍ରକାର ବ୍ୟବହାର ହୋଇଥିବା ଉତ୍ପତ୍ତି ତାହାକୁ ଏକ ଅନୁମାନ କରାଯାଇପାରେ । ପ୍ରଥମେ ଆଦିମ ମନୁଷ୍ୟ ଯେତେବେଳେ ଜଙ୍ଗଲକୁ ତା' ସାଥିମାନଙ୍କ ସାଙ୍ଗେ ଶିକାର ପାଇଁ ଯାଇଥିବ ଓ ଜଙ୍ଗଲରେ ବାଟବଣା ହୋଇଥିବ ସେତେବେଳେ ସେ ଯେଉଁ ରାସ୍ତାରେ ଯାଇଥିବ ସେଠାରେ ଏକ ଚିହ୍ନର ସାହାଯ୍ୟ ନେଇଥିବ, ଯାହାକି ସେହି ଆଦିମ ମଣିଷର ସାଥିମାନଙ୍କ ନିମନ୍ତେ ସେହି ସଂକେତ ମାର୍ଗ ଦର୍ଶେଇଥିବା ଅନୁମାନ କରାଯାଇପାରେ । ଯେ ଏହି ରାସ୍ତାରେ ସେ ଅତିକ୍ରମ କରିଛି । ଏହିପରି ଆଦିମ ମଣିଷର ବଞ୍ଚିବାର ବୁଦ୍ଧିକୌଶଳ ଧୀରେଧୀରେ ଉଜ୍ଜୀବିତ ହୋଇଥିବ । ଆଦିମ ମଣିଷ ପରବର୍ତ୍ତୀ ସମୟରେ ଜାଣିଥିବ ବାଲିରେ ଟୀର ଚିହ୍ନ ସଂକେତ ଦେବା ଏହା କ୍ଷଣସ୍ଥାୟୀ । ଏହା ବର୍ଷା, ପବନ, ଦ୍ୱାରା ବାଲିରେ ମିଶିଯାଇଥାଏ । ସେହିପରି ତା'ର ଆବଶ୍ୟକତା ପାଇଁ ସେ ଧୀରେ ଧୀରେ ବସ୍ତୁବାଦୀ ଓ ସର୍ଜନଶୀଳତା ଆଡ଼କୁ କରିଥିବ ଏବଂ ସେହି ନିମନ୍ତେ ସବୁକିଛି ତିଆରି କରିଥାଇ ପାରେ । ମନୁଷ୍ୟର ଖାଦ୍ୟ, ବସ୍ତ୍ର, ବାସଗୃହ ଯେପରି ଆବଶ୍ୟକତା । ସେହିପରି 'ଚିତ୍ର' ମଧ୍ୟ ଏକ ଆବଶ୍ୟକତା ଓ ଏହି ଆବଶ୍ୟକତାରୁ 'ଚିତ୍ର' ଉତ୍ପତ୍ତି ବୋଲି ବିଶ୍ୱାସ କରାଯାଏ ।

ପୁରାତନ କାଳରେ ମନୁଷ୍ୟ ଆଦିମ, ଅମାର୍ଜିତ, ଯାଯାବର ଜୀବନଯାପନ କରୁଥିଲା । ଭାଷାର ବ୍ୟବହାର ଜାଣି ନଥିଲା । ଠାର ଭାଷା ବା ସଂକେତ ଭାଷା ସହିତ ପରିଚିତ ଥିଲା । ଆଦିମ ମଣିଷ ଠାର ଭାଷାରେ ନିଜର ଭାବପ୍ରକାଶ କରିବାରେ ଅସୁବିଧାରେ ସମ୍ମୁଖୀନ ହୋଇଥିବେ ଓ ସେହି ସମୟରେ କିଛି ଆଙ୍କି ଦେଇକି ନିଜର ଭାବକୁ ପ୍ରକାଶ କରିଥିବେ । ତାହାକୁ ପରବର୍ତ୍ତୀ ସମୟରେ ଅଙ୍କା ହୋଇଥିବା ଚିହ୍ନକୁ 'ଚିତ୍ର' ନାମିତ କରାଯାଇପାରେ ।

'ଠାର ଭାଷା'ରେ 'ଠାରୁ' ଥିବା ବ୍ୟକ୍ତି କୌଣସି ଶବ୍ଦ ପ୍ରୟୋଗ କରି ନଥାଏ । 'ଠାରିବା' ସମୟରେ ବ୍ୟକ୍ତିଟି ନିଜର ଅଙ୍ଗ ପ୍ରତ୍ୟଙ୍ଗକୁ ହଲାଇ ବା ଅଙ୍ଗଭଙ୍ଗୀ ପ୍ରଦର୍ଶନ କରି ନିଜର ଭାବଟିକୁ ବ୍ୟକ୍ତ କରିଥାଏ । ମନୁଷ୍ୟ ଆଦିମ ଅଧିବାସୀ ଥିବା ସମୟରେ ପଶୁମାନଙ୍କ ସହିତ ଜଙ୍ଗଲରେ ବସବାସ କରୁଥିଲା, ସେତେବେଳେ ପଶୁମାନଙ୍କ ଗର୍ଜନର ଶବ୍ଦ ତା'ର ଦୃଷ୍ଟିଗୋଚର ହେଇଥିବ ଓ ସେ ପଶୁମାନଙ୍କଠାରୁ ଶବ୍ଦ କହିବା ଶିଖିଥିବ । ପରବର୍ତ୍ତୀ ସମୟରେ ଆଦିମ ମଣିଷଠାରୁ ଥିବାବେଳେ ଶବ୍ଦ ମଧ୍ୟ କରିଥିବ ଓ ଏହି ଶବ୍ଦ ପରବର୍ତ୍ତୀ ସମୟରେ 'ଠାରଭାଷା' ବୋଲି

କୁହାଯାଇଥିବ । 'ଠାର'ରୁ ଠାରଭାଷା ହେବାରେ ହଜାର ହଜାର ବର୍ଷ ଲାଗିଯାଇଥିବ । ସେହିପରି ଆଦିମ ମଣିଷର ଭାଷା ବ୍ୟକ୍ତ କରିବାର ପରବର୍ତ୍ତୀ ସୋପାନରେ 'ଚିହ୍ନ', ସଂକେତ ଛବିର ଆବଶ୍ୟକ ପଡ଼ିଲା । ପରବର୍ତ୍ତୀ ସମୟରେ ଏହାକୁ 'ଚିତ୍ର' କୁହାଯାଇଥିବ । ମନୁଷ୍ୟର ଭାବକୁ ପ୍ରକାଶ କରିଥାଏ ଶବ୍ଦର ସମାହାର ବିଶିଷ୍ଟ ଭାଷା । ଭାବ ଓ ଭାଷାର ମିଶ୍ରିତ ଜୀବନ୍ତରୂପ ହେଉଛି "ଚିତ୍ର' । ଚିତ୍ରଟିଏ ଆଙ୍କିଦେଲେ ମଣିଷର ଚିନ୍ତାଧାରା ସ୍ପଷ୍ଟ ହେଇଯାଏ । ସମ୍ମୁଖରେ ଥିବା ବ୍ୟକ୍ତିର ଭାଷା ଅସ୍ପଷ୍ଟ ଓ ଅବ୍ୟକ୍ତ ହୋଇଥିଲେ ଚିତ୍ର ଦ୍ୱାରା ବ୍ୟକ୍ତ ହୋଇଥାଏ । ପୁରାତନ କାଳରେ ଆଦିମ ମଣିଷ ପାଖରେ ବିସ୍ତୃତ ଶବ୍ଦ ନଥିଲା, ଯାହାକି 'ଚିତ୍ର" ଆଙ୍କିବା ଦ୍ୱାରା ପରିପୂର୍ଣ୍ଣ ହେଉଥିଲା । ଏହିପରି 'ଚିତ୍ର'ର ଆବଶ୍ୟକତା ଧୀରେ ଧୀରେ କ୍ରମଶଃ ଅଗ୍ରଗତି ହେବାକୁ ଲାଗିଲା ।

ଆଗକାଳରେ 'ଚିତ୍ର' ସଦାସର୍ବଦା ସଂକେତ ରୂପେ ବ୍ୟବହୃତ ହେଉଥିଲା । ମନୁଷ୍ୟ ତା'ର ପରବର୍ତ୍ତୀ ପିଢ଼ି ନିମନ୍ତେ କିଛି ଚିତ୍ରକୁ ବାର୍ତ୍ତା ଆକାରରେ ପ୍ରକାଶ କରିଥିବ ଯାହାକି ସେ ସମୟରେ ଜୀବନଶୈଳୀ ଉପରେ ଆଧାରିତ ଥିବ ତାହାକୁ ନେଇ କିଛି ଅଙ୍କା ହୋଇଥିବା ରେଖା କିମ୍ବା ବୃତ୍ତକୁ ସଂରକ୍ଷଣ କରିବାକୁ ଚିନ୍ତା କରିବାକୁ ଯାଇ ଆଦିମ ମଣିଷ ସଂକେତରୁ ଲିଖନ ପ୍ରୟାସ କରିଥାଇପାରେ । ସେହିପରି ଲିଖନ ପ୍ରୟାସ ପାଇଁ ମଧ ଦୀର୍ଘସ୍ଥାୟୀ ଉପାୟ ସେ ଖୋଜିଥିବ । ପତ୍ରରେ ଲେଖା ଆରମ୍ଭ କରିଥିବ । ସେଥିପାଇଁ ଆମେ ବର୍ତ୍ତମାନ କାଗଜରେ ପ୍ରସ୍ତୁତ ଚିଠିକୁ ମ୍ଧ ପତ୍ର ନାମରେ ନାମିତ କରୁ, ଏହି ପତ୍ର ଦୀର୍ଘସ୍ଥାୟୀ ନହୋଇ ସମୟାନୁକ୍ରମେ ନଷ୍ଟ ହୋଇଯାଇଥାଏ । ଧୀରେ ଧୀରେ ଆହୁରି ଦୀର୍ଘସ୍ଥାୟୀ ଉପାୟ ସନ୍ଧାନ କରି ନୂତନ ନୂତନ ବସ୍ତୁର ଆବିର୍ଭାବ କରିଥିଲା । ଯେମିତି କାଠପଟାରେ ଖୋଦେଇ, ପଥରରେ ଖୋଦେଇ, ତମ୍ବା ପଟାରେ, କନା ଓ ରେଶମ ବସ୍ତ୍ରରେ ଲେଖାଲେଖି ହେଇଥିଲା ଓ ଏହି ଯୋଗୁଁ ଅକ୍ଷର ଦୀର୍ଘସ୍ଥାୟୀ ହେଇଥିଲା । ପରବର୍ତ୍ତୀ ସମୟରେ ଆଦିମ ମଣିଷ କାଳକ୍ରମେ ସଭ୍ୟ ଆଡ଼କୁ ଗତି କରିଥିଲା ଓ ଲିପିର ବ୍ୟବହାର କରିଥିଲା । ପୁରାତନ କାଳରେ ମନୁଷ୍ୟମାନେ ବୃକ୍ଷ ଉପରେ ନିଜର ଦୈନନ୍ଦିନ କାର୍ଯ୍ୟ ନିମନ୍ତେ ନିର୍ଭର କରୁଥିଲେ । ଯେମିତିକି ପତ୍ର ପିନ୍ଧୁଥିଲେ, ପତ୍ରରେ କୁଡ଼ିଆ କରି ବସବାସ କରୁଥିଲେ । ପତ୍ରରେ ଖାଦ୍ୟ ଖାଉଥିଲେ । ପତ୍ରର ବ୍ୟବହାର ବିଭିନ୍ନ କ୍ଷେତ୍ରରେ ଆବଶ୍ୟକ କରୁଥିଲେ । ଏହି ପତ୍ରର ପର୍ଯ୍ୟନ୍ତ ବ୍ୟବହୃତ ପତ୍ରକୁ ମନୁଷ୍ୟ ପୋଥି ଆକାରରେ ଗ୍ରହଣ କରିଥିଲା । କାଗଜର ବ୍ୟବହାର ଆରମ୍ଭ ହେବା ପୂର୍ବରୁ ମନୁଷ୍ୟ ପତ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲା । ପରବର୍ତ୍ତୀ କାଳରେ ଲିପି ଓ ଚିତ୍ରର ସମନ୍ୱିତରେ ବହୁ ତାଳପତ୍ର ପୋଥି ପ୍ରକାଶ ପାଇଲା ।

ଚିତ୍ରର ଆବଶ୍ୟକତା :

ପ୍ରତ୍ୟେକ ସମୟରେ ମନୁଷ୍ୟ ଜୀବନରେ ଚିତ୍ରର ଆବଶ୍ୟକତା ରହିଛି । ଏକ ସାଧାରଣ ଲୋକ ଓ ଏକ ଭିନ୍ନକ୍ଷମ ଲୋକଙ୍କୁ ନେଇ ଏକ ଉଦାହରଣ ଦିଆଯାଇପାରେ । ଗୋଟିଏ ଲୋକ ଅନ୍ୟ ଲୋକଟିକୁ ନିଜର ଭାବକୁ ବ୍ୟକ୍ତ କରିବା ପାଇଁ ଭାଷା ଆବଶ୍ୟକ ହୋଇଥାଏ । ଏହି ଭାଷା କହିବାବେଳେ ଧ୍ୱନି ଉପୁଜିଥାଏ, ଏହି ଧ୍ୱନି ଆମ କର୍ଣ୍ଣ ଦେଇ ଆମ ଚିତ୍ତକୁ ପରାମର୍ଶ ଦେଇଥାଏ ଯେ ଲୋକଟି କ'ଣ କହୁଛି ? ସେହିପରି ଶୁଣିପାରୁ ନଥିବା ବ୍ୟକ୍ତିଙ୍କ ପାଇଁ ଏହା ଜାଣିବା କଷ୍ଟସ୍ମ, ଏହି ସମୟରେ ଚିତ୍ରର ଆବଶ୍ୟକତା ରହିଛି । ଏକ ସାଧାରଣ ଲୋକ ନିକଟରେ ଶାସ୍ତ୍ର, ପୁରାଣ, କାବ୍ୟ ବୁଝିବା ଅତ୍ୟଧିକ କଷ୍ଟସାଧ୍ୟ । 'ଚିତ୍ର' ଏକ ମାଧ୍ୟମ ଯାହାକି ଶାସ୍ତ୍ର, ପୁରାଣ, କାବ୍ୟକୁ ଅତି ସହଜରେ ବୁଝି ହୋଇ ଯାଇଥାଏ । ସାଧାରଣତଃ ପୁରାଣଶାସ୍ତ୍ରକୁ ଆମେ ବିନା ଚିତ୍ର ସାହାଯ୍ୟରେ ଯାହା ବୁଝିଥାଉ ଚିତ୍ର ଦ୍ୱାରା ତାହା ଅଧିକ ସ୍ପଷ୍ଟ ଭାବେ ବୁଝୁ । ସେହିପରି ଏକ ଶିଶୁକୁ ପ୍ରଥମେ ଏକ ଫଳର ନାମ ଶିଖାଯାଏ, କିନ୍ତୁ ଶିଶୁଟି ଫଳ କ'ଣ ଓ ଫଳଟି ଦେଖିବାକୁ କିପରି, ଏସବୁ ପ୍ରଶ୍ନର ଉତ୍ତର ଦେବାପାଇଁ ଗୁରୁଜନମାନେ ଏକ ଫଳର ଚିତ୍ର ଆଙ୍କିଦେଇ ଶିଶୁକୁ ଚିହ୍ନାଇ ଦିଅନ୍ତି ଯେ ଏହା ଏକ 'ଫଳ' ।

"ଚିତ୍ର'ର ଆବଶ୍ୟକତା ବିଭିନ୍ନ କ୍ଷେତ୍ରରେ ରହିଛି । ଶିଶୁଠାରୁ ଗୁରୁଜନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଆବଶ୍ୟକତା ହିଁ 'ଚିତ୍ର' । ଯଦି ଆମେ ଆଧୁନିକ ଯୁଗ ବିଷୟରେ ଆଲୋଚନା କରିବା ତେବେ ଆଉ ଏକ ଉଦାହରଣ ଦିଆଯାଇପାରେ । ଯେତେବେଳେ ଏକ ଲୋକଟିକୁ ପେଟ ଭିତରେ ଏକ ରୋଗ ହୋଇଥାଏ, ସେତେବେଳେ ସେ ଏକ ଡାକ୍ତର ପାଖକୁ ଯାଇଥାଏ ଓ ଡାକ୍ତର ମ୍ଧ ଜାଣିନଥାନ୍ତି ଯେ ରୋଗୀଟିର ପେଟ ରୋଗର କାରଣ କ'ଣ । ଏଥିପାଇଁ ଡାକ୍ତର ରୋଗୀର ପେଟ ଭିତରକୁ ଦେଖିବା ପାଇଁ ରଞ୍ଜନ ରଶ୍ମି (x-ray) ର ବ୍ୟବହାର କରିଥାନ୍ତି । ଏହାପରେ ରୋଗର କାରଣ ଜଣାପଡିଥାଏ । ରୋଗକୁ ଭଲ ଭାବରେ ଜାଣିବା ପାଇଁ

ରଞ୍ଜନ ରଶ୍ମି ଦ୍ୱାରା ପ୍ରସ୍ତୁତ ଛବିର ଦରକାର ପଡ଼ିଥାଏ । ପ୍ରତ୍ୟେକ ଆବଶ୍ୟକତାରୁ ହିଁ ନୂତନ ବସ୍ତୁର ଉତ୍ପତ୍ତି ଘଟିଥାଏ ତାହା ଏଠାରେ ପ୍ରମାଣିତ ।

ଚିତ୍ରର ବୈଶିଷ୍ଟ୍ୟ :

କୁହାଯାଏ ଯେ ଯାହା ଚିତ୍ତକୁ ରଞ୍ଜନ କରେ ତାହାହିଁ "ଚିତ୍ର' । ଚିତ୍ତକୁ ରଞ୍ଜନ କରିବା ଅର୍ଥ ହୃଦୟରେ ଆନନ୍ଦାନୁଭବ କରିବା । ଚିତ୍ରରେ ରହିଥିବା ଆନନ୍ଦ ଓ ବ୍ୟକ୍ତ କରିବାର ଯେଉଁ ପିପାସା ସେହି ପଦ୍ଧତି ହିଁ ହେଉଛି 'ଚିତ୍ରକଳା' । ଚିତ୍ରର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି 'ରେଖା' । ପ୍ରଥମେ ରେଖା ଦ୍ୱାରା ଚିତ୍ର ଅଙ୍କାଯାଉଥିଲା । ଚିତ୍ର କଳାକ୍ରମେ କ୍ରମବିକାଶ ଓ ବିବର୍ତ୍ତନ ମଧ୍ୟଦେଇ ଚିତ୍ର 'ଗାର' ବା ରେଖାରୁ ପରିପୂର୍ଣ୍ଣତା ଆଡ଼କୁ ଅଗ୍ରସର କରିଛି । ଏହି ଅଗ୍ରସର ରେଖା ଚିତ୍ର ହେବାକୁ ଶହଶହ ବର୍ଷ ଲାଗିଯାଇଛି । ପରବର୍ତ୍ତୀ ସୋପାନରେ ପ୍ରଶ୍ନ ଆସିପାରେ ଯାହାକି ଚିତ୍ର କାହିଁକି ଓ କିଏ କେଉଁ ଉଦ୍ଦେଶ୍ୟରେ ଆଙ୍କିଥିଲା । ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ଥିଲା । ଏହି ରେଖାଚିତ୍ର ଦେଖିବାକୁ କିପରି ଥିଲା ଓ ପୁରାତନ କାଳରେ ରେଖାଚିତ୍ର କେଉଁଠାରେ ଅଙ୍କିତ ହୋଇଛି ତାହା ବର୍ଣ୍ଣନା କରିବା ସେତିକି ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ସମୟରେ ପ୍ରାକ୍-ଐତିହାସିକ ଚିତ୍ରକୁ ନିରୀକ୍ଷଣ କଲେ ରେଖାଚିତ୍ର ସମ୍ମୁଖକୁ ଆସିଥାଏ । ପୁରାତନ ମଣିଷ ରେଖାଚିତ୍ରକୁ ପ୍ରାଧାନ୍ୟ ଦେଉଥିବାର ପ୍ରମାଣ ମିଳେ । ଚିତ୍ରକଳାର ପ୍ରଥମ ପରିପ୍ରକାଶ ପ୍ରସ୍ତର ଗୁମ୍ଫାଗାତ୍ରରେ ଯାହାକୁ ମନୁଷ୍ୟ ତାହାର ଶବ୍ଦହୀନ, ଭାଷାହୀନ ରୂପେ ସେ ଗ୍ରହଣ କରିଥିଲା । ଓଡ଼ିଶାର କଳାସଂସ୍କୃତିର ପ୍ରାରମ୍ଭ ପର୍ଯ୍ୟାୟ ଗୁମ୍ଫା ଓ ପର୍ବତ ପ୍ରାକ୍-ଐତିହାସିକ ଚିତ୍ରର ମୂଳ ଜଣାପଡ଼ିଥାଏ ମନୁଷ୍ୟ ତା'ର ଆବଶ୍ୟକତା ଦ୍ୱାରା ଗୁମ୍ଫା କାନ୍ଥ ଓ ସୁଡ଼ଙ୍ଗମାନଙ୍କର ପ୍ରାଚୀନତମ ଲିଖନ ଓ ଚିତ୍ରର ନିଦର୍ଶନ ଦେଖିବାକୁ ମିଳିଥାଏ । ଉଦାହରଣଗୁଡ଼ିକ ହେଉଛି ଓଡ଼ିଶାର ଶୈଳାଶ୍ରୟ ଚିତ୍ର (Rock Shelter Art) ଦେଖିବାକୁ ମିଳିଥାଏ । ସୁନ୍ଦରଗଡ଼ ଜିଲ୍ଲାର ଛେଙ୍ଗା ପାହାଡ଼ର ଚିତ୍ର, ସମ୍ବଲପୁର ଜିଲ୍ଲାର ଲାଣ୍ଡିମାଲ୍, ସୋନପୁରର ପୁଜାଡୁଙ୍ଗୁରି, ମୟୂରଭଞ୍ଜ ଓ କଳାହାଣ୍ଡିରେ ଏହିଭଳି ଚିତ୍ର ଦେଖିବାକୁ ମିଳିଥାଏ ।

ଓଡ଼ିଶାର ଚିତ୍ରକଳା ଓ ଏହାର ବିଭାଗୀକରଣ :

ଚିତ୍ରକଳା ହିଁ ମନୁଷ୍ୟର ଭାଷା ବ୍ୟକ୍ତ କରିବାର ପ୍ରଥମ ପରିପ୍ରକାଶ । ପ୍ରାକ୍-ଐତିହାସିକ ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଓଡ଼ିଶାର କଳାସ୍ଥାପତ୍ୟ ଚିତ୍ରକଳା ବିଭିନ୍ନ ମୋଡ଼ଦେଇ ଅଗ୍ରସର ହୋଇଛି । ଓଡ଼ିଶାର ଚିତ୍ରକଳାରେ ପ୍ରାକ୍-ଐତିହାସିକ ଚିତ୍ରକଳାରୁ ଆରମ୍ଭ କରି ଆଧୁନିକ ପାରମ୍ପରିକ ଓ ଲୋକଚିତ୍ରଗୁଡ଼ିକ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ । ଓଡ଼ିଶାର ଚିତ୍ରକଳା କହିଲେ ପ୍ରଥମେ ଆଦିବାସୀ କଳା ପର୍ଯ୍ୟାୟ କରାଯାଉଛି ତାହା କେବଳ କଳାର ପ୍ରାରମ୍ଭ ପର୍ଯ୍ୟାୟ କରାଯାଉଛି ଓ କଳାର ସରଳୀକୃତ ପ୍ରକାଶଭଙ୍ଗୀ । ନଗର ସଭ୍ୟତାଠାରୁ ବହୁ ଦୂରରେ ଘନଅରଣ୍ୟ ମଧ୍ୟରେ ସରଳ, ସ୍ୱଚ୍ଛ, ନିଜର ସ୍ୱତନ୍ତ୍ର କଳାକୁ ବିଭିନ୍ନ ଆଦିବାସୀ ଗୋଷ୍ଠୀ ସମ୍ପ୍ରଦାୟଙ୍କ ଭିତରେ ଏଯାବତ ତିଷ୍ଠିଆସିଛି । ଆଦିବାସୀ ସମ୍ପ୍ରଦାୟ ସାଧାରଣତଃ କଳାପ୍ରିୟ, ଏମାନଙ୍କର ବାସଗୃହ, ବସ୍ତ୍ର ପରିଧାନ, ବାସନକୁସନ, ଅଳଙ୍କାର, ପ୍ରସାଧାନ ସାମଗ୍ରୀ କଳାର ସଂକେତ ବହନ କରେ । ଆଦିବାସୀ ସମ୍ପ୍ରଦାୟର ଏକ ଜନଜାତି ଗୋଷ୍ଠୀଙ୍କର ପ୍ରମୁଖ ଚିତ୍ରକଳାକୁ 'ସଉରା ଚିତ୍ରକଳା' କୁହାଯାଏ । ଏହି ସମ୍ପ୍ରଦାୟ ଓଡ଼ିଶାର ରାୟଗଡ଼ା, ଗଜପତି ସ୍ଥାନମାନଙ୍କରେ ଦେଖାଯାଆନ୍ତି । ଉତ୍କଳ, ବଙ୍ଗ, ବିହାରରେ, ବୌଦ୍ଧ ଜାତକ ଚିତ୍ରାବଳୀ ସହିତ ମନ୍ଦିର ସ୍ଥାପତ୍ୟ କଳାରେ ସାଧିତ ହୋଇଥିଲା । ଓଡ଼ିଶାର ଚିତ୍ରକଳାରେ ମଧ୍ୟ ମୋଗଲ ଚିତ୍ରକଳାର ପ୍ରଭାବ ବହୁଳ ପଡ଼ିଥିବାର ଦେଖାଯାଏ । କାଠପଟା, ତାଳପତ୍ର, କାଗଜ ଇତ୍ୟାଦି ମାଧ୍ୟମରେ ହେଉଥିବା ଉତ୍କଳରେ ଅନେକ ପୋଥିମାନଙ୍କରେ ଚିତ୍ର ପୌରାଣିକ, କାଳ୍ପନିକ ଚରିତ୍ରଗୁଡ଼ିକ ସ୍ଥାନ ଦିଆଯାଇଥିବା ଦେଖିବାକୁ ମିଳିଥାଏ । ଓଡ଼ିଶାର ପାରମ୍ପରିକ ଚିତ୍ରକଳାରେ ଭିତ୍ତିଚିତ୍ର ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ଓଡ଼ିଶାର ଶ୍ରୀଜଗନ୍ନାଥ ମନ୍ଦିରର ଜଗମୋହନରେ ଥିବା କାଞ୍ଚିକାବେରୀ ଚିତ୍ରଟି ୧୪୯୦ ମସିହାରେ ଉତ୍କୀର୍ଣ୍ଣ ହୋଇଥିବାର ଜଣାପଡ଼େ । ଭିତ୍ତିଚିତ୍ର କହିଲେ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାଚିତ୍ରଠାରୁ ଆରମ୍ଭ କରି ଦୀର୍ଘ ୧୮୦୦ ବର୍ଷ ମଧ୍ୟରେ ତାଳପତ୍ର ଚିତ୍ର, ଭିତ୍ତିଚିତ୍ର ଓ ପଟ୍ଟଚିତ୍ର ମଧ୍ୟରେ ଓଡ଼ିଶାରେ ଚିତ୍ରକଳା ବିକାଶ ହୋଇଛି ।

ଓଡ଼ିଶାର ଚିତ୍ରକଳା ୨ ପ୍ରକାରର । ପାରମ୍ପରିକ ଚିତ୍ର ଓ ଲୋକଚିତ୍ର ।

ପାରମ୍ପରିକ ଚିତ୍ର (ଭିତ୍ତିଚିତ୍ର, ପଟ୍ଟଚିତ୍ର, ପୋଥିଚିତ୍ର)

ପଟ୍ଟଚିତ୍ର : ଜଗନ୍ନାଥ, ଗଞ୍ଜପା, କାଷ୍ଠ ସାମଗ୍ରୀ ମୁଖା ଚିତ୍ର ଇତ୍ୟାଦି

ପୋଥିଚିତ୍ର : ତାଳପତ୍ର, କାଗଜପତ୍ର

ଲୋକଚିତ୍ର (ଝୋଟିଚିତା, ମୁରୁଜ, କୁଟେଇଚିତା)

ଝୋଟିଚିତା : ଚଟାଣ ଚିତ୍ର, କାନ୍ଥ ଚିତ୍ର

ମୁରୁଜ : ଶସ୍ୟ ବର୍ଣ୍ଣ, ଚୂର୍ଣ୍ଣ ବର୍ଣ୍ଣ

କୁଟେଇଚିତା : ବେତକଣ୍ଟା ଫୋଡ଼ା, ଛୁଞ୍ଚି ଫୋଡ଼ା

ପ୍ରାଚୀନ ଓଡ଼ିଆ କାବ୍ୟ ସାହିତ୍ୟରେ ଚିତ୍ରପୋଥି :

ନବମ-ଦଶମ ଶତାବ୍ଦୀବେଳକୁ ଚିତ୍ରଭାଷାର ଶୈଳୀରେ ରୈଖିକତା ଦେଖାଗଲା ।ପ୍ରାଚୀନ ଚିତ୍ରଗୁଡ଼ିକରେ ରେଖା ପ୍ରାଧାନ୍ୟ ହେଲା । ସେହିପରି ପ୍ରାଚୀନ ତାଳପତ୍ର ପୋଥି ଚିତ୍ରଗୁଡ଼ିକରେ 'ରେଖା' ଥିଲା ପ୍ରଧାନ । ଓଡ଼ିଆ କାବ୍ୟ, ପୁରାଣ ସାହିତ୍ୟରେ ଚିତ୍ରଭାଷାକୁ ରୂପ ଦେବାପାଇଁ ଏକ ମାତ୍ର ଉପାଦାନ ହେଉଛି 'ଚିତ୍ରପୋଥି' । ଓଡ଼ିଆ ସାହିତ୍ୟରେ ପ୍ରଥମ ଚିତ୍ରପୋଥି ଭାବେ ଗୀତଗୋବିନ୍ଦକୁ ଗ୍ରହଣ କରାଯାଇଛି । ଏହା ଶ୍ରୀ ଜୟଦେବଙ୍କ ଦ୍ୱାରା ରଚିତ ହୋଇଥିଲା । ଏହାପରେ ଓଡ଼ିଆ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଚିତ୍ରପୋଥିର ରଚନା ହୋଇଛି । ଓଡ଼ିଆ ରୀତିଯୁଗରେ ଚିତ୍ରପୋଥିର ରଚନା ବହୁଳ ଭାବରେ ହୋଇଥିଲା । ଏହି ସମୟରେ କାଳ୍ପନିକ ବିଷୟବସ୍ତୁକୁ ଆଧାର କରି ନାୟକ ନାୟିକାମାନଙ୍କର ପ୍ରେମକାହାଣୀ ରଚିତ ହେଉଥିଲା । କିଛି ରଚୟିତା ରାଧାକୃଷ୍ଣଙ୍କୁ ଆଧାର କରି ବିଷୟବସ୍ତୁ ରଚନା କରୁଥିଲେ । ଏହି ଚରିତ୍ରମାନଙ୍କର ଚିତ୍ର ତାଳପତ୍ର ପୋଥିରେ ଅଙ୍କା ଯାଉଥିଲା । ସୌନ୍ଦର୍ଯ୍ୟକୁ ଆହୁରି ଗଭୀର ଭାବେ ଭାବପ୍ରକାଶ କରିବାକୁ ଚିତ୍ରପୋଥିର ଆବଶ୍ୟକତା ରହିଥିଲା । ଚିତ୍ରପୋଥି ଓଡ଼ିଶାର ସାଂସ୍କୃତିକ ଉପାଦାନ ବୋଲି କୁହାଯାଇପାରେ । ଚିତ୍ରପୋଥି ଦୁଇ ପ୍ରକାରର : (୧) ରେଖା ଚିତ୍ର ଓ (୨) ରଙ୍ଗୀନ ଚିତ୍ର ।

ଓଡ଼ିଆ ସାହିତ୍ୟ ଜଗତରେ ପ୍ରଥମ ଚିତ୍ରପୋଥି ଭାବେ ଗୀତଗୋବିନ୍ଦକୁ ଗ୍ରହଣ କରାଯାଏ । ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦକୁ ଭାରତୀୟ ସାହିତ୍ୟ ଜଗତରେ ସ୍ଥାନ ପ୍ରମୁଖ ଅଟେ । ଗୀତଗୋବିନ୍ଦର ରଚନା କାଳ ଚତୁର୍ଦ୍ଦଶ ଶତାବ୍ଦୀ । 'ଗୀତଗୋବିନ୍ଦ'ର ରଚନା ସମାପ୍ତ ହେବା ପରେ ଜୟଦେବ ଏହାକୁ ଶ୍ରୀଜଗନ୍ନାଥଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରିଥିଲେ । ଗୀତଗୋବିନ୍ଦର ଚିତ୍ରିତ ତାଳପତ୍ର ପୋଥି, ଗୀତଗୋବିନ୍ଦର ଅକ୍ଷରଗୁଡ଼ିକ ଏକ ସଜାରେ ଏକ ମନ୍ଦିରର ଚିତ୍ର ଭାବେ ଏହାକୁ ଅଙ୍କାଯାଇଛି । ଏହି ମନ୍ଦିରଟି ଜଗଦୀଶ ମନ୍ଦିର ଅଟେ ଓ 'ଗୀତଗୋବିନ୍ଦ' ମତ୍ସ୍ୟ ଆକୃତି ଓ ହସ୍ତୀଦାନ୍ତ ଫଳକରେ ଲେଖନ, ମାଳା ଇତ୍ୟାଦି ଅନେକ ଉପକରଣ ମାଧ୍ୟମରେ ଏହାକୁ ବ୍ୟବହୃତ କରାଯାଉଥିଲା । ରାଗ, ତାଳ ସମନ୍ୱିତ ଏହି ଗୀତିକାବ୍ୟ 'ଗୀତଗୋବିନ୍ଦ'କୁ କୋଣ-ଅନୁକୋଣରେ ବୋଲାଯାଏ । 'ଗୀତଗୋବିନ୍ଦ'କୁ ବୈଷ୍ଣବ ଧର୍ମୀୟ ଗ୍ରନ୍ଥ ଭାବେ ଗ୍ରହଣ କରାଯାଇଥାଏ ।

ତାଳପତ୍ର ପୋଥିରେ ଗୀତଗୋବିନ୍ଦ ବିଷୟବସ୍ତୁ ନେଇ ଚିତ୍ର ଅଙ୍କନ ହୋଇଛି । ଏହି ପୋଥିରେ ଅକ୍ଷର ଓ ଚିତ୍ର ସମ୍ବଳିତ ବିଷୟବସ୍ତୁକୁ ଚିତ୍ରପୋଥି କୁହାଗଲା । ଗୀତଗୋବିନ୍ଦରେ ମୁଖ୍ୟ ଚରିତ୍ର ଶ୍ରୀକୃଷ୍ଣ ରାଧାଙ୍କର ପୋଥିରେ ଚିତ୍ର ଅଙ୍କନ ରହିଥିଲା । ରାଜ୍ୟ ସଂଗ୍ରହାଳୟରେ ଗୀତଗୋବିନ୍ଦର ରଙ୍ଗୀନ୍ ପୋଥି ରହିଛି । ଏହା ଅତି ପ୍ରାଚୀନ ବୋଲି ଜଣାଯାଏ । ଏହା ଭୁବନେଶ୍ୱର ସ୍ଥିତ ରାଜ୍ୟ ଅଭିଲେଖଗାରରୁ କିଣାହୋଇ ରାଜ୍ୟ ସଂଗ୍ରହାଳୟଠାରେ ସଂରକ୍ଷିତ ରହିଛି । ଏହି ଗୀତଗୋବିନ୍ଦ ପୋଥିଟି ମଧ୍ୟ ରଙ୍ଗୀନ୍ ଚିତ୍ରପୋଥି ଅଟେ । ଏହା ସତର ପତ୍ର ଯୁକ୍ତ । ପ୍ରଥମ ଚିତ୍ରପୋଥି ରୂପେ ଗୀତଗୋବିନ୍ଦ ପୋଥିକୁ ଗ୍ରହଣ କରାଯାଏ । ସେହିପରି ଚିତ୍ରକାର ଭାବେ ପ୍ରଥମେ ଧନଞ୍ଜୟ ସଂଗ୍ରହାଳୟରେ ଗୀତଗୋବିନ୍ଦର ରଙ୍ଗୀନ୍ ପୋଥି ରହିଛି । ଏହା ଅତି ପ୍ରାଚୀନ ବୋଲି ଜଣାଯାଏ । ଏହା ଭୁବନେଶ୍ୱର ସ୍ଥିତ ରାଜ୍ୟ ଅଭିଲେଖାଗାରରୁ କିଣା ହୋଇ ରାଜ୍ୟ ସଂଗ୍ରହାଳୟଠାରେ ସଂରକ୍ଷିତ ରହିଛି । ଏହି ଗୀତଗୋବିନ୍ଦ ପୋଥିଟି ମଧ୍ୟ ରଙ୍ଗୀନ୍ ଚିତ୍ରପୋଥି ଅଟେ । ଏହା ସତର ପତ୍ରଯୁକ୍ତ । ପ୍ରଥମ ଚିତ୍ରପୋଥି ରୂପେ ଗୀତଗୋବିନ୍ଦ ପୋଥିକୁ ଗ୍ରହଣ କରାଯାଏ । ସେହିପରି ଚିତ୍ରକାର ଭାବେ ପ୍ରଥମେ ଧନଞ୍ଜୟଙ୍କୁ ଗ୍ରହଣ କରାଯାଏ ।

ଗୀତଗୋବିନ୍ଦ ପରେ ଓଡ଼ିଆ ସାହିତ୍ୟରେ 'ରୁକ୍ମିଣୀ ଚଉତିଶା'କୁ ଚିତ୍ରପୋଥି ଭାବେ ଗ୍ରହଣ କରାଯାଏ । ଏହାର ରଚୟିତା ହେଲେ ନନ୍ଦାବାଇ । ସେ ଜଣେ ନାରୀ ରଚନାକାର । ଏହା ମଧ୍ୟ ସର୍ବ ପୁରାତନ ଚିତ୍ରପୋଥି ଅଟେ । ରୁକ୍ମିଣୀ ଚଉତିଶା ଏହା ରାଜ୍ୟ ସଂଗ୍ରହାଳୟ ଦ୍ୱାରା ସଂଗୃହିତ । ଚିତ୍ରପୋଥିର ଚରିତ୍ର ରଙ୍ଗ, ବେରଙ୍ଗ, ଚିତ୍ରକାର ଇତ୍ୟାଦି ବର୍ଣ୍ଣନା କରିବା ପୂର୍ବରୁ ଚିତ୍ରପୋଥିର ପ୍ରାଥମିକ ଗୁରୁତ୍ୱପୂର୍ଣ୍ଣ ବିବରଣୀ ପ୍ରକାଶ କରିବା ସମ୍ପୂର୍ଣ୍ଣ ପ୍ରଯୁଜ୍ୟ ଅଟେ । ରୁକ୍ମିଣୀ ଚଉତିଶାର ପତ୍ରସଂଖ୍ୟା ଛବିଶି । ଏହି

ଚିତ୍ରପୋଥିରେ କେବଳ ପଂକ୍ତି ଲେଖାଯାଇନାହିଁ । କେତେକ ପତ୍ରରେ ଉଭୟ ପାର୍ଶ୍ୱରେ ଚିତ୍ର ରହିଛି । ଚିତ୍ରପୋଥିଟିର ପ୍ରସ୍ତୁତି ସମୟ ପ୍ରାଚୀନ ଅଟେ । ପୋଥିବିତ୍‌ଙ୍କ ମତରେ ଏହି ଚିତ୍ରପୋଥିଟି ତିନିଶହ ବର୍ଷ ପୁରୁଣା । ଏହି ଚିତ୍ରପୋଥିଟି ଅଠଷଠି ପଦ ବିଶିଷ୍ଟ । ଏହା ଚଉତିଶା ରୀତିରେ (କ ଠାରୁ କ୍ଷ) ରଚିତ । ଲିପି ଦୃଷ୍ଟିରୁ ଏହାର ସମୟ ସପ୍ତଦଶ ଶତାବ୍ଦୀର ଉତ୍ତରାର୍ଦ୍ଧ ବୋଲି ନିର୍ଣ୍ଣୟ କରାଯାଇପାରେ । ରୁକ୍ମିଣୀ ଚଉତିଶାର ବିଷୟବସ୍ତୁକୁ ଆଲୋଚନା କଲେ ଏଠାରେ ପଦ ଆରମ୍ଭରୁ କରପତ୍ର ଯୋଡ଼ି ପରୀକ୍ଷ ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କର ବିଭାଘର ବର୍ଣ୍ଣନା ମୁନି ବ୍ରହ୍ମଗିରିଙ୍କୁ ଶୁଣାଉଛନ୍ତି । ପଦ ଆରମ୍ଭରୁ ଶ୍ରୀଜଗନ୍ନାଥଙ୍କୁ ଓ ବିଘ୍ନରାଜଙ୍କୁ ପ୍ରଣାମ କରି ବିଷୟବସ୍ତୁ ଅୟମାରମ୍ଭ କରିଛନ୍ତି । ଋତୁ ବର୍ଣ୍ଣନା କଥା ଓ ବାରମାସ କଥା କହିଛନ୍ତି । ରୁକ୍ମିଣୀଙ୍କର ସ୍ୱୟଂବର କଥା ବର୍ଣ୍ଣନା ରହିଛି । ପୋଥିରେ ବିଘ୍ନରାଜଙ୍କର ଚିତ୍ର ଖୋଦିତ ହୋଇଛି । ପୋଥିରେ ବିଘ୍ନରାଜ ଚତୁଃହସ୍ତରେ ସମସ୍ତ ଅସ୍ତ୍ର ଧାରଣ କରିଛନ୍ତି । ଶୁକଦେବ ପରୀକ୍ଷଙ୍କର ଚିତ୍ର ଅଙ୍କନ କରାଯାଇଛି ଓ ରୁକ୍ମିଣୀଙ୍କର ଚିତ୍ର ଅଙ୍କନ ମଧ୍ୟ ହୋଇଛି । ରୁକ୍ମିଣୀଙ୍କର ସଖୀ ମୁଦୁସୁଲି ଚାରିପାରୁଶରେ ବେଢ଼ି ରହିଛନ୍ତି ସେବା କରୁଥିବା ଚିତ୍ର ଅଙ୍କନ କରାଯାଇଛି । ପୁରୁଷମାନଙ୍କର ଚିତ୍ର ଅଙ୍କନ କରାଯାଇଛି । ଅଳଂକାର ଭୂଷଣ ହୋଇଥିବାର ଦେଖାଯାଏ । ଏହା ବ୍ୟତୀତ ପ୍ରସାଦର ଚିତ୍ରାଙ୍କନ କରାଯାଇଛି । ମନ୍ଦିର ଓ ରଥର ଚିତ୍ର ଅଙ୍କନ ରହିଛି । ପଶୁ ମଧ୍ୟରେ ଗଜ ଓ ଘୋଡ଼ାର ଚିତ୍ର ଦେଖିବାକୁ ମିଳେ । ପୋଥିର ଚିତ୍ରକାର ଥିଲେ ରଘୁନାଥ ପୃଷ୍ଟି ।

ଓଡ଼ିଆ ସାହିତ୍ୟରେ ତୃତୀୟ ସର୍ବପ୍ରାଚୀନ ଚିତ୍ରପୋଥି ଭାବେ 'ଉଷାଭିଳାଷ' । ଏହା ଏକ ପୌରାଣିକ କିମ୍ବଦନ୍ତୀମୂଳକ କାବ୍ୟ ଅଟେ । ଏହି କାବ୍ୟଟି କୃଷ୍ଣଲୀଳାର ଅଂଶବିଶେଷ । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପୋଥି ବିଭାଗରେ ସୁରକ୍ଷିତ ଉଷାଭିଳାଷ ପୋଥି ସଂଖ୍ୟା ଚଉଦ । ସେଗୁଡ଼ିକ ମଧ୍ୟରୁ ପାଞ୍ଚଗୋଟି ପୋଥି ଚିତ୍ର ସମ୍ବଳିତ ରୈଖିକ ଓ ରଙ୍ଗୀନ ଏବଂ ଅନ୍ୟଗୁଡ଼ିକ କେବଳ ବିଷୟଭିତ୍ତିକ ଅଟେ । ଉଷାଭିଳାଷ କାବ୍ୟର ରଚନା ସମୟ ସପ୍ତଦଶ ଶତାବ୍ଦୀରେ । ଏହା ଏକ ପୌରାଣିକ କାବ୍ୟହେଲେ ମଧ୍ୟ କାଳ୍ପନିକ ସ୍ପର୍ଶ ଅନେକ ରହିଛି । ଏଥିରେ ମୁଖ୍ୟ ଚରିତ୍ର ନାୟିକା 'ଉଷା' ନାୟିକା ନାମାନୁସାରେ କାବ୍ୟର ନାମ ରହିଛି 'ଉଷାଭିଳାଷ' । ଶୋଣିତପୁରର ରାଜା ବାଣାସୁର । ବାଣାସୁରଙ୍କର ଏକମାତ୍ର କନ୍ୟା ଥିଲେ 'ଉଷା' । ବାଣାସୁର ଥିଲେ ଯୋଦ୍ଧା । ସେ ତ୍ରିପୁରାବିଜୟୀ ହେବେ ବୋଲି ସେ ମହାଦେବଙ୍କ ପାଖରେ ତପସ୍ୟା କରିଥିଲେ । ନିଜ ଭଳି ଏକ ବଳିଷ୍ଠ ଯୋଦ୍ଧା ଆବଶ୍ୟକ କରୁଥିଲେ ଯାହାଙ୍କ ସହ ସେ ଯୁଦ୍ଧ କରିପାରିବେ । ସେହି ସମୟକୁ ଅପେକ୍ଷା କରିଛନ୍ତି ବାଣାସୁର ମହାଦେବ ମଧ୍ୟ ବାଣାସୁରର ଗର୍ବ ଭାଙ୍ଗିବା ପାଇଁ ଉଚିତ ଶିକ୍ଷା ଦେଇଛନ୍ତି । ବାଣାସୁରଙ୍କ ରଥରୁ ପତାକା ଭୂପତିତ ହେବ ସେହି ଦିନ ସେ ଯୋଦ୍ଧା ପାଇବେ । ଏହିଭଳି ବିଷୟବସ୍ତୁ ରହିଛି 'ଉଷାଭିଳାଷ' କାବ୍ୟକୁ ନେଇ ଚିତ୍ରପୋଥି ହୋଇଛି । କାବ୍ୟର ଚରିତ୍ର ଓ ପରିବେଶ ବର୍ଣ୍ଣନା, ରଥମାନଙ୍କର ଚିତ୍ର, ବୃକ୍ଷର ଚିତ୍ର, ପଶୁମାନଙ୍କର ଚିତ୍ର ଇତ୍ୟାଦି ଚିତ୍ରପୋଥି ଅଙ୍କନ କରାଯାଇଥାଏ । ଓଡ଼ିଶାର ଉଷାଭିଳାଷର ଚିତ୍ରପୋଥିଗୁଡ଼ିକ ମଧ୍ୟରୁ ଖଣ୍ଡପଡ଼ାର ରଙ୍ଗୀନ ଚିତ୍ରପୋଥି ପ୍ରାଚୀନ ଏବଂ ଏହାର ଅଙ୍କନଶୈଳୀ ରଙ୍ଗ ବିନ୍ୟାସ ବେଶ୍ ଆକର୍ଷଣ ପାଠକଙ୍କୁ କରେ । ଏହି ଚିତ୍ରପୋଥିରେ ବାଣାସୁରଙ୍କର ଚିତ୍ରରେ ହାତ ଦଶଟି ଥିବାର ଦେଖିବାକୁ ମିଳେ । କାରଣ ବାଣାସୁର ଏଠାରେ ଯୋଦ୍ଧା । ଉଷା କେଶବତୀ କନ୍ୟାପରି ସଜବାଜ ଅଳଙ୍କାର ଆଭୂଷିତା ହୋଇ ଅଙ୍କିଯାଇଛି । ଉଷାଭିଳାଷ କାବ୍ୟରେ ଓଡିଶୀ ଚିତ୍ରକଳାର ସ୍ପର୍ଶ ଜଣାଯାଏ । ରେଖାଚିତ୍ରଗୁଡ଼ିକରେ ପ୍ରଲେପ ଦିଆଯାଇଥାଏ । ଏହା ରଙ୍ଗୀନ ଚିତ୍ରପୋଥି ଭାବେ ପ୍ରସ୍ତୁତ କରାଯାଇଥିଲା । ଉଷାଙ୍କର ଚିତ୍ର ଦେଖିଲେ ଜଣାଯାଏ ଚିତ୍ରକାରଙ୍କର ଅସ୍ଥିଜ୍ଞାନ (anatomy) ପ୍ରଚୁର ଭାବେ ରହିଥିଲା । ଉଷାଙ୍କର ମୁହଁର ତୀକ୍ଷ୍ଣ ନାକ, ବିମ୍ବ ଓଷ୍ଠୀ, ଅଳଙ୍କାର ବିଭୂଷିତ କାନ, କୁମ୍ଭ କଣ୍ଠ, ସିଂହ କଟୀ ଓ ପାଟ ବସ୍ତ୍ର, ସର୍ବାଙ୍ଗ ଶରୀର ଅଳଙ୍କାର ବିଭୂଷଣ ହୋଇ ଓଡ଼ିଶୀ ଚିତ୍ରକଳାର ପରିପ୍ରକାଶ କରାଯାଇଛି ।

'କୁମୁଦକାନ୍ତ ଚଉତିଶା' ଏହି ଚଉତିଶାଟି ନାରାୟଣ ଦାଶଙ୍କର ଦ୍ୱାରା ରଚିତ ଓ ଏହାପରେ ଆର୍ତ୍ତତ୍ରାଣ ଚଉତିଶା ଦୀନକୃଷ୍ଣ ଦାସ 'ଜଣାଣ ଚଉତିଶା'ର ରଚୟିତା ନରେନ୍ଦ୍ରାନୁଜ । ଏ ସମସ୍ତ ଚଉତିଶାଗୁଡ଼ିକ ପ୍ରାୟ ଏକା ସମୟରେ କରାଯାଇଛି । ଏହାର ସମୟ ହେଉଛି ଉନବିଂଶ ଶତାବ୍ଦୀ । 'କୁମୁଦକାନ୍ତ ଚଉତିଶା' ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପୋଥି ବିଭାଗରେ ସରଂକ୍ଷିତ ହୋଇରହିଛି । କୁମୁଦକାନ୍ତ ଚଉତିଶାଟି ଏକୋଇଶି ପତ୍ର ବିଶିଷ୍ଟ ।

ଏହା ମଧ୍ୟ ଏକ ଚିତ୍ରପୋଥି । କିନ୍ତୁ ଏଥିରେ ହୋଇଥିବା ଚିତ୍ରର ଚିତ୍ରକାରଙ୍କ ନାମ ଗୋପନ ରହିଛି । ଏହି ଚଉତିଶାଟି ରାଗ କୋଶିକ ଦ୍ୱାରା ରଚିତ । ଏହି ଚଉତିଶାର ବିଷୟବସ୍ତୁ ଚିତ୍ରଗୁଡିକ ଦେଖିଲେ ଜଣାଯାଏ ଏହା ଶ୍ରୀରାଧା ଓ ଶ୍ରୀକୃଷ୍ଣ ହେଉଛନ୍ତି ମୁଖ୍ୟ ଚରିତ୍ର । ଏହି ଚିତ୍ରପୋଥିର ଆରମ୍ଭରେ ବିଘ୍ନରାଜ ଗଣେଶଙ୍କ ଚିତ୍ର ଅଙ୍କାଯାଇଛି । ମୟୂର, କୁକ୍କୁଟ ଓ ପଶୁମାନଙ୍କ ମଧ୍ୟରେ ହରିଣ, ବ୍ୟାଘ୍ର, ଶୁକର, ଷଣ୍ଢ, ହସ୍ତୀ, ମର୍କଟ ଇତ୍ୟାଦିଙ୍କର ଚିତ୍ର ଅଙ୍କାଯାଇଛି । କୁମୁଦକାନ୍ତ ଚଉତିଶା ଏକ ରଙ୍ଗୀନ ଚିତ୍ରପୋଥି ଅଟେ ।

ଏହାପରେ ଆମେ ଅନ୍ୟ ଏକ ଚଉତିଶା ଆଲୋଚନା କରାଯାଇପାରେ ତାହା ହେଉଛି 'ଆର୍ତ୍ତତ୍ରାଣ ଚଉତିଶା'ର ରଚୟିତା ହେଉଛି ଦୀନକୃଷ୍ଣ ଦାସ । ଏହା ମଧ୍ୟ ଏକ ଚିତ୍ରପୋଥି ଲେହାର ରଚନା ସମୟ ସପ୍ତଦଶ / ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ । ଏହା ସର୍ବାଧିକ ଲୋକପ୍ରିୟ । ଏହାର ପ୍ରଥମ ମୁଦ୍ରଣ ୧୮୬୯ ମସିହା । ଦୀନକୃଷ୍ଣ ଦାସ ହେଲେ ଜଣେ ବୈଷ୍ଣବ କବି । ଦୀନକୃଷ୍ଣ ଦାସ ରସକଲ୍ଲୋଳର ରଚୟିତା । ଆର୍ତ୍ତତ୍ରାଣ ଚଉତିଶା ରାଗ କାମୋଦୀରେ ରଚିତ । ଦୀନକୃଷ୍ଣ ଦାସଙ୍କର ଆର୍ତ୍ତତ୍ରାଣ ଚଉତିଶା ଏବଂ ନରେନ୍ଦ୍ରାନୁଜଙ୍କ ଜଣାଣ ଚଉତିଶା ଉଭୟଭାବ, ଶବ୍ଦ ପ୍ରୟୋଗ ଓ ସଂରଚନା ଦୃଷ୍ଟିରୁ ଗୋଟିଏ ପ୍ରକାରର ଅଟେ । ଏହା ଏକ ଚିତ୍ରପୋଥି ସମଗ୍ର ଚଉତିଶାରେ କୃପାଳଧି ଶ୍ରୀଜଗନ୍ନାଥଙ୍କ ନିକଟରେ ଜଣେ ଭକ୍ତର କରୁଣ ପ୍ରାର୍ଥନା ଏଠାରେ ବିଷୟବସ୍ତୁ ହେଉଛି ଆର୍ତ୍ତତ୍ରାଣ ଚଉତିଶାର ମୁଖ୍ୟ ବିଷୟ । ଚିତ୍ରପୋଥିକୁ ଦେଖିବା ସହିତ ଏହା ପଦଗାନ କରିବା ଦ୍ୱାରା ଚଉତିଶାଟି ପାଠ କରିବା ସାର୍ଥକ ହୋଇଥାଏ । ଏଥିରେ ପୋଥିର ଚିତ୍ରକାରଙ୍କ ନାମ ଗୋପନ ରଖାଯାଇଛି କିନ୍ତୁ ଠିକଣା ବିବରଣୀ ପ୍ରଦାନ କରାଯାଇଛି । ଚିତ୍ରକାରଙ୍କ ଗୃହ ଗଞ୍ଜାମ ବାଲିପଦର ଅଟେ । ଏହି ପୋଥିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦୁଇଜଣ ପ୍ରାର୍ଥନା କରୁଥିବାର ଚିତ୍ର ଅଙ୍କାଯାଇଛି । ଏଠାରେ ଭକ୍ତ ଜଣକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଥିବାର ଚିତ୍ର ରହିଛି । ଏହି ଚଉତିଶାରେ ଭକ୍ତ ଓ ଭଗବାନଙ୍କୁ ନେଇ ବିଷୟଟି ସମ୍ପୂର୍ଣ୍ଣ ରଚନା ରଚିତ । ବିଷୟ, ଆକାର, ଚରିତ୍ର ବିବରଣୀ ଆଲୋଚନା ପରେ ପୋଥିରେ ଚିତ୍ର ଆଢ଼କୁ୍ନନ ଦିଆଯାଇପାରେ । ଏହି ଚିତ୍ରପୋଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଳଭଦ୍ର, ସୁଭଦ୍ରା ଓ ଭକ୍ତ, ହାତୀ, ମୃଗୁଣୀ, ବ୍ୟାଧ (ଚତୁଃହସ୍ତ ଧାରୀ), ଶ୍ରୀଜଗନ୍ନାଥ, ସର୍ପ ଶୟନ, ବିଷ୍ଣୁ, ଲକ୍ଷ୍ମୀଙ୍କର ପଦ ସେବାର ଚିତ୍ର, ମୟୂର, ବୃକ୍ଷ, ବ୍ରହ୍ମା, ଷଣ୍ଢ, ରାମଚନ୍ଦ୍ର ଓ ରାବଣ ଇତ୍ୟାଦି ଏହା ବ୍ୟତୀତ ସୂକ୍ଷ୍ମ ଚିତ୍ରଗୁଡ଼ିକ ମଧ୍ୟ ଅଙ୍କିତ ହୋଇଛି । ଲତାକୁଞ୍ଜ, ଶ୍ରୀଜଗନ୍ନାଥଙ୍କ ହସ୍ତରେ ଧାରଣ ପଦ୍ମଫୁଲ,ଚକ୍ର, ଖଡ଼ଗ, ଶଙ୍ଖ, ବସ୍ତ୍ର, ଅଳଙ୍କାର, କେଶବିନ୍ୟାସ ପାଦରେ ପୟର, ହାତରେ ଅଳଙ୍କାର, ଧନୁତୀର ଧାରଣ, ଚିତ୍ର, ମୁକୁଟ, ମସ୍ତକ, ଗଳାରେ ମାଳା, ଲମ୍ବା ନିଶ ଓ ଦାଢ଼ି, ଲମ୍ବା କେଶ, କୌପିନ ବସ୍ତ୍ର, ଖୋଲାକେଶ, ଜୁଡ଼ା କେଶ, ଲମ୍ବା ଭୂଲତା, ମୀନ, ମନ୍ଦିର ମଣ୍ଡପର ସୂକ୍ଷ୍ମ ଚିତ୍ରାବଳୀ, ବାହୁରେ ପିତାମ୍ବର ଉତ୍ତରୀୟ ଇତ୍ୟାଦି ତାଳପତ୍ର ଖୋଦନ କରାଯାଇଛି ।

'ଜଣାଣ ଚଉତିଶା' ମଧ୍ୟ ରାଗକାମୋଦୀ ଓ ଛଳପ୍ରାନ୍ତ ଯମକ ଅଳଙ୍କାରରେ ରଚିତ । ପ୍ରାଚୀନ କାଳରେ ମହାପ୍ରଭୁଙ୍କ ପାଖରେ ଜଣାଣ ପଢ଼ାଯାଉଥିଲା । ଏହି ଚଉତିଶାଟି ଜଣାଣ ଚଉତିଶା କାଳୀଚରଣ ପଟ୍ଟନାୟକଙ୍କ ଦ୍ୱାରା କଟକ ଅଞ୍ଚଳ ଜଗନ୍ନାଥବଲ୍ଲଭ ସଂଗୃହୀତ । ଏହି ଦୁଇଟିର ପ୍ରାପ୍ତି ସ୍ଥାନ ମଧ୍ୟ ପୁରୀ ଜିଲ୍ଲା ଅଟେ । ଜଣାଣ ଚଉତିଶା ରେ ଅନୁସ୍ୱାରର ବ୍ୟବହାର ରହିଛି ।

'ଭାଗବତ' ଜଗନ୍ନାଥ ଦାସଙ୍କ ଦ୍ୱାରା ସ୍ୱରଚିତ । ଜଗନ୍ନାଥ ଦାସଙ୍କ ସହ ଶ୍ରୀଚୈତନ୍ୟ ପରବର୍ତ୍ତୀ କାଳରେ ଗୌଡୀୟ ପରମ୍ପରା ମାଧ୍ୟମରେ ଭାଗବତର ଚିତ୍ରଗୁଡିକୁ ବେଶ ପ୍ରଭାବିତ କରିଥିଲା । ଭାଗବତ ନବାକ୍ଷରୀ ବୃତ୍ତରେ ରଚିତ । ଭାଗବତ ବାର ସ୍କନ୍ଦ । ଅଷ୍ଟାଦଶ ଶତାବ୍ଦୀର ବଳଦେବ ବିଦ୍ୟାଭୂଷଣ ସହିତ ସଂସ୍କୃତ ଭାଗବତର ଚିତ୍ରଭାଷ୍ୟକାର ଏବଂ ଓଡ଼ିଆ ଭାଗବତର ଚିତ୍ର ଭାଷାକାର କେଶବ ମହାରଣା ପର୍ଯ୍ୟନ୍ତ ଯେତେ ଭାଷ୍ୟ ରହିଛି ସେଗୁଡ଼ିକ ଉଭୟ କାବ୍ୟଧାରା ଓ ଚିତ୍ରଧାରା ଗୁଣାତ୍ମକ, ତାତ୍ତ୍ୱିକ ବର୍ଣ୍ଣନା ପାଇଁ ମଧ୍ୟ ଉଦ୍ଦିଷ୍ଟ ।

ଏତଦ୍‌ବ୍ୟତୀତ 'ସଚିତ୍ର ଭାଗବତ' ସଂଗୃହୀତ ହୋଇରହିଛି । ଏହି 'ସଚିତ୍ର ଭାଗବତ'ର ସମୁଦାୟ ପତ୍ରସଂଖ୍ୟା ଏକଚାଳିଶି । ଭାଗବତର ଦଶମ ସ୍କନ୍ଦରେ ରହିଛି ଚିତ୍ର । ଦଶଟି ପତ୍ରଯୁକ୍ତ ଏହା ବହୁ ପ୍ରାଚୀନ ପୋଥି ଅଟେ । ଉଷାହରଣକୁ ନେଇ ଚିତ୍ରାବଳୀ ହୋଇଛି ଏହି ଅନାଚାଶ ପତ୍ରଯୁକ୍ତ ଓ ଚୌଷଠି ରତିବନ୍ଧ

ନାମକ ଏକ ପୋଥି । ଏହା ମହର୍ଷି ବାତ୍ସାୟନଙ୍କ କାମଶାସ୍ତ୍ର ନେଇ ଚିତ୍ର ଅଙ୍କାଯାଇଛି । ଏହା ରଙ୍ଗୀନ ପୋଥି ବତିଶି ପତ୍ରଯୁକ୍ତ । ଏହାର ସମୟ ଊନବିଂଶ ଶତାବ୍ଦୀ ଏହାର ରଚୟିତା ଗୋପାଳ ଭଞ୍ଜ ଏହା କି ଚୈତନ୍ୟ ଛୋଟରାୟ ତାପଙ୍ଗ ପୁରୀ ସଂଗ୍ରହ କରାଯାଇଛି । ଏହା ଅଠତିରିଶ ପତ୍ରଯୁକ୍ତ ପୋଥି । 'ରସିକ ହାରାବଳୀ' ଏକ ବିଞ୍ଝଣା ଦ୍ୱାରା ପୋଥି ପ୍ରସ୍ତୁତ ହୋଇଛି । ଏହାଛଡ଼ା ଓଡ଼ିଆ ସାହିତ୍ୟରେ ଉପେନ୍ଦ୍ର ଭଞ୍ଜଙ୍କର 'ଚିତ୍ରକାବ୍ୟ ବନ୍ଧୋଦ୍ୱୟ' ମଧ୍ୟ ବହୁ ଚିତ୍ରପୋଥି ରହିଛି ।

କେତେକ ପୋଥିବିତ୍‌ଙ୍କ ମତରେ ଦ୍ୱିତୀୟ ପୁରାତନ ଚିତ୍ରପୋଥି ହେଉଛି 'ରୁକ୍ମିଣୀ ବିଭା' । ପ୍ରାଥମିକ ସ୍ତରରେ କବିମାନେ ପୁରାଣାଶ୍ରିତ କଥାବସ୍ତୁକୁ ଆଧାର କରି ଚଉତିଶାମାନ ଲେଖିଛନ୍ତି । ଚିତ୍ରପୋଥି ବ୍ୟବହାର ବହୁ ପୁରାତନ କାଳରୁ ଥିଲା । ତିନିଶହ ପଚାଶବର୍ଷ ତଳର ଚିତ୍ର ମଧ୍ୟ ତାଳପତ୍ର ପୋଥିରେ ରହିଛି ଲେହ ପ୍ରାକୃତିକ ରଙ୍ଗ ଦ୍ୱାରା ରଙ୍ଗାୟିତ ହୋଇରହିଛି । ଓଡ଼ିଶାରେ ଗଞ୍ଜାମ ଜିଲ୍ଲାରେ ମଥୁରା ଗ୍ରାମରେ ବର୍ତ୍ତମାନ ସୁଦ୍ଧା ପର୍ଯ୍ୟନ୍ତ ପୋଥି ପଟ୍ଟକାର୍ଯ୍ୟ ହେଉଛି । ଓଡ଼ିଶାର ତାଳପତ୍ର ପୋଥିର ଚିତ୍ରକାର ସର୍ବୋତ୍ତମ ଚିତ୍ରକାରଙ୍କ ମଧ୍ୟରୁ ରଘୁନାଥ ପୃଷ୍ଟି ହେଉଛନ୍ତି ଅନ୍ୟତମ । ରାଗ ଚିତ୍ରରେ ଚିତ୍ର ଅଙ୍କନ କରିଥିଲେ ରଘୁନାଥ ପୃଷ୍ଟି । ଶିଳ୍ପୀ ରଘୁନାଥ ପୃଷ୍ଟିଙ୍କର ସମୟ ହେଉଛି ଊନବିଂଶ ଶତାବ୍ଦୀ ତାଙ୍କୁ ଏକ ବିଶିଷ୍ଟ ପୋଥି ଚିତ୍ରକାର ଭାବେ ଗ୍ରହଣ କରାଯାଏ । ବହୁ ତାଳପତ୍ରରେ ପ୍ରସ୍ତୁତ ପୋଥିଚିତ୍ରଗୁଡ଼ିକରେ ରାଧାକୃଷ୍ଣଙ୍କର ଚିତ୍ର ରାମ ଅଭିଷେକ ଜଗନ୍ନାଥଙ୍କର ଚିତ୍ର ଏବଂ କୋଣାର୍କ ମନ୍ଦିରର ଚିତ୍ର ରଥର ଚିତ୍ର ଇତ୍ୟାଦି ଅଙ୍କନ ହୋଇଥିବା ଚିତ୍ରପୋଥି ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ହୋଇ ରହିଛି ।

ଫଟୋଚିତ୍ର :

(ଉଷା ଅଭିଳାଷ କାବ୍ୟର କିଛି ପୋଥିଚିତ୍ର)

ସହାୟକ ଗ୍ରନ୍ଥସୂଚୀ :

୧. ସାହୁ, ରବୀନ୍ଦ୍ର, "ଭାରତୀୟ ଚିତ୍ରକାଳାରେ ଓଡ଼ିଶୀ ଚିତ୍ର', ପ୍ରଥମ ପ୍ରକାଶ - ୨୦୦୭

୨. କାନୁନଗୋ, ଗୋପାଳ, "ଉତ୍କଳୀୟ ଚିତ୍ରକଳା', ପ୍ରଥମ ପ୍ରକାଶ -୧୯୬୪

୩. " ଉଷା ଅଭିଳାଷ " ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ପ୍ରକାଶ ବର୍ଷ – ୨୦୧୦

4. Das, J. P., 'Chitrapothi' - 1st Edition - 1985.

5. Patel, C. B., 'Descriptive Catalogue of Illustrated Manuscript' - A Platinum Jubilee.

ଅତିଥି ଅଧ୍ୟାପିକା
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN -2583-147X (P), **Vol.- 10, Issue No.II, May 2024**
Bastabatara Pariprakash Prachee
Peer Reviewed and Referred Research Journal

ପ୍ରାଗ୍‌ଭଞ୍ଜୀୟ ଅନୂଦିତ କାବ୍ୟ

ଡକ୍ଟର ସତ୍ୟଜିତ ଦାସ

ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରୁ ପୁରାଣ ଓ ତତ୍ତ୍ୱାଶ୍ରୟୀ ଗ୍ରନ୍ଥ ରଚନା ସମତାଳ ଦେଇ ଛନ୍ଦୋବଦ୍ଧ ରସଗର୍ଭିତ କାବ୍ୟଧାରା ସୃଷ୍ଟି ଏକ ସ୍ୱୀକୃତ ବିଷୟ । ଓଡ଼ିଆ ସାହିତ୍ୟରେ ଏହି ନୂତନ ଧାରାକୁ ରୀତି ଯୁଗ ଭାବେ ଅଭିହିତ କରାଯାଏ । ଷୋଡ଼ଶ ଶତାବ୍ଦୀ ମଧ୍ୟଭାଗରୁ କ୍ରମଶଃ ରୀତି ଶୈଳୀର ବିକାଶ ଲାଭ କରିଥିଲା ଏବଂ ଉନବିଂଶ ଶତାବ୍ଦୀ ଶେଷ ଭାଗ ପର୍ଯ୍ୟନ୍ତ ପ୍ରାୟ ତିନି ଶହ ବର୍ଷ ଧରି ରୀତି ଯୁଗ ପରିବ୍ୟାପ୍ତ । ଅର୍ଜୁନ ଦାସ ଏହି ନୂତନ କାବ୍ୟ ପରମ୍ପରାର ବାହକ । ରୀତି ଯୁଗୀୟ କାବ୍ୟ ପରମ୍ପରାର ଆଦି ପର୍ଯ୍ୟାୟରେ ଦେବଦୁର୍ଲ୍ଲଭ ଦାସ, ଦନେଇ ଦାସ, ଭୂପତି ପଣ୍ଡିତ, ବିଷ୍ଣୁ ଦାସ ଓ ଧନଞ୍ଜୟ ଭଞ୍ଜ ପ୍ରମୁଖ ପ୍ରାଗ୍‌ରୀତିକବିଗଣ ଓଡ଼ିଆ କାବ୍ୟ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ । ପ୍ରାଗ୍‌ଭଞ୍ଜୀୟ କାବ୍ୟାନଙ୍କରେ ପୂର୍ବ ପ୍ରଚଳିତ ପୁରାଣ ଶୈଳୀକୁ ସମ୍ପୂର୍ଣ୍ଣ ପରିହାର କରିନଥିଲେ ବରଂ ଏହାର କଥାବସ୍ତୁ ଓ ଚରିତ୍ର ଆଦିକୁ ନେଇ କବିଗଣ କାବ୍ୟ ରଚନା କଲେ । ପାଲି, ପ୍ରାକୃତ ଓ ସଂସ୍କୃତ ସାହିତ୍ୟରୁ ରୀତି କବିଗଣ ଉପାଦାନ ସଂଗ୍ରହ କରିଛନ୍ତି । ସଂସ୍କୃତ ପ୍ରତିସ୍ପର୍ଦ୍ଧୀ ଉଚ୍ଚକୋଟୀର କାବ୍ୟ ରଚନା କରିବାକୁ ଯାଇ ସଂସ୍କୃତ କବିମାନଙ୍କ ପାଖରେ ଋଣୀ ହୋଇଯାଇଛନ୍ତି । ସଂସ୍କୃତ ଓ ପ୍ରାକୃତ ଭାଷାରେ ରଚିତ କାବ୍ୟ ଓ ଶୃଙ୍ଗାରାଶ୍ରୟୀ ଗ୍ରନ୍ଥ; ଯଥା-ଅମରିକଙ୍କ ର 'ଅମରୁ ଶତକ', ଗୋବର୍ଦ୍ଧନାର୍ଯ୍ୟଙ୍କର 'ଆର୍ଯ୍ୟସପ୍ତସତୀ' , କାଳିଦାସଙ୍କ 'ଶୃଙ୍ଗାର ଶତକ', ବିହ୍ଲଣଙ୍କର 'ଚୌର ପଞ୍ଚାସିକା' ପ୍ରଭୃତି । ସଂସ୍କୃତ ଆଳଙ୍କାରିକ ସ୍ତୋତ୍ରଗ୍ରନ୍ଥ ଓ କାବ୍ୟଶାସ୍ତ୍ର; ଯଥା- 'ଦୁର୍ଗା ସପ୍ତସତୀ', 'ଚଣ୍ଡୀଶତକ', 'ବକ୍ରୋକ୍ତି ପଞ୍ଚାଶିକା', 'କୃଷ୍ଣଲୀଳାମୃତ' ଆଦି ସ୍ତୋତ୍ର ଗ୍ରନ୍ଥ । ଶ୍ରୀହର୍ଷଙ୍କ 'ନୈଷଧ ଚରିତ', କାଳିଦାସଙ୍କ 'କୁମାରସମ୍ଭବ' , 'ରଘୁବଂଶ', 'ମେଘଦୂତ', 'ଋତୁସଂହାର' ପ୍ରଭୃତି କାବ୍ୟ ଓ 'ଅଭିଜ୍ଞାନ ଶକୁନ୍ତଳମ୍', 'ମାଳବିକାଗ୍ନିମିତ୍ରମ୍' ପ୍ରଭୃତି ନାଟକ । ମାଘଙ୍କର 'ଶିଶୁପାଳ ବଧ',ଭାରବୀଙ୍କର 'କିରାତାର୍ଜୁନ' ବାଣଭଟ୍ଟଙ୍କର 'ହର୍ଷଚରିତମ୍' ଆଦି କାବ୍ୟଗ୍ରନ୍ଥ । ଭାମହଙ୍କ 'କାବ୍ୟାଳଙ୍କାର ସୂତ୍ର', ଆଚାର୍ଯ୍ୟ ଦଣ୍ଡୀଙ୍କ 'କାବ୍ୟାଦର୍ଶ', ବାମନଙ୍କ 'କାବ୍ୟ ପ୍ରକାଶ', ରୁଦ୍ରଟଙ୍କ 'କାବ୍ୟାଳଙ୍କାର' , ରାଜଶେଖରଙ୍କ 'କାବ୍ୟମୀମାଂସା', ଭୋଜରାଜଙ୍କ 'ସରସ୍ୱତୀକଣ୍ଠାଭରଣ', କୁନ୍ତକଙ୍କ 'ବକ୍ରୋକ୍ତି ଜୀବିତମ୍', ବିଶ୍ୱରାଜ କବିରାଜଙ୍କ 'ସାହିତ୍ୟ ଦର୍ପଣ', ପଣ୍ଡିତ ଜଗନ୍ନାଥଙ୍କ 'ରସଗଙ୍ଗାଧର', ମମ୍ମଟଙ୍କ 'କାବ୍ୟପ୍ରକାଶ' , ହେମଚନ୍ଦ୍ରଙ୍କ 'କାବ୍ୟାନୁଶାସନ', କ୍ଷେମେନ୍ଦ୍ରଙ୍କ 'କବିକଣ୍ଠାଭରଣ', ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନ୍ୟାଲୋକ' ଓ ଭାନୁଦତ୍ତଙ୍କ 'ରସତରଙ୍ଗିଣୀ'ପ୍ରଭୃତି ଅଳଙ୍କାରଶାସ୍ତ୍ର । 'ଅମରକୋଷ', 'ମେଦିନୀ କୋଷ' ଓ 'ଶବ୍ଦକଳ୍ପଦ୍ରୁମ' ଆଦି କୋଷଗ୍ରନ୍ଥ, ବାତ୍ସ୍ୟାୟନଙ୍କ 'କାମଶାସ୍ତ୍ର', ଅଷ୍ଟାଦଶ ପୁରାଣ, ପ୍ରାକୃତ ଭାଷାରେ ରଚିତ ହାଳଙ୍କ 'ଗାଥାସପ୍ତସଇ' ଆଦି ଗ୍ରନ୍ଥ । ଏତଦ୍‌ବ୍ୟତୀତ ରୂପଗୋସ୍ୱାମୀଙ୍କ 'ଉଜ୍ଜ୍ୱଳ ନୀଳମଣି' , ବିଦ୍ୟାପତି, ଚଣ୍ଡୀଦାସ, ଜ୍ଞାନଦାସ ପ୍ରମୁଖଙ୍କ ପଦାବଳୀ ସାହିତ୍ୟ ଓଡ଼ିଆ ରୀତି କାବ୍ୟ ଉପରେ ପ୍ରଭାବ ବିସ୍ତାର କରିଥିଲା । ଜୟଦେବଙ୍କ 'ଗୀତଗୋବିନ୍ଦ', ସାରଳା ଦାସଙ୍କ 'ମହାଭରତ', ଜଗନ୍ନାଥ ଦାସଙ୍କ 'ଭାଗବତ', ଅଚ୍ୟୁତାନନ୍ଦ ଦାସଙ୍କ 'ହରିବଂଶ' ପ୍ରଭୃତିରୁ ଆଖ୍ୟାନ ଅବଲମ୍ବନ କରି ଏହି ଯୁଗର କବିମାନେ କାବ୍ୟ ରଚନା କଲେ । ପ୍ରସଙ୍ଗାନୁଯାୟୀ ଲୋକକାହାଣୀର ପ୍ରୟୋଗ ସ୍ଥଳବିଶେଷରେ ଦେଖିବାକୁ ମିଳିଥାଏ । ତେଣୁ ପ୍ରାଗ୍‌ରୀତିଯୁଗ କବିଗଣ କାବ୍ୟ

ରଚନା କ୍ଷେତ୍ରରେ ସଂସ୍କୃତ, ପ୍ରାକୃତ, ଓଡ଼ିଆ ପୁରାଣ ସାହିତ୍ୟ ତଥା ଅଳଙ୍କାର ଗ୍ରନ୍ଥ ଦ୍ୱାରା ବହୁଭାବରେ ଅନୁପ୍ରେରିତ ହୋଇଛନ୍ତି । ରୀତିକବିଗଣ ଏସବୁ ଗ୍ରନ୍ଥ ଆହରଣ କରି ନୂତନ ପରିଗ୍ରହରେ କାବ୍ୟ ରଚନା କଲେ । ବିଷୟବିନ୍ୟାସ, ବର୍ଣ୍ଣନାପାଟବ ଓ ଶୈଳୀ ଦିଗରୁ ଓଡ଼ିଆ ପ୍ରାଗଭଞ୍ଜୀୟ କାବ୍ୟର ସ୍ୱତନ୍ତ୍ରତା ବାରି ହୋଇପଡ଼େ ।

ପ୍ରାଗଭଞ୍ଜୀୟ କବିଗଣ ଯେଉଁ କେତୋଟି କାବ୍ୟ ଅନୂଦିତ ହୋଇ କାବ୍ୟରୂପ ଧାରଣ କରିଅଛି ସେଥିମଧ୍ୟରୁ ଧରଣୀଧରଙ୍କ 'ଗୀତଗୋବିନ୍ଦ', ବୃନ୍ଦାବନ ଦାସଙ୍କ 'ରସବାରିଧି', ଅର୍ଜ୍ଜୁନ ଦାସଙ୍କ 'ରାମ ବିଭା, ପୁରୁଷୋତ୍ତମ ଦାସଙ୍କ 'କାଞ୍ଚି କାବେରୀ', ବନମାଳୀ ଦାସଙ୍କ 'ଚାଟ ଇଚ୍ଛାବତୀ', ଧନଞ୍ଜୟ ଭଞ୍ଜଙ୍କ 'ଇଚ୍ଛାବତୀ', 'ରଘୁନାଥ ବିଳାସ' , ଶିଶୁଶଙ୍କର ଦାସଙ୍କ 'ଉଷାଭିଳାଷ', ଚନ୍ଦ୍ରଶେଖର ଭଞ୍ଜଙ୍କ 'ଦମୟନ୍ତୀଶ ବିଳାସ', ବିଷ୍ଣୁଦାସଙ୍କ 'ଶକୁନ୍ତଳା ଚରିତ', 'ପ୍ରେମଲୋଚନା', ହରିହର ନରେନ୍ଦ୍ର 'ମଦାଳସା' ପ୍ରଭୃତି କାବ୍ୟ । ଏସବୁ କାବ୍ୟମାନଙ୍କ ମଧ୍ୟରୁ ଗୀତଗୋବିନ୍ଦର ଅନୁବାଦ ବ୍ୟତୀତ ଅନ୍ୟଗୁଡ଼ିକ ଅନୁବାଦ ପର୍ଯ୍ୟାୟଭୁକ୍ତ ନୁହଁନ୍ତି; ମୂଳଗ୍ରନ୍ଥର ଅନୁସରଣ ମାତ୍ର ।

ଉତ୍କଳୀୟ କବି ଜୟଦେବଙ୍କ 'ଗୀତଗୋବିନ୍ଦ'ର ପ୍ରଭାବ ଓଡ଼ିଆ ରୀତିକାବ୍ୟ ପରମ୍ପରାକୁ ରସସିକ୍ତ କରିଛି । ଗୀତଗୋବିନ୍ଦ ଗ୍ରନ୍ଥର ପଦଲାଳିତ୍ୟ , ଅଳଙ୍କାର ପ୍ରୟୋଗ, ଶୃଙ୍ଗାରିକତା, ବର୍ଣ୍ଣନା ଚାତୁରୀ, ନାୟିକା ପ୍ରକରଣ ଆଦିର ପ୍ରଭାବ ବେଶ୍ ସ୍ପଷ୍ଟ । ଅର୍ଜ୍ଜୁନ ଦାସଙ୍କ 'ରାମ ବିଭା', ବୃନ୍ଦାବନ ଦାସଙ୍କ 'ରସବାରିଧି', ଦେବଦୁର୍ଲ୍ଲଭ ଦାସଙ୍କ 'ରହସ୍ୟ ମଞ୍ଜରୀ', ଶିଶୁଶଙ୍କରଙ୍କ 'ଉଷାଭିଳାଷ' ପ୍ରଭୃତି କାବ୍ୟର ବିଷୟବସ୍ତୁ ଓ ପରିବେଷଣ ଶୈଳୀ ଦୃଷ୍ଟିରୁ 'ଗୀତଗୋବିନ୍ଦ'ର ପ୍ରତ୍ୟକ୍ଷ ପ୍ରଭାବ ଅନୁଭୂତ । ବୃନ୍ଦାବନ ଦାସଙ୍କ 'ରସବାରିଧି' କାବ୍ୟରେ ବାରମ୍ବାର ଜୟଦେବଙ୍କ ନାମୋଲ୍ଲେଖ କରିଛନ୍ତି । ପ୍ରକୃତପକ୍ଷେ 'ରସବାରିଧି' କାବ୍ୟଟି ଗୀତଗୋବିନ୍ଦର ଏକ ପଦ୍ୟାନୁବାଦ । ଗୀତଗୋବିନ୍ଦର ବହୁ ଶ୍ଳୋକର ଭାବ ତଥା ଅର୍ଥଗତ ସାମଞ୍ଜସ୍ୟ ଏହି କାବ୍ୟମାନଙ୍କର ପଦାବଳୀରେ ଅବିକଳ ପ୍ରତିଫଳିତ ହୋଇଛି । ଏପରିକି 'ଗୀତଗୋବିନ୍ଦ'ର ଦଶମ ସର୍ଗରେ କିଶୋରୀ ରାଧାଙ୍କ ମାନଭଞ୍ଜନ ପାଇଁ ରସିକ ଶେଖର କୃଷ୍ଣଙ୍କ ମୁଖରେ ଯେଉଁ ସବୁ ଚାଟୁବାଣୀ ପ୍ରଦତ୍ତ ହୋଇଛି 'ଉଷାଭିଳାଷ'ରେ ତହିଁର କୌଣସି ବ୍ୟତିକ୍ରମ ପରିଲକ୍ଷିତ ହୁଏନାହିଁ । ଉଦାହରଣ ସ୍ୱରୂପ ଉଭୟ କାବ୍ୟରୁ ଦୁଇଗୋଟି ଶ୍ଳୋକ ଉଦ୍ଧାର କରାଗଲା ।

ଗୀତଗୋବିନ୍ଦ କାବ୍ୟ –

"ତ୍ୱମସି ମମ ଭୂଷଣଂ ତ୍ୱମସି ମମ ଜୀବନଂ
ତ୍ୱମସି ମମ ଭବ ଜଳଧି ରତ୍ନମ୍
ଭବତୁ ଭବତୀହମୀ ସତତମନୁ ରୋଧିନୀ
ତତ୍ର ମମ ହୃଦୟ ମତି ଯତ୍ନମ୍"

ଉଷାଭିଳାଷ କାବ୍ୟରେ –

"ତୁ ମୋର ଦେହ ଜୀବନ ତୁ ମୋର ଭୂଷଣ ମାନ
ତୁ ମୋର ଇନ୍ଦ୍ରି ବିଷୟ ମନ-ସଦନ
ତୁ ମୋହର ମୁକୁଟ ଶିରେ
ତୁ ମୋର ସୁକୃତ ଫଳ ସୁଖ ସାଗରେ । ୧୫ ।"
"ତୁ ମୋର ଉରୁ ଚନ୍ଦନ ତୁ ମୋର ଶିର ଚନ୍ଦନ
ତୁ ମୋର ମଦନ ଜଳନିଧି ତରଣୀ
ତୁ ମୋ ଗଳେ ବନମାଳ ତୁ ମୋହର ବୀର୍ଯ୍ୟବଳ
ତୁ ମୋର ଭବ-ବିଭବ-ସୁଖ ସରଣୀ
ତୁ ମୋହୋର ସବୁ ରମଣୀ !
ମୁଁ ତୋହର ପରିଚର କି କେ ନଗଣି । ୧୬ । (ସପ୍ତମ ଛାନ୍ଦ)

ପ୍ରାଗଭଞ୍ଜୀୟ ବହୁ କବି ଗୀତଗୋବିନ୍ଦ କାବ୍ୟର ବିଶ୍ୱସ୍ତ ଓଡ଼ିଆ ଅନୁବାଦ କରିଛନ୍ତି । ସେମାନଙ୍କ ମଧ୍ୟରେ ଧରଣୀଧର ଦାସ, ଉଦ୍ଧବ ଦାସ, ତ୍ରିଲୋଚନ ଦାସ, ପିଣ୍ଡିକ ଶ୍ରୀଚନ୍ଦନ, ଚୈତନ୍ୟ ଦାସ, ଭିକାରୀ ଦାସ, ଗୋପୀନାଥ ଧୀର ଜଗଦ୍ଦେବ,ଗୌରହରି ପରିଚ୍ଛା, ଶ୍ୟାମ ସୁନ୍ଦର ଭଞ୍ଜ, ଜଗନ୍ନାଥ ମିଶ୍ର, ଅନନ୍ତ ରଥ ବାଣୀଭୂଷଣ, ବାସୁଦେବ ମିଶ୍ର ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଧନଞ୍ଜୟ ଭଞ୍ଜଙ୍କ ଅନ୍ୟତମ କାଳ୍ପନିକ କାବ୍ୟ 'ଇଚ୍ଛାବତୀ' । ଦଶ ଛାନ୍ଦବିଶିଷ୍ଟ ଏହି କାବ୍ୟର ପୃଷ୍ଠଭୂମି ଦୁଇଟି ପଞ୍ଚାଶିକାର ଭିତ୍ତିରେ ଗଠିତ । ସଂସ୍କୃତର ପଞ୍ଚାଶିକା ଓ ବିହ୍ଲଣଙ୍କ ଚୌର ପଞ୍ଚାଶିକା ନାମକ ଦୁଇଟି ଗ୍ରନ୍ଥର ଶ୍ଳୋକକୁ ଅନୁବାଦ କରାଯାଇଛି । ଦୁଇ ପଞ୍ଚାଶିକାର ଏକଶତ ଶ୍ଳୋକର ଛାୟାନୁବାଦ ଏଥିରେ ଦେଖିବାକୁ ମିଳିଥାଏ । ସମଗ୍ର କାବ୍ୟଗ୍ରନ୍ଥଟିକୁ ଆଲୋଚନାର ସୁବିଧା ଦୃଷ୍ଟିରୁ ତିନି ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମ ଛାନ୍ଦ ଠାରୁ ପଞ୍ଚମ ଛାନ୍ଦ ପର୍ଯ୍ୟନ୍ତ କେବଳ ଓଡ଼ିଆ ଭାଷାରେ ରଚିତ । ଷଷ୍ଠ ଛାନ୍ଦରୁ ସପ୍ତମ ଛାନ୍ଦ ପର୍ଯ୍ୟନ୍ତ ଅଂଶରେ ସଂସ୍କୃତ ସାହିତ୍ୟର ଛାୟାପାତ ଘଟିଛି । ଅଷ୍ଟମ ଛାନ୍ଦରୁ ଶେଷ ପର୍ଯ୍ୟନ୍ତ ଅଂଶବିଶେଷ ସଂସ୍କୃତ ସାହିତ୍ୟର ପ୍ରଭାବରେ

ପ୍ରଭାବିତ । ଏହି ପ୍ରଭାବିତ ଅଂଶରେ ଅଷ୍ଟମରୁ ଶେଷ ପର୍ଯ୍ୟନ୍ତ ଚୌର ପଞ୍ଚାଶିକାର ଛାୟାରେ ରଚିତ । ଧନଞ୍ଜୟ ଭଞ୍ଜ ପଞ୍ଚାଶିକାର ଶ୍ଳୋକଗୁଡ଼ିକରେ ଅନୁବାଦର ଭାବ ଯଥାଯଥ ରକ୍ଷା କରିପାରିଛନ୍ତି ।

ଚୌର ପଞ୍ଚାଶିକା-

"ପ୍ରିୟେ ସଦା ପୂର୍ଣ୍ଣତରଂ ମନୋହରଂ
ତେ ନିଷ୍କଳଙ୍କ ମୁଖଚନ୍ଦ୍ର ମଣ୍ଡଳମ୍
ବିଲୋକ୍ୟ ସବ୍ରୀଡ଼ତୟା ନିଶାପତିଃ
ଗତ ପ୍ରତପ୍ତଃ ଜଳଧେର୍ଜଳାନ୍ତରମ୍ ।

ଇଚ୍ଛାବତୀ-

"ହେ ପ୍ରିୟ ତୋ ମୁଖ ପୂର୍ଣ୍ଣଚନ୍ଦ୍ରମା,
କେବେ ନ ଲଭଇ କଳଙ୍କ ସୀମା ।
ରାତ୍ର ଦିବସେ ଏହୁ ମନୋହର,
ଦେଖି ଶଶାଙ୍କ ଲଭିଲା କାତର ।
ସନ୍ତାପିତ ମନ, ତେଣୁ କଲା ସିନ୍ଧୁ ଅନ୍ତେ ଗମନ ।"

(୬ଷ୍ଠ ଛାନ୍ଦ)

ଚୌର ପଞ୍ଚାଶିକା-

"କିଂ କେତକୀ ପରିମଳୋତ୍‌ଥିତ ଗନ୍ଧଲୁବ୍‌ଧ
ଗୁଞ୍ଜଦ୍‌ଭ୍ରମଦ୍ ଭ୍ରମର ବାଞ୍ଛିତିରନ୍ତୁ ମେତାମ୍ ।
ଯତ୍‌କଣ୍ଟକୈଃ ପରିବୃତାମତୁଳା ମଗମ୍ୟାଂ
ସଂରକ୍ଷିତାଂ ବ୍ରଜସି ଗଛ ଲତାଂ ସପୁଷ୍ପମ୍ ।"

ଇଚ୍ଛାବତୀ-

"ବିକଚ କେତକୀ ସମୀର ଲଭି,
କିମ୍ପାଇ ଭୃଙ୍ଗ ହୋଇଅଛୁ ଲୋଭୀ,
କ୍ରୀଡ଼ା ଇଚ୍ଛାରେ ତୁ କରୁ ଗମନ,
କଣ୍ଟାକେ ଅଗମ୍ୟ ନ ଘେନୁ ମନ,
ଏ ରକ୍ଷିତ ଜନେ, ଚଳ ତୁ ଆନ କୁସୁମିତ ବନେ ।"

(୬ଷ୍ଠ ଛାନ୍ଦ)

କବି କଥାବସ୍ତୁର ଗତିରେ ଶ୍ଳୋକମାନଙ୍କୁ ପ୍ରସଙ୍ଗାନୁଯାୟୀ ଗୁନ୍ଥିଛନ୍ତି ଏବଂ କଥାବସ୍ତୁର ଗତିରେ ଏହା ସାହାଯ୍ୟ କରିଛି ।

ଚୌର ପଞ୍ଚାଶିକା-

"ହେ ପାନ୍ଥ ! ଚିନ୍ତା କୁଳିତାତିମୂଢ଼
କିଂ ସ୍ତୌଷି ବାଳାମବଳାଂ କୃଶଙ୍ଗୀମ୍
ଅର୍ଥଂ ଯଦି ପ୍ରାର୍ଥୟସେ ଭଜେଶଂ
ମୋକ୍ଷଂ ଚ ଲକ୍ଷ୍ମୀପତି ମମ୍ବୁଜ କ୍ଷମ୍ ।"

ଇଚ୍ଛାବତୀ-

"ଏମନ୍ତ ଝଟୁର ବିନୟ ଶୁଣି,
ମଧୁକରି କହେ ଇଚ୍ଛାକୁ ବାଣୀ,
ଆହେ ପଥିକ ଚିନ୍ତା ଆକୁଳିତ,
ମୂର୍ଖପଣରେ ତୁ କହୁ ଏମନ୍ତ,
ମୁଁ ଅବଳା ଜନ,
ମୋତେ କିମ୍ପା କରୁ ସ୍ତୁତି ବଚନ ।
ଧନେ ଇଚ୍ଛାଥିଲେ ଭଜ ଶଙ୍କର,
ଯାହାର ଆଜ୍ଞାରେ ଅଛି କୁବେର,
ମୋକ୍ଷକୁ ଯେବେ ତୋ ଅଛି ବିଚାର,
ତେବେ ବେଗେ ଭଜ କମଳାବର,
ଏହା ଝଟୁ ଶୁଣି, ବୋଇଲା ଶୁଣରେ ରମଣୀମଣି ।"

(୬ଷ୍ଠ ଛାନ୍ଦ)

ଶ୍ଳୋକ ଓ ଅନୁବାଦକୁ ଗୁନ୍ଥି ପରିଚ୍ଛଦ (ଛନ୍ଦ) ରୂପରେ କବି ସଜେଇଛନ୍ତି । ପ୍ରତ୍ୟେକ ଛନ୍ଦରେ କଥାବସ୍ତୁକୁ ଗତିଶୀଳ କରିବା ପାଇଁ କବି ପ୍ରସଙ୍ଗକ୍ରମେ ଅନୁବାଦ ସହିତ କଥାଂଶର ଯଥାଯଥ ବର୍ଣ୍ଣନା ମଧ୍ୟ କରିଛନ୍ତି । (ଦାସ ,ସୂର୍ଯ୍ୟନାରାୟଣ-ଓଡ଼ିଆ ସାହିତ୍ୟର ଇତିହାସ, ଦ୍ୱିତୀୟ ଭାଗ, ଗ୍ରନ୍ଥମନ୍ଦିର, କଟକ, ପୃଷ୍ଠା:୧୬୬-୧୬୭)

ସେହି ପରି ବନମାଳୀ ଦାସଙ୍କ 'ଝଟ ଇଚ୍ଛାବତୀ' କାବ୍ୟ ମଧ୍ୟ ସଂସ୍କୃତ 'ଚୌର ପଞ୍ଚାଶିକା' ଓ 'ଉତ୍ତର ପଞ୍ଚାଶିକା'ର ପ୍ରଭାବ ପଡ଼ିଅଛି । ଉଭୟ କବିଙ୍କ କାବ୍ୟର କଥାବସ୍ତୁ ଗତ ସାମଞ୍ଜସ୍ୟ ରହିଥିଲେ ମଧ୍ୟ ଶୈଳୀଗତ ପ୍ରଭେଦଟି ରହିଛି ।

ରାମାୟଣ କଥାବସ୍ତୁ ଆଧାରିତ କାବ୍ୟ ଭାବରେ ଅର୍ଜୁନ ଦାସଙ୍କ 'ରାମବିଭା' କାବ୍ୟରେ ରାମ ଜନ୍ମ ଠାରୁ ରାମ ବିବାହ ପର୍ଯ୍ୟନ୍ତ କଥାବସ୍ତୁ ବର୍ଣ୍ଣିତ ରହିଛି । ଧନଞ୍ଜୟ ଭଞ୍ଜଙ୍କର 'ରଘୁନାଥ ବିଳାସ' କାବ୍ୟରେ ରାମ ଜନ୍ମଠାରୁ ରାମାଭିଷେକ ପର୍ଯ୍ୟନ୍ତ କଥାବସ୍ତୁ ସ୍ଥାନ ପାଇଛି । ସମ୍ପୂର୍ଣ୍ଣ ରାମାୟଣ ଭିତ୍ତିକ ପ୍ରଥମ କାବ୍ୟ କୁହାଯାଇପାରେ । ମାର୍କଣ୍ଡେୟ ପୁରାଣ କଥାବସ୍ତୁ ଆଧାରରରେ ହରିହର ନରେନ୍ଦ୍ର ମଦାଳସା କାବ୍ୟ, ପଦ୍ମପୁରାଣର ବିଷୟବସ୍ତୁକୁ ନେଇ କାର୍ତ୍ତିକ ଦାସ 'ରୁକ୍ମିଣୀ ବିଭା', ଭାଗବତର ବିଷୟବସ୍ତୁ ଅନୁସରଣରେ କେଶବ ରାଜ ହରିଚନ୍ଦନ 'ରସସିନ୍ଧୁ ସୁଲକ୍ଷଣା' ପ୍ରଭୃତି କାବ୍ୟ । ଶିଶୁଶଙ୍କର ଦାସଙ୍କ 'ଉଷାଭିଳାଷ' କାବ୍ୟରେ ଭାଗବତ, ମହାଭାରତ ଏବଂ ହରିବଂଶର ଉଷା-ଅନିରୁଦ୍ଧ ପ୍ରଣୟ

ବୃତ୍ତାନ୍ତର ଅବଲମ୍ବନରେ ରଚିତ । ଶ୍ରୀହର୍ଷଙ୍କ 'ନୈଷଧୀୟ ଚରିତମ୍' ଛାୟାରେ ବିଷ୍ଣୁଦାସଙ୍କ ପ୍ରେମଲୋଚନା, ଚନ୍ଦ୍ରଶେଖର ଭଞ୍ଜଙ୍କ 'ଦମୟନ୍ତୀ ଶ ବିଳାସ' କାବ୍ୟ । କାଳିଦାସଙ୍କ 'ଅଭିଜ୍ଞାନ ଶକୁନ୍ତଳମ୍'ର ଛାୟାରେ ବିଷ୍ଣୁଦାସଙ୍କ 'ଶକୁନ୍ତଳା ଚରିତ' ପ୍ରଭୃତି ପ୍ରାଗଭଞ୍ଜୀୟ କାବ୍ୟମାନ ଦୃଷ୍ଟି ପଥାରୂଢ଼ ହୋଇଥାଆନ୍ତି ।

ଅନୁବାଦ ସାହିତ୍ୟର ଉନ୍ମେଷ କାଳ ବେଶ୍ ପ୍ରାଚୀନ । ଏହାଦ୍ୱାରା ଗୋଟିଏ ଭାଷାର ସାହିତ୍ୟ ବହୁବର୍ଣ୍ଣା ହୋଇଥାଏ । ଓଡ଼ିଆ ଅନୁବାଦ ପରମ୍ପରାର ଆଦି ପର୍ଯ୍ୟାୟ ହେଉଛି ସଂସ୍କୃତରୁ ଓଡ଼ିଆରେ ଅନୁବାଦ କରିବାର ପର୍ଯ୍ୟାୟ । ମଧ୍ୟଯୁଗୀୟ ଅନୁବାଦ ସାହିତ୍ୟ ସମ୍ପର୍କରେ ସମାଲୋଚକ ସୁଦର୍ଶନ ଆଚାର୍ଯ୍ୟଙ୍କ ମତରେ, "ଅନୁବାଦ ଦ୍ୱାରା ଗୋଟିଏ ଭାଷାର ସାହିତ୍ୟ ଭଣ୍ଡାର ସମୃଦ୍ଧ ହୋଇଥାଏ । କିନ୍ତୁ ମଧ୍ୟଯୁଗୀୟ ଓଡ଼ିଆ କବିମାନେ ପୁରାଣର ଅନୁବାଦ ପାଇଁ ଯେତିକି ତତ୍ପରତା ପ୍ରକାଶ କରିଛନ୍ତି, କାବ୍ୟାନୁବାଦ ପାଇଁ ସେତିକି ଆଗ୍ରହୀ ଥିବା ଜଣାଯାଏ ନାହିଁ । ସଂଶିତ ସମୟରେ ସଂସ୍କୃତ ଓ ପଡ଼ୋଶୀ କେତୋଟି ସାହିତ୍ୟ ବ୍ୟତୀତ ପୃଥିବୀର ଅନ୍ୟାନ୍ୟ ଭାଷା ଓ ସାହିତ୍ୟର ସଂସ୍ପର୍ଶରେ ଆସିବା କିମ୍ବା ତା'ର ସାହିତ୍ୟିକ ବିଭବ ଆହରଣ କରିବା ଏ ଦେଶର କବିମାନଙ୍କ ପକ୍ଷରେ ଆଦୌ ସମ୍ଭବପର ନଥିଲା । ଏଣୁ ଅନୁବାଦ ପାଇଁ ସଂସ୍କୃତ କେବଳ ଥିଲା ସେମାନଙ୍କ ପକ୍ଷରେ ଏକମାତ୍ର ଆଦର୍ଶ ସ୍ଥାନୀୟ ସାହିତ୍ୟ । ପୁଣି ଏ ସାହିତ୍ୟର କଳା ବିଭବ ପ୍ରତି ଓଡ଼ିଆ କବିମାନେ ସମ୍ପୂର୍ଣ୍ଣ ସଚେତନ ଥିଲେ । ପ୍ରତ୍ୟକ୍ଷ ଭାବେ ଏ ସାହିତ୍ୟରୁ ରସ ଆସ୍ୱାଦନ ପାଇଁ ସମର୍ଥ ଥିବାରୁ ଅନୁବାଦ କରିବା ଅପେକ୍ଷା ସେସବୁର ଅନୁସରଣରେ ମୌଳିକ କାବ୍ୟ ରଚନାକୁ ସେମାନେ ଅଧିକ ଗୁରୁତ୍ୱ ପ୍ରଦାନ କରୁଥିଲେ । ଫଳରେ ଓଡ଼ିଆ ଅନୁବାଦ କାବ୍ୟର ସ୍ୱଳ୍ପତା ଏହି ସମୟ ମଧ୍ୟରେ ପରିଲକ୍ଷିତ ହେବା ଏକାନ୍ତ ସ୍ୱାଭାବିକ ।" (ସୁଦର୍ଶନ, ଆଚାର୍ଯ୍ୟ-ଓଡ଼ିଆ କାବ୍ୟ କୌଶଳ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ଦ୍ୱିତୀୟ ପ୍ରକାଶ:୨୦୦୨, ପୃଷ୍ଠା-୨୪୦) ପ୍ରାଗଭଞ୍ଜୀୟ ଯୁଗରେ ଅନୁବାଦିତ କାବ୍ୟ ସଂଖ୍ୟା ସ୍ୱଳ୍ପ । କିନ୍ତୁ ବିଭିନ୍ନ କଥାବସ୍ତୁକୁ ଅନୁସରଣ କରି ଅନେକ କାବ୍ୟଗ୍ରନ୍ଥ ରଚନା କରାଯାଇଛି । ଆହରଣ, ସମୀକରଣ ଓ ଅନୁକୃତି ମାଧ୍ୟମରେ ଅନେକ କାଳଜୟୀ ସୃଷ୍ଟି ପ୍ରାଗଭଞ୍ଜୀୟ ଓଡ଼ିଆ କାବ୍ୟ ଭଣ୍ଡାରକୁ ଶ୍ରୀମଣ୍ଡିତ କରିଅଛି ।

ସହାୟକ ଗ୍ରନ୍ଥସୂଚୀ

- ଆଚାର୍ଯ୍ୟ ସୁଦର୍ଶନ-ଓଡ଼ିଆ କାବ୍ୟକୌଶଳ,ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ପ୍ର-୨୦୦୨
- କେଦାରନାଥ ଗବେଷଣା ପ୍ରତିଷ୍ଠାନ(ସଂପାଦନା)- ପ୍ରାଗଭଞ୍ଜୀୟ କାବ୍ୟ ସାହିତ୍ୟ,ଗ୍ରନ୍ଥମନ୍ଦିର,କଟକ,ପ୍ର- ୨୦୦୨
- ପଟ୍ଟନାୟକ ଡ଼ଃ.ଆଶୁତୋଷ-ପ୍ରାଚୀନ ପୋଥି ଶୁଦ୍ଧ ସମ୍ପାଦନା ପଦ୍ଧତି ଓ ଅନୁବାଦ କୌଶଳ, ପ୍ରକାଶକ:ଶ୍ରୀ ଅମିତ ବିକ୍ରମ ପଟ୍ଟନାୟକ, ପ୍ର-୧୯୮୮
- ପ୍ରଧାନ ଡ଼ଃ.କୃଷ୍ଣଚନ୍ଦ୍ର- ୧.ଗବେଷଣା ପ୍ରକରଣ ସଂପାଦନା ଓ ଅନୁବାଦ ପ୍ରବିଧି,ଜ୍ଞାନଯୁଗ ପବ୍ଲିକେସନ, ନୂଆପଲ୍ଲୀ, ଭୁବନେଶ୍ୱର, ପ୍ର- ୨୦୦୪

୨. ଓଡ଼ିଆ ରୀତି ସାହିତ୍ୟ : ପରମ୍ପରା ଓ ପୁରୋଦୃଷ୍ଟି, ବିଦ୍ୟାପୁରୀ, କଟକ,ପ୍ର-୧୯୯୮

- ପ୍ରଧାନ ଡ଼ଃ. ମନୋରଞ୍ଜନ (ସଂ) - ଅନୁବାଦତତ୍ତ୍ୱ ଓ ପ୍ରୟୋଗ, ଓଡ଼ିଶା ବୁକ୍‌ଷ୍ଟୋର, କଟକ,ପ୍ର-୨୦୦୦
- ନାୟକ ଅଧ୍ୟାପକ ସୁରେନ୍ଦ୍ର କୁମାର -ଓଡ଼ିଆ ରୀତି କାବ୍ୟର ଭିତ୍ତି ଓ ଭୂତି, ଫେଣ୍ଡସ୍ ପବ୍ଲିଶର୍ସ, କଟକ- ୧୯୯୧

ଅଧ୍ୟାପକ, ଓଡ଼ିଆ ବିଭାଗ,
ବେଗୁନିଆ ମହାବିଦ୍ୟାଳୟ,ବେଗୁନିଆ, ଖୋର୍ଦ୍ଧା

ISSN -2583-147X (P), Vol.- 10, Issue No.II, May 2024
Bastabatara Pariprakash Prachee
Peer Reviewed and Referred Research Journal

ଭାରତୀୟ ଜ୍ଞାନ ପରମ୍ପରାରେ 'ବ୍ରହ୍ମ' ବିଚାର

ଡକ୍ଟର ଚିତ୍ତରଞ୍ଜନ କୁଣ୍ଡୁ

ଭାରତ ଏକ ପବିତ୍ର ତଥା ମହାନ୍ ଐତିହ୍ୟମଣ୍ଡିତ ରାଷ୍ଟ୍ର । ବିଭିନ୍ନ ପ୍ରଦର୍ଶନ, ନିଦର୍ଶନ, ବିଚାରଧାରା, ଆବିଷ୍କାର, ଉଦ୍ଭାବନ ଆଦି ପ୍ରତ୍ୟେକ କ୍ଷେତ୍ରରେ ଭାରତର ଏକ ଗରିମାମୟ ଅବଦାନ ରହିଅଛି । ଦେବଭୂମି, ବେଦଭୂମି, ଧର୍ମଭୂମି, କର୍ମଭୂମି, ଆର୍ଯ୍ୟଭୂମି ଆଦି ନାମରେ ସେ ପରିଚିତ । ଅତୀବ ପ୍ରାଚୀନ କାଳରୁ ତପସ୍ୟାରତ ମୁନିଋଷିମାନେ ଏହିଠାରେ ପ୍ରଣବ ମନ୍ତ୍ରୋଚ୍ଚାରଣ କରି ପରମପିତାଙ୍କ ସାନିଧ ଲାଭର ମାର୍ଗ ପ୍ରସ୍ତୁତ କରୁଥିଲେ । ବେଦ, ବେଦାନ୍ତ, ଆଗମ, ନିଗମ, ଛନ୍ଦ, ନିରୁକ୍ତ, ବ୍ୟାକରଣ, ଅଳଙ୍କାର, ମୀମାଂସା ଆଦି ବିବିଧ ଓଜସ୍ୱିନୀ ଅମୂଲ୍ୟ ତାତ୍ତ୍ୱିକ ଶାସ୍ତ୍ରମାନ ଏହି ଭୂମିର ଅମୃତଫଳ । ସୁତରାଂ ସମଗ୍ର ବିଶ୍ୱପାଇଁ ଭାରତରେ ରହିଛି ଏକ ବିଶାଳ ଅପୂର୍ବ ସମୃଦ୍ଧ ଜ୍ଞାନ ପରମ୍ପରା । ଏହି ଜ୍ଞାନ ପରମ୍ପରା ମଧ୍ୟରେ ସାଧୁସନ୍ଥମାନେ ଓ ମୁନିଋଷିମାନେ ପ୍ରଦାନ କରିଯାଇଥିବା ବ୍ରହ୍ମତତ୍ତ୍ୱ ବା ଶୂନ୍ୟତତ୍ତ୍ୱର ବିଚାର ସ୍ୱତନ୍ତ୍ର ।

କଥିତ ଅଛି ଏକବ୍ରହ୍ମ ଦ୍ୱିତୀୟନାସ୍ତି । ଅର୍ଥାତ୍ ବ୍ରହ୍ମ ଅଦ୍ୱିତୀୟ, ଅଣାକାର, ନିରାକାର, ଅଖଣ୍ଡ, ଅଲୌକିକ ସତ୍ତା । ସେ ରୂପାତୀତ, ଗୁଣାତୀତ, ଜ୍ଞାନାତୀତ, ସୌନ୍ଦର୍ଯ୍ୟାତୀତ । ସେ ସ୍ୱୟଂ ପରଂବ୍ରହ୍ମ, ସତ୍ୟ, ସନାତନ, ନିରାମୟ ପୁରୁଷ । ଅବନୀରୁ ଅନ୍ତରୀକ୍ଷ, ସ୍ଥୂଳରୁ ସୂକ୍ଷ୍ମ, ପିଣ୍ଡରୁ ବ୍ରହ୍ମାଣ୍ଡ, ବାଳରୁ ବୃଦ୍ଧ, ମାନବରୁ ଇତରଜୀବ ପ୍ରତ୍ୟେକଙ୍କ ଅନ୍ତରର ନିଭୃତ କନ୍ଦରରେ ତାଙ୍କର ଅବସ୍ଥିତି । ସେ ଏ ବିସ୍ତୃତ ଦୃଶ୍ୟମାନ ଜଗତର ଅଦୃଷ୍ଟ ଶକ୍ତି । ସେ ସ୍ୱୟଂଭୂ । ତାଙ୍କର ଇଙ୍ଗିତରେ ସୃଷ୍ଟି, ବିକାଶ, ବିଲୟ ଆଦି ସମ୍ଭବ ହୋଇଥାଏ । ସୃଷ୍ଟିର ଆଦିମ କାଳରୁ ସ୍ୱୟଂ ବ୍ରହ୍ମା, ଶିବ, ଇନ୍ଦ୍ରାଦି ଦେବତାମାନେ ତାଙ୍କର ମହିମାକୁ ବର୍ଣ୍ଣନା କରିବାକୁ ଚାହିଁ ମଧ୍ୟ କରିପାରି ନାହାଁନ୍ତି । ଯୋଗୀ ମୁନିମାନେ ନିତ୍ୟନିୟତ ତାଙ୍କରି ଅପରିଦୃଷ୍ଟ ପାଦକୁ ଧ୍ୟାନକରି, ନାମକୁ ଜପକରି ଓ ମହାଜ୍ୟୋତିକୁ ନେତ୍ରପଥରେ ଧାରଣ କରି ସାଧନା ଓ ସିଦ୍ଧିର ମାର୍ଗ ନିର୍ମଳ-ଉଜ୍ଜ୍ୱଳ କରିଛନ୍ତି । ମାଣ୍ଡୁକ୍ୟୋପନିଷଦରେ କଥିତ ଅଛି-

"ବ୍ରହ୍ମୈବେଦମମୃତଂ ପୁରସ୍ତାଦ୍ ବ୍ରହ୍ମ
ପଶ୍ଚାଦ୍‌ବ୍ରହ୍ମ ଦକ୍ଷିଣତଶ୍ଚୋତ୍ତରେଣ
ଅଧଶ୍ଚୋର୍ଦ୍ଧ୍ୱଞ୍ଚ ପ୍ରସୃତଂ ବ୍ରହ୍ମୈ
ବେଦଂ ବିଶ୍ୱମିଦଂ ବରିଷ୍ଠମ୍ ।"

କଠୋପନିଷଦରେ ଠିକ୍ ଅନୁରୂପ ଭାବରେ କୁହାଯାଇଛି- ଯେଉଁ ପ୍ରାଣ ସ୍ୱରୂପ ଆତ୍ମାଠାରୁ ସୂର୍ଯ୍ୟଦେବ ଉଦିତ, ଅସ୍ତ ହୁଅନ୍ତି. ସେହି ଆତ୍ମାରେ ସମସ୍ତ ଦେବଗଣ ସଂପ୍ରବେଶିତ ଅଛନ୍ତି । କେହି ଏହି ଆତ୍ମାକୁ ଅତିକ୍ରମ କରିପାରନ୍ତି ନାହିଁ । ଅର୍ଥାତ୍ କେହି ଏହି ଆତ୍ମ ସ୍ୱରୂପକାତିରିକ୍ତ ନୁହଁନ୍ତି । ଏ ହେଉଛନ୍ତି ପ୍ରକୃତ ବ୍ରହ୍ମ, ଯଥା-
"ଯତଶ୍ଚୋଦେତି ସୂର୍ଯ୍ୟୋସ୍ତଂ ଯତ୍ର ଚ ଗଚ୍ଛତି
ତଂ ଦେବାଃ ସର୍ବେର୍ପିତାସ୍ତଦୁ ନାତ୍ୟେତି କଶ୍ଚନ ଏତଦ୍ୱୈତତ୍ ।"

ସୁଖାସନରେ ଉପବେଶନ ପୂର୍ବକ ଦୃଷ୍ଟି ସ୍ଥିର ରଖି ସ୍ୱହୃଦୟରେ ମହିମା ଅଲେଖ ବ୍ରହ୍ମ, ସଚ୍ଚିଦାନନ୍ଦ ବ୍ରହ୍ମ, ସଚ୍ଚିଦେବଙ୍କ ବ୍ରହ୍ମ, ସଚ୍ଚିନ୍ମୟ ବ୍ରହ୍ମଙ୍କ ନାମ ଚିନ୍ତନ କରାଯାଏ । ଆଉ ମଧ୍ୟ ପ୍ରାଣବାୟୁ ଦ୍ୱାରା ଅଜପା ଭଜନ "ହଂ ସଃ" ଏହି ବେନି ଅକ୍ଷରରେ ଜୀବ ଅହନିଶ ଜପ କରେ । ଅନାହତ ନାଦାନୁସନ୍ଧାନ ଶ୍ରବଣରେ ଚିତ୍ତନିବେଶ ପୂର୍ବକ "ହଂସ ସୋଽହଂସଃ କେବଳ ପରଂବ୍ରହ୍ମଙ୍କ ଅଭୟ ପଦରୁ କ୍ଷରିତ । ଏହିପରି ସ୍ମରଣ ଚିନ୍ତନ ସହ କାୟ ମନୋବାକ୍ୟରେ ପରଂବ୍ରହ୍ମଙ୍କ ସ୍ମରଣରେ ନିମଜ୍ଜିତ ରହିଲେ ଅଜ୍ଞାନ ମୋହ ବନ୍ଧନରୁ ମୁକ୍ତ ହୋଇ 'ଆତ୍ମା ସ୍ୱରୂପ' ଦର୍ଶନ ଲାଭ କରିହୁଏ । ସମାଧିସ୍ଥିତ ଭାବେ ସଚରାଚର ନିଖିଳ ଜଗତକୁ ଓଁକାର ବୋଧିତ ମନେକରି ଜଗତ୍ ଓଁକାରବାଚକ ଓ ଓଁକାର ଜଗତବାଚକ ଭାବିବା ଦରକାର । ଯେତେ ଦିନ ଯାଏ ଏହି ଜ୍ଞାନ ନ ଜନ୍ମେ ସେତେଦିନ ଯାଏ ଏହି ରୂପ ଚିନ୍ତା କରିବାକୁ ହୁଏ । ଜ୍ଞାନୋତ୍ପନ୍ନ ହେଲେ ଆଉ ଜୀବକୁ ଓଁକାର ଚିନ୍ତା କରିବାକୁ ହୁଏ ନାହିଁ । ସେଥିପାଇଁ 'ଆଧ୍ୟାତ୍ମ

ରାମାୟଣ'ରେ କୁହାଯାଇଛି-

"ଅକାର ସଂଜ୍ଞଃ ପୁରୁଷେ ହି ବିଶ୍ୱକ୍
ଉକାରେକସ୍ତୈଜମ୍ ଈର୍ଯ୍ୟତେ କ୍ରମାତ୍
ପ୍ରଜ୍ଞୋମକାରଃ ପରିପାଠ୍ୟତେଽଖିଳୈଃ
ସମାଧିପୂର୍ବଂ ନ ରୁ ତତ୍ତ୍ୱତୋ ଭବେତ୍ ।"

ଶ୍ରୀମଦ୍‌ଭଗବତ୍ ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଜ୍ଞାନ ଦର୍ଶନ ଅବକାଶରେ କହିଛନ୍ତି- ଆମ୍ଭେ ସର୍ବବ୍ୟାପୀ । ଯେଉଁ ଯୋଗୀ ଆମ୍ଭଙ୍କୁ ଅଭେଦ ଜ୍ଞାନ କରି ଭଜନକରନ୍ତି, ସେ ଯେକୌଣସି ଅବସ୍ଥାରେ ଥିଲେ ମଧ୍ୟ ଆମ୍ଭଠାରେ ଯୁକ୍ତ ହୁଅନ୍ତି । ଏଥି ନିମିତ୍ତ ଜଗତ୍‌ସ୍ୱାମୀ ଏକ ପରଂବ୍ରହ୍ମଙ୍କ ବ୍ୟତୀତ ଅନ୍ୟ କାହାରିକୁ ଚିନ୍ତା କରିବାରେ ନିଷେଧ ଦେଇଅଛନ୍ତି । ଯଥା-

"ସର୍ବଭୂତସ୍ଥିତଂ ଯେ ମାଂ ଭଜତ୍ୟେକତ୍ୱମାସ୍ଥିତଃ
ସର୍ବଥା ବର୍ତ୍ତମାନୋପି ସ ଯୋଗୀମୟୀ ବର୍ତ୍ତତେ ।"

ପୁଣି ପରଂବ୍ରହ୍ମଙ୍କ ସ୍ଥାନ ନିରୂପଣରେ ସେ ସ୍ୱୟଂ କହନ୍ତି ଯେଉଁଠାରେ ସୂର୍ଯ୍ୟ, ଶଶାଙ୍କ, ବହ୍ନି କେହି ଉଦ୍‌ଭାସିତ ନ ହୁଅନ୍ତି, ଯେ ସେ ସ୍ଥାନକୁ ଥରେ ଯାଇ ଆଉ ଫେରି ଆସିପାରେ ନାହିଁ, ତାହା ହେଉଛି ପରମ ଧାମ ବା ପରମ ପୁରୁଷଙ୍କ ନିତ୍ୟସ୍ଥଳ । ଯଥା-

"ନ ତଭାସୟତେ ସୂର୍ଯ୍ୟ ନ ଶଶାଙ୍କ ନପାବକଃ
ଯଦ୍‌ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମଂ ପରମଂମମଃ ।"

ପରମବ୍ରହ୍ମଙ୍କର ଏହି ସ୍ଥିତି, ଜ୍ୟୋତି ଓ ଜାଗ୍ରତଶକ୍ତି ଏ ସମଗ୍ର ସଂସାରରେ ପୂରି ରହିଛି । ପଞ୍ଚଭୂତ୍‌କ୍ଷିତି, ଅପ, ତେଜ, ମରୁତ, ବ୍ୟୋମରେ ତାଙ୍କର ସ୍ଥିତି ସଦା କ୍ରିୟାଶୀଳ । ସେହି ପରମାତ୍ମା ଆଦିଶକ୍ତି ପରଂବ୍ରହ୍ମଙ୍କ ଅପରୂପ ଅଲୌକିକ ମହିମା ଏହିପରି ଭାବେ ଆମ ଭାରତୀୟ ଜ୍ଞାନ ପରମ୍ପରାରେ ବିଦିତ । ସଂସ୍କୃତ ଭାଗବତ, ମହାଭାରତ, ଅଷ୍ଟାଦଶ ପୁରାଣ ବିବିଧ ସଂହିତାଦି ଏହି ଜ୍ୟୋତିରାନନ୍ଦ ପୁରୁଷଙ୍କର ଭୂଯୋସି ବର୍ଣ୍ଣନା କରି ଅଛନ୍ତି । ଏହି କ୍ରମରେ ଓଡ଼ିଆ ସାହିତ୍ୟରେ ବ୍ରହ୍ମଙ୍କ ସ୍ଥିତି କିପରି ଓ କେଉଁଠି ବୋଲି ସାଧକମାନେ କହି ଯାଇଛନ୍ତି ନିମ୍ନରେ ତାହା ଆଲୋଚନାର ଅପେକ୍ଷା ରଖେ ।

ଆଦିକବି ସାରଳା ଦାସଙ୍କ ପୂର୍ବର 'ଚର୍ଯ୍ୟାଗୀତିକା'ରେ ଆମେ ଦେଖୁ କାୟାକୁ ତରୁବର ଜ୍ଞାନକରି ସେଥିରୁ ପଞ୍ଚମନରୂପୀ ପଞ୍ଚଡାଳର ଆବିର୍ଭାବ ହୋଇଥିବାର ଦୃଷ୍ଟାନ୍ତ । ଯଥା-

"କାଆ-ତରୁବର ପଞ୍ଚବୀଡାଲ
ଚଞ୍ଚଳ ଚୀଏଁ ପଇଠା କାଲ ।"

ପୁଣି "ଉଞ୍ଚାଉଞ୍ଚା ପାବତ ଯହିଁ ବସଇ ଶବରୀବାଳୀ" ଅର୍ଥାତ୍ ମସ୍ତକ ରୂପୀ ଉଞ୍ଚ ପର୍ବତରେ ନୈରାତ୍ମା ଦେବୀ, ପରମାତ୍ମାଙ୍କର ସ୍ଥିତି ବୋଲି ବର୍ଣ୍ଣିତ । ମାଟିର ମହାକବି ସାରଳା ଦାସ ଯୋଗ ମାର୍ଗରେ ଯାଇ ପିଣ୍ଡ ମଧ୍ୟରେ କିପରି ବ୍ରହ୍ମ ଠାବ କରିହେବ ପ୍ରମାଣ ଦିଅନ୍ତି 'ବନପର୍ବ'ରେ । ଯଥା-

"ଷଡ଼ପଦ୍ମପରେ ପୁଣି ତ୍ରିବେଣୀ ସଙ୍ଗମ
ନାସିକା ଚକ୍ଷୁ ମଧ୍ୟରେ କରହୋ ସନ୍ଧାନ ।
ସେ କର୍ମ ପୁରୁଷକୁ ଭେଟିବ ବୁଦ୍ଧିବଳେ
ଅଜପା ଲୟେ କରିଣ ବସିବ ନିଶ୍ଚଳେ
ମହାଅନନ୍ତ ଶିର ଶିଖରେ ମଣି ଆସନ
ବିଂଶ ଦ୍ୱାଦଶ ଷୋଡ଼ଶ ଦୁଇ ଦଳେଣ ।
ନ ଯାଇ ନଥାଇ ନାଚି ନାହିଁ ଉଦେ ଅସ୍ତ
ନାହିଁ ନିଦ୍ରା ମଇଥୁନ ନାହିଁ ଦିବାରାତ୍ର ।"

ପଞ୍ଚସଖାମାନେ ଏହି ବ୍ରହ୍ମଜ୍ଞାନ ଦର୍ଶନରେ ଉଚ୍ଚାଙ୍ଗ ତଥା ବିସ୍ତୃତ ବ୍ୟାଖ୍ୟାମାନ କରି ଯାଇଛନ୍ତି । ତାତ୍‌କାଳୀନ ଓଡ଼ିଆ ଭାଷାର ସ୍ୱୟଂ ସଂପୂର୍ଣ୍ଣ ସ୍ଥିତି ଦୃଶ୍ୟ ନହେବା ସ୍ଥଳେ, କୁସଂସ୍କାର, ଅନ୍ଧବିଶ୍ୱାସ ଅସ୍ପୃଶ୍ୟତା, ଜାତି ଭେଦ ସାମାଜିକ ଜୀବନକୁ କବଳିତ କରି ରଖିଥିବା ଅବକାଶରେ ଚିରନମସ୍ୟ ପଞ୍ଚସଖାମାନେ ଉତ୍କଳୀୟ ବୈଷ୍ଣବ ଧାରାରେ ଶରୀର ତତ୍ତ୍ୱକୁ ଯେପରି ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରିଛନ୍ତି, ତାହା ସମ୍ପୂର୍ଣ୍ଣ ଓଡ଼ିଆ ସାହିତ୍ୟରେ ଅବିସ୍ମରଣୀୟ । 'ବ୍ରହ୍ମାଣ୍ଡ ଭୂଗୋଳ'ର ପଞ୍ଚମ ଅଧ୍ୟାୟରେ ଭଗବାନଙ୍କ ମୁଖରେ ଅର୍ଜୁନଙ୍କ ପ୍ରତି ବ୍ରହ୍ମଜ୍ଞାନର ସ୍ୱରୂପ ପ୍ରକାଶିତ । ଯଥା-

"ପୂର୍ବେଟି ମହାଶୂନ ଜାଣ । ଅନନ୍ତ ଜ୍ୟୋତିଟି ପ୍ରମାଣ ।
ଓଁକାର ଏକାକ୍ଷର କହି । ଜ୍ୟୋତିରୁ ର କାର ଜନ୍ମଇ ॥
ବାସୁକୀ ପବନକୁ କହି । ର କାରୁ ପବନ କ୍ଷରଇ ॥
ନାମଟି ବ୍ରହ୍ମା ବୋଲାଇଲା । ଓଁକାର ତହୁଁ ଜାତ ହେଲା ॥
ନାରଦ ତ୍ରିଗୁଣକୁ କହି । ରକାରୁ ସେହିଜନ୍ମ ହୋଇ ॥
ବ୍ୟାସଟି ଚୈତନ୍ୟ ପୁରୁଷ । ଓଁକାର ତହୁଁ ଯେ ପ୍ରକାଶ ॥
ଶୁକ ଯେ ସୁଷୁମନା ଦ୍ୱାର । ରକାର ସେଠାରୁ ବାହାର
ନାମଟି ପରୀକ୍ଷ ହୋଇଲା । ଓଁକାରୁ ଶବଦ ହୋଇଲା ॥

ସେହିପରି 'ବିରାଟ ଗୀତା'ରେ ସେ କହନ୍ତି- ଯେତେବେଳେ ଜଳ ସ୍ଥଳ କିଛି ନଥିଲା, ସେତେବେଳେ ପରଂବ୍ରହ୍ମ ମହାଶୂନ୍ୟରେ ଥିଲେ । ସେତେବେଳେ ତାଙ୍କର ବିରାଟ ରୂପ ଥିଲା । ସୃଷ୍ଟି ନିମନ୍ତେ ସେ ଶୂନ୍ୟକୁ ବିନ୍ଦୁକ୍ଷେପଣ କଲେ । ବିନ୍ଦୁରୁ ଶକ୍ତି, ଶକ୍ତିରୁ ଓଁକାର, ଓଁକାରରୁ ତ୍ରିବୀଜ, ତ୍ରିବିଜରୁ ନାମ, ନାମରୁ

ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର ଜାତ । ସେଥିରୁ ଜଗତ ଓ ଜୀବର ସୃଷ୍ଟି । 'ବିରାଟ ଗୀତା'ର ଷଷ୍ଠ ଅଧ୍ୟାୟରେ ଶରୀରର ବିଭିନ୍ନ ଅଙ୍ଗକୁ କବି ବିଭିନ୍ନ ସ୍ଥାନ ଓ ତତ୍ତ୍ୱ ସହିତ ଚିହ୍ନିତ କରିଛନ୍ତି । ଯଥା-

ଉତ୍ପତ୍ତି ଦ୍ୱାର ଇନ୍ଦ୍ରିକହି । ପ୍ରଳୟ ଦ୍ୱାର ସେ ଅଟଇ ॥
ଉକାର ତହୁଁ ରାତ୍ର ହୋଇ । ଓଁ କାର ଦିବସ ଜନ୍ମଇ ॥
ଯେ ପ୍ରାଣ ପବନ ଅଟଇ । ଅପାନ ରଜଭାଗ କହି ॥
ଉଦରୁ ର ଜାତ ହେଲା । ଏମନ୍ତେ ବ୍ୟାନ ବୋଲାଇଲା ॥

ସେହିପରି ମହାଶୂନ୍ୟ ସମ୍ବନ୍ଧରେ ଅର୍ଜୁନଙ୍କ ପ୍ରାଣରେ ଶ୍ରୀକୃଷ୍ଣ କହିଛନ୍ତି-

"ନିତ୍ୟ ଉପରେ ମହାଶୂନ୍ୟ । ଶୂନ୍ୟ ଉପରେ ବ୍ରହ୍ମଜାଣ
ବ୍ରହ୍ମ ଉପରେ ଆଦିଶକ୍ତି । ତା ତଳେ ଷୋଳଶୂନ୍ୟ ଅଛି ।

ଭକ୍ତକବି ବଳାରାମ ଦାସଙ୍କ 'ଛତିଶ ଗୁପ୍ତଗୀତା' ଏକ ଯୋଗଶାସ୍ତ୍ର ସମ୍ବନ୍ଧୀୟ ରଚନା, ଯେଉଁଥିରେ ବୈଷ୍ଣବ ଧର୍ମର ତତ୍ତ୍ୱ ବର୍ଣ୍ଣିତ । ଏହି ଗ୍ରନ୍ଥରେ କବି ରୂପକ ଛଳରେ ଧର୍ମତତ୍ତ୍ୱର ବର୍ଣ୍ଣନା କରି ଗ୍ରନ୍ଥର ଆରମ୍ଭରେ କହନ୍ତି-

"ବୋଲନ୍ତି ଶ୍ରୀହରି ଶୁଣ ହୋ ଅର୍ଜୁନ କହଇ ଜ୍ଞାନର ଭୂଇଁ
ମେଦିନୀରେ ଆତ୍ମା ବ୍ୟାପିଣ ଅଛଇ ଯେ ଯଥା ସ୍ଥାନରେ ଥାଇ ।
ପୁଣ୍ୟଗିରି ଫୁଟି ବହୁଛି ତ୍ରିବେଣୀ ପଡୁଛି ଈଶ୍ୱର ମାଥ
ପଞ୍ଚପୁଷ୍ପ ଘେନି ହରଙ୍କୁ ସେବିଲେ ଅମର ହୋଇବୁ ପାର୍ଥ ।
ଇୟଂଳା ପିୟଂଳା ଶିଶୁମୁନା ତିନି ଉଜାଣି ପବନେ ଛନ୍ଦ
ହେଟର ପାଣି ଉପରକୁ ଟେକିଲେ ତେବେ ଅଜ୍ରାମର କନ୍ଧ ॥"

ସେହିପରି ଅତିବଡ଼ି ଜଗନ୍ନାଥ ଦାସ ଓଡ଼ିଆ ଭାଗବତର ତୃତୀୟ ସ୍କନ୍ଧ ସପ୍ତବିଂଶ ଅଧ୍ୟାୟରେ କପିଳ-ଦେବଦୂତି ସମ୍ବାଦରେ କହନ୍ତି-

"ପଦ୍ମ ଆସନେ ସିଦ୍ଧି ମନେ । ରୁନ୍ଧିବ ଇନ୍ଦ୍ରିୟ ପବନେ ॥
ସମାଧି ଧାରଣ ମଉନୀ । ଅଷ୍ଟାଙ୍ଗ ଯୋଗେ ଥାଇ ମୁନି ॥
ଯାହା ଚିନ୍ତନ୍ତି ତତ୍ତ୍ୱଜ୍ଞାନୀ । ପରମଜ୍ୟୋତି ରୂପେ ରସି ॥"

x x x

ଚେତନା ବୁଦ୍ଧି ଅହଙ୍କାର । ଯେ ଭୂତ ବିଷୟ ଗୋଚର ॥
ଏ ସର୍ବ ହରି ଭାବ ମାନେ । ଗଙ୍ଗା ସମୁଦ୍ର ମିଶେ ଯେହ୍ନେ ॥
ସାତ୍ତ୍ୱିକ ଭକ୍ତି ବୋଲି ତାରେ । ସେହି ଦୁର୍ଲଭ ଏ ସଂସାରେ ॥
ତ୍ରିଗୁଣ ବନ୍ଧ ସେ ମିଳଇ । ଉଦୟ ଅସ୍ତ ତା'ର ନାହିଁ ॥

ସେହିପରି 'ବ୍ରହ୍ମଗୀତା'ରେ କବି ଜଗନ୍ନାଥ ଦାସ କହନ୍ତି- ଶବ୍ଦର ଅନ୍ତରରେ ଧ୍ୱନି ଥାଏ । ସେ ଧ୍ୱନି ଅନ୍ତରରେ ଲୟକଲେ, ଜ୍ୟୋତି ଦେଖିବାକୁ ମିଳେ । ଜ୍ୟୋତିକୁ ଲୟ କଲେ ମନ ସଙ୍ଗତରେ ମେଳ ହୁଏ ।

"ଶ୍ରୀକୃଷ୍ଣ ବୋଲନ୍ତି ଅର୍ଜୁନ । ଶବଦ ଅନ୍ତେ ଧ୍ୱନି ପୁଣ ॥
ଧ୍ୱନି ଅନ୍ତେ ଲୟେ କଲେ । ଜ୍ୟୋତିକି ଦେଖିପାରୁ ଭଲେ ॥
ଜ୍ୟୋତିର ଅନନ୍ତ ଲୟେ କଲେ । ମନ ସଂଗତେ ମେଳ ଭଲେ ॥"

କବି ଅଚ୍ୟୁତ, ଯଶୋବନ୍ତ ଓ ଅନନ୍ତ ମଧ୍ୟ ତାଙ୍କ ଯୋଗଶାସ୍ତ୍ର ସମ୍ବଳିତ ଗ୍ରନ୍ଥମାନଙ୍କରେ ବ୍ରହ୍ମ ଦର୍ଶନ କରାଇଛନ୍ତି । 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ କବି ଅଭିମନ୍ୟୁ ମଧ୍ୟ କହନ୍ତି-

"ଆଦି ଅନାଦି କାରଣ ନିର୍ଗୁଣ ସଗୁଣ
ଆତ୍ମାରାମ ସନାତନ ବ୍ରହ୍ମ ନିରୂପଣ
ଈଶ୍ୱର ସ୍ୱତନ୍ତ୍ର ସ୍ୱୟଂ ଭଗବାନ ତୁହି
ଇଚ୍ଛାମୟ ସର୍ବଶକ୍ତିବନ୍ତ ତତ୍ତ୍ୱ ବିହି ।"

'ବ୍ରହ୍ମ ବିଚାର' ପ୍ରସଙ୍ଗରେ ସନ୍ଥକବି ଭୀମଭୋଇଙ୍କ ଗୁରୁତ୍ୱ ଅଭିନନ୍ଦନୀୟ । କନ୍ଧ ଜାତିର ପ୍ରତୀକ ସାଜି ବ୍ରହ୍ମର ମୂଳ ସ୍ୱରୂପର ଅନନ୍ତ ପ୍ରତୀତି ଅବବୋଧ କରାଇ ଏକ ବିଶ୍ୱମାନବବାଦ ପ୍ରତିଷ୍ଠା ଦିଗରେ କବି ପୂଜ୍ୟ । ସେ ତାଙ୍କର ସର୍ବଶ୍ରେଷ୍ଠ ଗ୍ରନ୍ଥ 'ସ୍ତୁତିଚିନ୍ତାମଣି'ରେ କହନ୍ତି-

ଜାଗିଛନ୍ତି ବ୍ରହ୍ମଅଗ୍ନି ଅଲେଖ କୁଣ୍ଡେ
ଧାପ ଦେଇଛନ୍ତି ଏକୋଇଶ ବ୍ରହ୍ମାଣ୍ଡେ ।

ମହିମା ଧର୍ମର ଆଦ୍ୟ ପ୍ରଚାରକ ଭାବେ ବ୍ରହ୍ମଙ୍କୁ ଅଲେଖ, ଅଣାକାର ଶୂନ୍ୟପୁରୁଷ ଭାବେ ଭାବି ସେ ଏକାକ୍ଷର ମନ୍ତ୍ର ଜପକରି ତାଙ୍କୁ ପ୍ରାପ୍ତ ଦେବା ସମ୍ବନ୍ଧରେ କହନ୍ତି-

"ଅଲେଖ ପାଟଣାପୁର, ସେଠାବରେ ତାଙ୍କ ଘର
ନାହିଁ ସରଗ ଉଷୁମ, ଭଜନ ଏକଅକ୍ଷର
ଶୂନ୍ୟ ମନ୍ଦିରେ ବିହାର, ରୂପରେଖ ନାହିଁ ଯାର ।"

ଖାଲି ଏତିକି ନୁହେଁ; ଓଡ଼ିଆ ସାହିତ୍ୟରେ କବି ଅରକ୍ଷିତ ଦାସ, ମହାଦେବ ଦାସ, ଦ୍ୱାରକା ଦାସ, ଦେବଦୁର୍ଲ୍ଲଭ ଦାସ, କହ୍ନାଇ ଖୁଣ୍ଟିଆ, ମାଧବ ପଟ୍ଟନାୟକ, ମାଧବୀ ଦାସୀ ଆଦି ବ୍ରହ୍ମଙ୍କ ସ୍ୱରୂପ ଓ ବୈଶିଷ୍ଟ୍ୟ ପ୍ରତିପାଦନରେ ଆପଣାର ସିଦ୍ଧହସ୍ତତା ପ୍ରକଟ କରିଛନ୍ତି । ପବିତ୍ର ସନାତନ ସଂସ୍କୃତିରେ ଭାରତୀୟ ଜ୍ଞାନ ପରମ୍ପରାର ଅନନ୍ତ ବିସ୍ତୃତି ମଧ୍ୟରେ ଏହି ବ୍ରହ୍ମ ଦର୍ଶନ ଯେ ଏକ ବିଶିଷ୍ଟ ମହତ୍ତ୍ୱପୂର୍ଣ୍ଣ ଆସନରେ ସମାସୀନ, ଏହା ଅନସ୍ୱୀକାର୍ଯ୍ୟ ।

ଅଧ୍ୟାପକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଡକ୍ଟର ଯଦୁନାଥ ମହାବିଦ୍ୟାଳୟ, ରସାଳପୁର, ବାଲେଶ୍ୱର

ISSN -2583-147X (P), **Vol.- 10, Issue No.II, May 2024**
Bastabatara Pariprakash Prachee
Peer Reviewed and Referred Research Journal

ଆତ୍ମ-ସଚେତନ ମୂଳକ ଉପନ୍ୟାସ 'ଇତର'

ଅଶୋକ କୁମାର ନାଏକ

ସ୍ୱୟଂର ଅସ୍ତିତ୍ୱକୁ ଜାହିର୍ କରିବା । ଅନ୍ୟକୁ ନିଜର ଉପସ୍ଥିତି ସମ୍ପର୍କରେ ସଚେତନ କରାଇବା । ଆପଣାର ଦୋଷ-ଗୁଣ, ଭଲ-ମନ୍ଦ, ରୂପ-ଅରୂପର ବର୍ଣ୍ଣନା କରିବା । ନିଜକୁ ନିଜେ ପ୍ରଶ୍ନ କରିବା । ସେହି ପ୍ରଶ୍ନର ଉତ୍ତର ନିଜେ ସନ୍ଧାନ କରିବା । ଏସବୁ ମଧ୍ୟରେ ଲକ୍ଷ୍ୟ କରିହେବ ସଚେତନତା । ଗମ୍ଭୀର ଭାବେ ଯଦି କୁହାଯିବ ତା'ହେଲେ 'ଆତ୍ମ-ସଚେତନତା' (Self-consciousness) ।

ବଦଳୁଥିବା ଉପନ୍ୟାସର କଳାରେ ଏ ଆତ୍ମ-ସଚେତନ ବର୍ଣ୍ଣନା ଶୈଳୀ (Self-conscious Narration Style) କଳାତ୍ମକ ଢଙ୍ଗରେ ପ୍ରବେଶ କରିଛି । ଯେଉଁଠି ଉପନ୍ୟାସ ନିଜର କଳାତ୍ମକ ଉପାଦାନଗୁଡ଼ିକୁ ବର୍ଣ୍ଣନା କରେ । ନିଜ ଆଙ୍ଗିକ ଗଠନକୁ ବିଶ୍ଳେଷଣ କରେ । ପାଠକକୁ ନିଜ କାଳ୍ପନିକତା (Fictionality) ପ୍ରତି ସଚେତନ କରାଏ । ମୋଟାମୋଟି ଭାବେ କହିବାକୁ ଗଲେ ଉପନ୍ୟାସରେ ଉପନ୍ୟାସର କାଳ୍ପନିକ ଉପାଦାନ ସମ୍ପର୍କରେ ସଚେତନ ଭାବେ ଦୃଷ୍ଟି ଆକର୍ଷଣ କରାଇବା ହିଁ ଆତ୍ମ-ସଚେତନମୂଳକ ଉପନ୍ୟାସ (Self-consciousness Novel) । ଏ ଧରଣର ଉପନ୍ୟାସୀୟ ଶୈଳୀରେ ଅନୁସନ୍ଧାନ କରିହେବ ଉପନ୍ୟାସର ବିଭିନ୍ନ କାଳ୍ପନିକ ଉପାଦାନ ସମ୍ପର୍କରେ ଉଲ୍ଲେଖ ବା ବର୍ଣ୍ଣନା ବା ବିଶ୍ଳେଷଣ ଥାଇ ଏହାକୁ ଏକ କଳ୍ପନାପୂର୍ଣ୍ଣ କଳା ଭାବରେ ସୁଚାଇ ଦେବା ଭଳି ବର୍ଣ୍ଣନା ଶୈଳୀ । ଏ ସମ୍ପର୍କରେ Brain Stonehill ମଧ୍ୟ ସମାନ ଧରଣର ମତ ଦିଅନ୍ତି, "a Self- consciousness novel is 'extended prose narrative that draws attention to its status as fiction."[୧]

ଆତ୍ମ-ସଚେତନମୂଳକ ଉପନ୍ୟାସ ଭଳି ଧାରାରେ ରଚିତ ହୋଇଥିବା ସଫଳ ଓଡ଼ିଆ ଉପନ୍ୟାସ 'ଇତର' (୨୦୨୧) । ଯାହାର ଲେଖକ ସାମ୍ବାଦିକ ଓ ପ୍ରକାଶକ ଔପନ୍ୟାସିକ ଶୁଭ୍ରାଂଶୁ ପଣ୍ଡା । ସେ ଓଡ଼ିଆ ସାହିତ୍ୟର କବିତା, ଗଳ୍ପ ତଥା ଉପନ୍ୟାସ କ୍ଷେତ୍ରରେ ଲେଖନୀ ଚାଳନା କରିବାରେ ରଚି ରଖନ୍ତି । ଏଯାବତ୍ ତାଙ୍କର ତିନିଗୋଟି ଉପନ୍ୟାସ 'ସୁସମାଚାର' (୨୦୧୨), 'ଶିଳ୍ପ ଭାଗବତ' (୨୦୧୪) ଓ 'ଇତର' (୨୦୨୧) ପ୍ରକାଶିତ । ତାଙ୍କ ଏ ଉପନ୍ୟାସଗୁଡ଼ିକ ଅଣ-ପାରମ୍ପରିକ ଉପନ୍ୟାସ ଧାରାରେ ରଚିତ ପରୀକ୍ଷାଧର୍ମୀ ସଫଳ ଉପନ୍ୟାସ ।

ସମାଜରେ ଲିଙ୍ଗ (Sex) କହିଲେ କେବଳ ପୁରୁଷ ଓ ନାରୀ କ୍ଷେତ୍ରରେ ହିଁ ସୀମିତ ରହିଯାଏ । କିନ୍ତୁ ପ୍ରକୃତିର ଅନ୍ୟ ଏକ ସୃଷ୍ଟି ତୃତୀୟ ଲିଙ୍ଗୀ (Third Gender) ପ୍ରସଙ୍ଗ ଉଠିଲେ ପ୍ରାୟତଃ ସମସ୍ତେ ଅଣଦେଖା କରନ୍ତି । ନାସା କୁଞ୍ଚନ ଓ ଘୃଣ୍ୟ ମନୋଭାବରେ ବିଚାର କରନ୍ତି । ସେହି ବର୍ଗର ବ୍ୟକ୍ତି ବିଶେଷଙ୍କୁ 'ଇତର' ତୁଲ୍ୟ ବ୍ୟବହାର କରନ୍ତି । ସେହି ତୃତୀୟ ଲିଙ୍ଗୀ ବା କିନ୍ନରମାନଙ୍କ ସଂଘର୍ଷମୟ ଜୀବନ କାହାଣୀକୁ ଆଧାର କରି ଔପନ୍ୟାସିକ ଶୁଭ୍ରାଂଶୁ ପଣ୍ଡା 'ଇତର' (୨୦୨୧) ଉପନ୍ୟାସ ରଚନା କରନ୍ତି ।

'ଇତର' ଉପନ୍ୟାସ ଏକ ସାଧାରଣ ପରିବାରର କାହାଣୀ । କିନ୍ତୁ ଏ ସାଧାରଣ କାହାଣୀ ମଧ୍ୟରେ ମୁଖ୍ୟ ଚରିତ୍ର ଭାବେ ପୂର୍ବରୁ ସୂଚିତ ତୃତୀୟ ଲିଙ୍ଗୀ ଗୋବିନ୍ଦର ସମ୍ମାନ, ସ୍ୱାଭିମାନ ଓ ସ୍ୱାତନ୍ତ୍ର୍ୟର ପ୍ରସଙ୍ଗ ଗୁରୁତ୍ୱ ଲଭିଛି । ଯିଏ ଛୋଟବେଳୁ ନିଜକୁ ଝିଅ ରୂପରେ ସଜେଇବା ବା ଝିଅ ରୂପେ ଦେଖିବାର ଆଗ୍ରହ ରଖିଛି । ଆଉ ବୟସର ଗତି ସହ ନିଜ ପୁରୁଷ ଶରୀର ଓ ନାରୀ ମନ ମଧ୍ୟରେ ସଂଘର୍ଷ ଦେଖାଦେଇଛି । କେତେବେଳେ ନିଜକୁ 'ବେବି' ତ କେତେବେଳେ 'ଗୋବିନ୍ଦ' ରୂପରେ ଅଭିନୟ କରିବାକୁ ହୋଇଛି । ଗୋବିନ୍ଦର ଏହି ଅଭିନୟର ଯାତ୍ରା ବାବୁଲି (ଛୋଟ ବେଳର

ନାଁ)ରୁ ଆରମ୍ଭ ହୋଇ ବେବି, ତିଜ, ଗୋପୀ, ଲୀନା ଦେଇ କରୀନାରେ ଶେଷ ହେଉଛି । ଅଭିନୟର ସତ ଯେତେବେଳେ ପରିବାର ଓ ସମାଜ ଆଗରେ ଖୋଲାସା ହୋଇଛି ସେତେବେଳେ ନିଜର ସ୍ୱାଭିମାନରେ ଆଘାତ ପାଇବା ସହ ସ୍ୱାଧୀନତା ହରାଇଛି । ବାପା ଦାଦାଠାରୁ ମାଡ଼ ଖାଇ ଘରରୁ ପଳେଇବା ଠୁ' ଆରମ୍ଭ କରି ମଧୁସାର୍ ସହ ପ୍ରେମ; ବିନୋଦ ସହ ବିବାହ ତଥା ବିଭିନ୍ନ ଲୋକଙ୍କ ଧର୍ଷଣର ଶିକାର ମ୍ନ ହୋଇଛି । ଶେଷରେ ନିଜର ସ୍ୱାତନ୍ତ୍ର୍ୟ ତଥା ସମ୍ମାନ ପାଇଁ ଲଢେଇ କରି ବିଜୟ ମଧ୍ୟ ଲାଭ କରିଛି ବୋଲି କୁହାଯାଇପାରେ । କାହାଣୀ ନିକଟରେ ପ୍ରଦର୍ଶିତ ହୋଇଥିବା ଗୌରି ସାୱନ୍ତଙ୍କ ଆତ୍ମଜୀବନୀ ଆଧାରିତ ଟେଲିଭିଜନ ସିରିଜ 'ତାଳି' ସହ ସମତା ରକ୍ଷା କରେ । ଉଭୟଙ୍କ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ ଏକ ନୂତନ ଦିଗର ଆବିଷ୍କାର କରିପାରେ ।

ଉପନ୍ୟାସର କାହାଣୀ ଭାଗ ଯେତେ ବଳିଷ୍ଠ ଓ ନୂତନ ତା'ଠୁ ତା'ର ଉପସ୍ଥାପନା ଶୈଳୀ ବେଶ୍ ଆକର୍ଷଣୀୟ । କାରଣ ଏ ଉପନ୍ୟାସରେ ମୁଖ୍ୟ ଚରିତ୍ର ଗୋବିନ୍ଦ ନିଜ ଉପରେ ଲେଖାଯିବାକୁ ଥିବା ଉପନ୍ୟାସ ସମ୍ପର୍କରେ ପାଠକକୁ କାହାଣୀ କହୁଛି । ପୁଣି ଲେଖକର ସେହି କାହାଣୀକୁ ପାଇବା ପାଇଁ କରିଥିବା ପରିଶ୍ରମ ସମ୍ପର୍କରେ ବେଳେବେଳେ ବର୍ଣ୍ଣନା ମଧ୍ୟ କରୁଛି । ଏଠାରେ ଚରିତ୍ର କଥକ ଭାବେ ଉଭା ହୋଇ କେତେବେଳେ ଲେଖକ ତ କେତେବେଳେ ପାଠକକୁ ନିଜ ଜୀବନ କାହାଣୀ ସମ୍ପର୍କରେ ସମାନ୍ତରାଳ ଭାବେ ଗପ କହି ଚାଲିଛି । ଏଠାରେ ଉପନ୍ୟାସ ସମ୍ପର୍କିତ ତା' ନିଜ କାହାଣୀ ଓ ଉପନ୍ୟାସ ସୃଷ୍ଟି ସମ୍ପର୍କିତ ଲେଖକ ଓ ଚରିତ୍ର ଜଡ଼ିତ କାହାଣୀ ଭିନ୍ନ ଭିନ୍ନ ହେଲେ ମଧ୍ୟ ଏକତ୍ର ପରିବେଷିତ । ତେଣୁ ଓଡିଆ ଉପନ୍ୟାସ ସାହିତ୍ୟରେ ପରୀକ୍ଷା ହେଉଥିବା ଏ ଧରଣର ନୂତନ ଶୈଳୀ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ଏ ଆଲେଖ୍ୟର ଲକ୍ଷ୍ୟ ।

ଉପନ୍ୟାସର ପ୍ରଥମରୁ ହିଁ ଗୋବିନ୍ଦ ନିଜର ନ୍ୟୁନତା ସମ୍ପର୍କରେ ପାଠକଙ୍କୁ ଅବଗତ କରାଉଛି । ସମାଜରେ ତାଙ୍କ ଶ୍ରେଣୀର ଲୋକଙ୍କର ସ୍ଥିତି କିଭଳି, ସମାଜରେ ତାଙ୍କ ସ୍ଥାନ କେଉଁଠି ତାହା ଉପନ୍ୟାସର ପ୍ରଥମ ବାକ୍ୟରୁ ହିଁ ଆକଳନ କରିହେବ । "ମୁଁ ଆପଣମାନଙ୍କ ଭଳି ନୁହେଁ । ଯଦିଓ ମୋର ଆପଣମାନଙ୍କ ଭଳି ଏକ ସାଧାରଣ ଶରୀରଟିଏ ଅଛି । ଦୁଇଟି ହାତ, ଦୁଇଟି ଗୋଡ, ଦୁଇଟି ଆଖି ଓ ଦୁଇଟି କାନ ଅଛି । ଯଦିଓ ମୋର ଆପଣଙ୍କ ଭଳି ନାକ, ପାଟି, ଜିଭ ସବୁ ଅବିକଳ ଅଛି-ତଥାପି ମୁଁ ଇତର ।"[୨] ଚରିତ୍ରଟି ନିଜର ଓ ଅନ୍ୟର ଶାରୀରିକ ତୁଳନା ପୂର୍ବକ ନିଜକୁ ଇତର ବୋଲି କହିବା ମଧ୍ୟରେ ପ୍ରତ୍ୟକ୍ଷ ଭାବେ ନିଜ ହୀନମନ୍ୟତା ସମ୍ପର୍କରେ କହୁଥିଲେ ମଧ୍ୟ ଔପନ୍ୟାସିକଙ୍କ ବ୍ୟଙ୍ଗ ମନୋଭାବକୁ ଏଠାରେ ଲକ୍ଷ୍ୟ କରିହେବ । ସମାଜର ଭଦ୍ରମୁଖା ଧାରଣ କରି ଅଭିନୟ କରୁଥିବା ସଭ୍ୟ ଓ ଚିନ୍ତାଶୀଳ ମଣିଷଙ୍କ ପ୍ରତି ଏକ ଶକ୍ତ ଚାପୁଡ଼ା ବୋଲି ମଧ୍ୟ କୁହାଯାଇପାରେ । ଏ କ୍ଷେତ୍ରରେ ଚରିତ୍ରର ଚାରିତ୍ରିକ କ୍ଷୟ ଘଟୁ ନାହିଁ ବରଂ ସମାଜରେ ତା'ର ସ୍ୱତନ୍ତ୍ର ସ୍ଥାନ ପାଇଁ ସ୍ୱର ଉତ୍ତୋଳନ କରାଯାଉଛି । ଯାହା ଉପନ୍ୟାସରେ କଳାହାସ୍ୟ (Black Humour) ର ଅନ୍ତର୍ଗତ । କିନ୍ତୁ ଏ କଳାହାସ୍ୟ ଉପନ୍ୟାସରେ ବହୁ ସମୟରେ ଲକ୍ଷ୍ୟ କରିହେବ । ଯେତେବେଳେ ଚରିତ୍ର କାହାଣୀ ବର୍ଣ୍ଣନା କରୁଛି ସେ ସମୟରେ ଲେଖକଙ୍କ କାହାଣୀ ପାଇଁ ଅସହାୟତା ହେଉ ବା କାହାଣୀରେ ଆଦର୍ଶହୀନତା ସମ୍ପର୍କରେ ଜଣାଇବା ବେଳେ ହେଉ ବା କାହାଣୀର ସଂଲକ୍ଷ୍ୟକ୍ରମରେ ବାଧାପ୍ରାପ୍ତ ବା ଉପନ୍ୟାସର ସଂରଚନାଜନିତ ସମୀକ୍ଷା ବେଳେ; ଏଭଳି ପ୍ରତି ପ୍ରସଙ୍ଗ ବର୍ଣ୍ଣନା ସମୟରେ ଉପନ୍ୟାସର ଅଣ-ପାରମ୍ପରିକ କୌଶଳକୁ ଲକ୍ଷ୍ୟ କରିପାରିବା ।

ଏକବିଂଶ ଶତାବ୍ଦୀର ଉପନ୍ୟାସ ରଚନା କ୍ଷେତ୍ରରେ ମୁଖ୍ୟ ଚରିତ୍ର ବା ନିଜେ ଲେଖକ, କଥକ ଭୂମିକାରେ ଅବତୀର୍ଣ୍ଣ ହୋଇ କାହାଣୀ କହିବା ଏବଂ ତାହା ଉପନ୍ୟାସରେ ରୂପାନ୍ତରିତ ହେବା ଭଳି କୌଶଳ ପ୍ରାୟ ପରିଦୃଷ୍ଟ ହୁଏ । ଏ ଉପନ୍ୟାସୀୟ କୌଶଳ ଆତ୍ମ-ସଚେତନ ବର୍ଣ୍ଣନା ଶୈଳୀର ଏକ ସାଧାରଣ ଧର୍ମ । ଉକ୍ତ ଉପନ୍ୟାସରେ ଲେଖକ ଭିନ୍ନ 'ପ୍ରତିନିଧିତ୍ୱ ଚରିତ୍ର' ଉପନ୍ୟାସର କାହାଣୀ ଭାଗ ପାଠକ ବର୍ଗକୁ ଶୁଣାଇବା ଭଳି ଉପସ୍ଥାପନା କଲା ବେଳେ ନିଜ କାହାଣୀ ଉପନ୍ୟାସର ରୂପ ପାଇବା ପୂର୍ବର କାହାଣୀ ମଧ୍ୟ ବର୍ଣ୍ଣନା କରୁଛି । ଲେଖକ ସବୁବେଳେ ନିତ୍ୟ ନୂତନ ବିଷୟ ପ୍ରତି ଆଗ୍ରହ ରଖେ । ପାଠକଙ୍କ ସ୍ୱାଦ ଅନୁଯାୟୀ ସାମ୍ପ୍ରତିକ ଚର୍ଚ୍ଚିତ ପ୍ରସଙ୍ଗ ଜନିତ ରଚିପୂର୍ଣ୍ଣ କାହାଣୀକୁ କଳାତ୍ମକ ରୂପ ଦିଏ । ସେଥିପାଇଁ ସେ କେତେ ଶ୍ରମ ଓ ନିନ୍ଦା ସ୍ୱୀକାର କରେ ସେ କାହାଣୀ ପାଠକ ଜାଣିବାର ସୁଯୋଗ ପାଇପାରେନି । କିନ୍ତୁ ଏ ଉପନ୍ୟାସର ମୁଖ୍ୟ ଚରିତ୍ର ନିଜେ ସେ ଲେଖକଙ୍କ କାହାଣୀ ସଂଗ୍ରହ ଓ ଉପନ୍ୟାସ ସୃଷ୍ଟି ହେବା ପଛର କାହାଣୀକୁ ପାଠକ ସମ୍ମୁଖରେ ଉପସ୍ଥାପିତ କରିଛି । ତା'ର ସତ୍ୟତା ସନ୍ଧାନ ଏକ ଦୁରୂହ ବ୍ୟାପାର ହେଲେ ମଧ୍ୟ ପାଠକର ଏ ପ୍ରତି ଏକାତ୍ମ ହେବାର ସମ୍ଭାବନା ଖୁବ୍ ବେଶୀ ହୋଇଉଠେ । ଏ କୌଶଳ ସାମ୍ପ୍ରତିକ ସମୟର ଏକ ଅଭିନବ କୌଶଳ । ଯେପରି ଚରିତ୍ର କୁହେ, "ଏ ଲୋକଟି, ଯିଏ ମୋ କଥା ଆପଣଙ୍କ ପାଖରେ

ପହଞ୍ଚାଇବାର କଷ୍ଟ କରିଛି, ତାଆରି ଅନୁରୋଧରେ ମୁଁ ମୁହଁ ଖୋଲିବାକୁ ନିଷ୍ପତ୍ତି ନେଲି । ଏ ଲେଖକ ମୋ ପକ୍ଷରୁ କଥା ପଦେ ଆଦାୟ କରିବ ବୋଲି କେତେ ଯେ ପରିଶ୍ରମ କରିଛି ଭାବିଲେ ହସ ମାଡୁଛି, ଦୟା ବି ଲାଗୁଛି । xxx ଅବଶ୍ୟ ଏ ଲୋକ ବି କୋଟି କୋଟି ସ୍ୱାର୍ଥପର ମଣିଷଙ୍କ ଭିତରୁ ଗୋଟିଏ ହୋଇପାରେ । କାହାଣୀ ଖୋଜି ଖୋଜି ଯେବେ ନିରାଶ ହୋଇଥିବ ଏବଂ ନିଜର ଲେଖକ ପଣିଆ ଜାହିର୍ କରିବା ପାଇଁ ଗୋଟେ କିଛି ଚମକ ସୃଷ୍ଟି କରିବାର ଯୋଜନାରେ ଥିବ, ହୁଏତ ତାକୁ ମୋ କାହାଣୀ ଲୋଡା ପଡିଥିବ" ।(୩) ଏଭଳି ବକ୍ତବ୍ୟ ଉପନ୍ୟାସର କାହାଣୀ ସଂଗ୍ରହ ଓ କାହାଣୀ ସଂରଚନାର କାଳ୍ପନିକତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲେ ମଧ୍ୟ ଏହା ଭିତରେ ଅନୁସନ୍ଧାନ କରିହେବ ଜଣେ ତୃତୀୟ ଲିଙ୍ଗୀର ନିଜ କାହାଣୀ ପ୍ରତି ଥିବା ଅପ୍ରାସଙ୍ଗିକ ମନୋଭାବକୁ । ଉପନ୍ୟାସର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଚରିତ୍ର ମୁହଁରେ କାହାଣୀର ସନ୍ଦିହାନ ଅବସ୍ଥାକୁ ବର୍ଣ୍ଣନା କରୁଥିଲେ ମ୍ଧ ସେଭଳି ଭଙ୍ଗୀ ମାଧ୍ୟମରେ ପାଠକଙ୍କୁ କାହାଣୀର ବୈଚିତ୍ର୍ୟ ବା ନୂତନତା ସମ୍ପର୍କରେ ଅବଗତ କରାଇବା ଲେଖକର ବର୍ଣ୍ଣନା ଚାତୁରୀ ବୋଲି ଅନୁମେୟ ହେବ ।

ପୂର୍ବରୁ ସୂଚିତ ଯେ, ଚରିତ୍ର କାହାଣୀ ଓ କାହାଣୀ ପଛର ପୃଷ୍ଠଭୂମି ସମ୍ପର୍କରେ ବର୍ଣ୍ଣନା କରୁଥିବାରୁ ଲେଖକ ମଧ୍ୟ ଏଠାରେ ପ୍ରତ୍ୟକ୍ଷ ଭାବେ ଏକ ସହାୟକ ଚରିତ୍ର ଭାବରେ ଦେଖାଦିଅନ୍ତି । ଏହା ଦ୍ୱାରା ଉପନ୍ୟାସର କାଳ୍ପନିକ କଳା (Fiction Art) ଓ କାହାଣୀର ବାସ୍ତବତା (Story of Reality) ମଧ୍ୟରେ ଥିବା ସୀମାରେଖା ଭଙ୍ଗ ହୋଇ ପାଠକଳା ମନରେ ଏକ ପ୍ରକାର ସଂଶୟ ସୃଷ୍ଟି ହୁଏ । ଯାହା ପ୍ରାୟତଃ ଆତ୍ମ-ସଚେତନମୂଳକ ଉପନ୍ୟାସ କ୍ଷେତ୍ରରେ ହିଁ ଲକ୍ଷ୍ୟ କରିପାରିବା । ଉକ୍ତ ଉପନ୍ୟାସରେ ଏ ସଂଶୟଟି ସେତେବେଳେ ଦୃଢିଭୂତ ହୁଏ ଯେତେବେଳେ ଚରିତ୍ରଟି ଲେଖକକୁ ଉପନ୍ୟାସ ସୃଷ୍ଟି ପାଇଁ ନିଜ କାହାଣୀ କହୁଥିବାର ପ୍ରସଙ୍ଗ ଆସେ । ସେ କାହାଣୀ କହିବା ପାଇଁ ମଧ୍ୟ ଲେଖକଙ୍କ ଆଗରେ ପ୍ରଥମେ କିଛି ସର୍ତ୍ତ ରଖେ, "ଦେଖ ଏ କାହାଣୀ ମୋର । ଏଣୁ ମୁଁ ଯେମିତି କହିବି ସେମିତି ହିଁ ଲେଖିବୁ ଟିକିଏ ବି ବଦଳାଇବୁ ମୋର ଲେଖକ ହେବାର ସ୍ପୃହା ନାହିଁ । ତୁ ଯଦି ମୋ କାହାଣୀ ଲେଖି ପ୍ରସିଦ୍ଧି ସାଉଁଟିବୁ ସେଥିରେ ମୋର କିଛି ଯାଏ ଆସେ ନା । କିନ୍ତୁ ଖବରଦାର, ମୋ କାହାଣୀରେ ଟିକିଏ ବି ଖାଦ ମିଶାଇବୁ ନାହିଁ । ମୁଁ ଯେଉଁମାନଙ୍କ ନାମ ନେବି ଯେଉଁ ଘଟଣା ସମ୍ପର୍କରେ କହିବି ସବୁ ରଖିବୁ" ।(୪) ଏଥିରୁ ସ୍ପଷ୍ଟ ହେଉଛି ଯେ ଉପନ୍ୟାସରେ ବର୍ଣ୍ଣନାକାରୀ (Narrator) ଓ ଲେଖକ (Author) ଙ୍କ ସ୍ୱରୂପ ଭିନ୍ନ ଭିନ୍ନ । ବାବର୍ଣ୍ଣନାକାରୀର ଭୂମିକା ପ୍ରତ୍ୟକ୍ଷ ଓ ଗତିଶୀଳ ଥିଲା ବେଳେ ଲେଖକଙ୍କ ଉପସ୍ଥିତି ପରୋକ୍ଷ ଓ ମନ୍ଥର । ମାତ୍ର ବାରମ୍ବାର ଚରିତ୍ରର ଭୟ ଲେଖକର କାଳ୍ପନିକତା ପ୍ରତି; ପାଠକର କାହାଣୀ ମନୋଭାବକୁ ଭଙ୍ଗ କରେ । କାହାଣୀଟି ପାଠକ ନା ଲେଖକଙ୍କ ସମ୍ମୁଖରେ ଉପସ୍ଥାପିତ ତାହା ମଧ୍ୟ ଅନୁମାନ କରିବା କଷ୍ଟକର ହୋଇଉଠେ । ପୁଣି ଉପନ୍ୟାସର ସଜ୍ଜିତ କଳାତ୍ମକ କଥା ନା ଚରିତ୍ର ମୁଖରେ ବର୍ଣ୍ଣିତ ସିଧାସଳଖ ପ୍ରକାଶିତ ବିଚ୍ଛିନ୍ନ କାହାଣୀ (Raw Material) ତାହା ମଧ୍ୟ ସନ୍ଦେହ ଘେରକୁ ଟାଣି ନିଏ । କ୍ରମାନ୍ୱୟରେ ବର୍ଣ୍ଣିତ କାହାଣୀ ମଧ୍ୟରେ ବାରମ୍ବାର ଲେଖକ ସହ ଚରିତ୍ରର ସମୀକ୍ଷାତ୍ମକ ସଂଳାପ ତଥା ପାଠକକୁ ସମ୍ବୋଧନ ପୂର୍ବକ ଉପନ୍ୟାସର ସଂରଚନା ଦିଗ ସମ୍ପର୍କରେ ଆଲୋଚନା ଧର୍ମୀ ବର୍ଣ୍ଣନା ପାଠକର କାଳ୍ପନିକ କାହାଣୀ ପ୍ରତି ଥିବା ଧାରାକୁ ଭାଙ୍ଗି (Fourth wall breaking) ଦିଏ । 'ଇତର' ଉପନ୍ୟାସରେ ଏ ପ୍ରକାର ଆତ୍ମ-ସଚେତନ ବର୍ଣ୍ଣନା ଶୈଳୀ ଏକବିଂଶ ଶତାବ୍ଦୀର ଉପନ୍ୟାସ ରଚନା କ୍ଷେତ୍ରରେ ନୂଆ ଧାରାକୁ ଜନ୍ମ ଦିଏ । ଆତ୍ମ-ସଚେତନମୂଳକ ଉପନ୍ୟାସରେ କଳ୍ପନା ଓ ବାସ୍ତବ ମଧ୍ୟରେ ଅଭେଦତ୍ୱ କଳ୍ପିତ ହେବା ସମ୍ପର୍କରେ Robert Alter ତାଙ୍କ ପୁସ୍ତକ 'Partial Magic:the novel as self conscious general' ରେ ଆତ୍ମ-ସଚେତନମୂଳକ ଉପନ୍ୟାସର ଏ କୌଶଳ ସମ୍ପର୍କରେ କହିଛନ୍ତି, "The self conscious novel 'a novel which systematically flaunts its own condition of artifice and so doing probes into the problematic relationship between real seeming artifice and reality".(୫)

'ଇତର' ଉପନ୍ୟାସରେ ଉପନ୍ୟାସର ସଂରଚନା ସମ୍ପର୍କରେ ବର୍ଣ୍ଣନା କ୍ଷେତ୍ରରେ ପାଠକ ଉପନ୍ୟାସର ଗଢଣ ଉପାଦାନ ବା କାଳ୍ପନିକତା ପ୍ରତି ସଂଶୟ ରଖିଲେ ମଧ୍ୟ ତା'ର କାହାଣୀ ଓ ଚରିତ୍ର ପ୍ରତି ସିଧାସଳଖ ଏକାତ୍ମ ହୋଇଉଠିବାର ଲକ୍ଷ୍ୟ କରିପାରିବା । ଏସବୁ ବର୍ଣ୍ଣନା ଚାତୁରୀ ପାଠକକୁ ଉପନ୍ୟାସର କାହାଣୀ ସହ ଅନ୍ତରଙ୍ଗ କରି ବାସ୍ତବର ନିକଟତର ବୋଲି ପ୍ରତୀତ କରାଏ । ଗୋବିନ୍ଦ ଯେତେବେଳେ ନିଜ ଅଙ୍ଗେ ନିଭାଇଥିବା କାହାଣୀକୁ ପାଠକ ସମ୍ମୁଖରେ କହୁଥାଏ ସେ ସମୟରେ ପାଠକ ଏ ସହ ଯୋଡ଼ି ଯାଇ ଉପନ୍ୟାସର କଳ୍ପନା ଦିଗକୁ ଉପେକ୍ଷା କରେ । ମାତ୍ର ପରବର୍ତ୍ତୀ ସମୟରେ ଲେଖକ ଓ ଚରିତ୍ର ମଧ୍ୟରେ ହେଉଥିବା ବାର୍ତ୍ତାଳାପ ପାଠକକୁ ପୁଣି ସଚେତନ କରାଏ ଯେ ସେ ଯାହା ପାଠ କରୁଛି ତାହା କଳ୍ପନାଶ୍ରୟୀ ।

କଥା, ଭାବ, ଚରିତ୍ର, ପରିବେଶ, ଦ୍ୱନ୍ଦ୍ୱ, ଉତ୍କଣ୍ଠା ଆଦି ବିଭିନ୍ନ ଉପାଦାନର ସମାହାର ଉପନ୍ୟାସ ଭଳି ଏକ କଳାତ୍ମକ ରୂପକୁ ସୃଷ୍ଟି କରେ । ଏହି ପ୍ରତିଟି ଉପାଦାନ ଉପନ୍ୟାସର ମୁଖ୍ୟ ଚରିତ୍ର ମୁହଁରେ କାହାଣୀ ଛଳରେ ବିଶ୍ଲେଷିତ ହେଉଛି । ନିଜ ଜୀବନରେ ବହୁ ପୁରୁଷର ସଂସ୍ପର୍ଶରେ ଆସିଥିବା ଗୋବିନ୍ଦ ନିଜ ଜୀବନ କାହାଣୀର ନାୟକ ଭାବେ ବିନୋଦକୁ ଦେଖୁଥିବା ବେଳେ; ତାଙ୍କ ଦୁଇଜଣଙ୍କ କାହାଣୀ ବାରମ୍ବାର ଶୁଣିବା ପାଇଁ ଲେଖକ ଅନାଗ୍ରହ ପ୍ରକାଶ କରୁଥିବା ପ୍ରସଙ୍ଗ ସେ ପାଠକଙ୍କ ଆଗରେ ପ୍ରକାଶ କରୁଛି । ପୁଣି ପାଠକକୁ ପତିଶ୍ରୁତି ମଧ୍ୟ ଦେଉଛି ଯେ, "ଲେଖକର ଇଚ୍ଛା କରୁନଥିବାରୁ ଏ କାହାଣୀରେ ଆପଣମାନେ ବିନୋଦ ବାବଦରେ ବିଶେଷ କିଛି ପଢିବେ ନାହିଁ । କିନ୍ତୁ ଯଦି କେବେ ସୁଯୋଗ ମିଳେ ମୁଁ ବିନୋଦର କାହାଣୀ ବଖାଣିବି ଆପଣଙ୍କ ସାମ୍ନାରେ । ବଖାଣିବି ସେଇ ପାଞ୍ଚ ମାସର ସୁଖ ଆଉ ସ୍ୱପ୍ନଜୀବନ କଥା" ।[୬] କିନ୍ତୁ ଉପନ୍ୟାସ ମଧ୍ୟରେ ଏ ଦୁଇଜଣଙ୍କ ସେହି ପାଞ୍ଚ ମାସର କାହାଣୀ ଆଉ ବର୍ଣ୍ଣନା ହୋଇନାହିଁ । ଏଭଳି ବକ୍ତବ୍ୟ ଉପସ୍ଥାପନା କ୍ଷେତ୍ରରେ ଅନୁମାନ କରିହେବ ଯେ ଲେଖକ ପାଠକ ମନରେ ଜଣେ ତୃତୀୟ ଲିଙ୍ଗୀର ପ୍ରେମ କାହାଣୀର ବୀଜ ରୋପଣ କରୁଛନ୍ତି । ଯାହା ପାଠକକୁ ଚରିତ୍ରର ଜୀବନ କାହାଣୀ ପ୍ରତି ବିଶ୍ୱସନୀୟ କରାଇବାର ପ୍ରୟାସ ବୋଲି କୁହାଯାଇପାରେ । ବର୍ଣ୍ଣନାକାରୀର କାହାଣୀ ମଧ୍ୟରେ ନିଜ ନ୍ୟୁନତାକୁ ଉଲ୍ଲେଖ ପୂର୍ବକ ଲିଙ୍ଗଭେଦ ଯୋଗୁ ନିଜ ନାୟକତ୍ୱହୀନକୁ ପ୍ରକାଶ କରି ଭିନ୍ନ ଏକ ଚରିତ୍ରକୁ ନାୟକତ୍ୱ ପ୍ରଦାନ କରିବା ପାଇଁ ଲେଖକଙ୍କ ସହ ସଂଘର୍ଷ ଦେଖା ଦେଉଥିବା ବେଳେ ଲେଖକ ଉପନ୍ୟାସର ଚରିତ୍ର ଚୟନ ସମ୍ପର୍କରେ ସମୀକ୍ଷାତ୍ମକ ମନ୍ତବ୍ୟ ପ୍ରକାଶ କରି କହନ୍ତି, "ତୋ ଗାଁର ଶସ୍ତା ଡ୍ରାମା ଆଉ ତୋର ଏ କାହାଣୀ ଭିତରେ ଆକାଶ ପାତାଳ ତଫାତ୍ । ଆମେ ଯେଉଁ କାହାଣୀ ଲେଖୁ ସେ କାହାଣୀରେ ନାୟକର କିଛି ଲିଙ୍ଗଭେଦ ନଥାଏ । ପୁରୁଷ, ନାରୀ, ତୃତୀୟ ଲିଙ୍ଗୀ, ପଶୁପକ୍ଷୀ, ଗଛବୃଛ, ଏପରିକି ଏକ ନିର୍ଜୀବ ବସ୍ତୁ ବି କାହାଣୀର ନାୟକ ହୋଇପାରେ । ଏ କାହାଣୀର ନାୟକ ତୁ, ଏ କାହାଣୀର ତୁ ହିଁ ହେଉଛୁ ହିରୋ" ।[୭] ସମାନ ଭାବରେ କାହାଣୀର 'ଉତ୍କଣ୍ଠା' ଓ 'ପରିଣତି' ବା 'ଉପସଂହାର' ସମ୍ପର୍କରେ ଚରିତ୍ର ପାଠକକୁ ବିଶ୍ଳେଷଣ କରୁଥିବାର ପ୍ରସଙ୍ଗ ମଧ୍ୟ ଉପନ୍ୟାସରେ ଠଉରେଇ ହେବ । ଯେଉଁଠି ପାଠକକୁ ଚରିତ୍ର ପ୍ରଶ୍ନ କରୁଛି, "ତେବେ ମୋ କାହାଣୀରେ କଣ ଉତ୍କଣ୍ଠା ନହିଁ । ଏତିକି ଜାଣିବା ପାରେ ଆଗକୁ କଣ ଘଟିବ ବୋଲି ଆପଣ ଧନ୍ଦି ହେଉ ନାହାନ୍ତି ? ଯଦି ଆପଣ ପଢି ପଢି ବିରକ୍ତ ହେଲେଣି ତେବେ ମନେ ରଖନ୍ତୁ ସେଇଟା ମୋର ଦୋଷ ନୁହେଁ । ମୁଁ ମୋର କାହାଣୀ କହିଚାଲିଛି । ମୁଁ ଯେମିତି ଜୀବନ ଭୋଗିଛି ଠିକ ସେମିତି ଲେଖକକୁ ଶୁଣାଇଛି । ତାକୁ ଆପଣଙ୍କ ସମ୍ମୁଖରେ କିଭଳି ପରଷିବ ତାହା ତ ଲେଖକର ଦାୟିତ୍ୱ । ସେ କେଉଁ କଥା କହିବ, କେଉଁ କଥା ଉହ୍ୟ ରଖି ଆପଣଙ୍କ ଉତ୍କଣ୍ଠା ବଢାଇବ ସେ ନିଷ୍ପତି ତ ଲେଖକର । ଆପଣ ମୋ କାହାଣୀକୁ ପଢିବେ ବା ଆଡେଇ ଦେଇ ଚାଲିଯିବେ, ସେ ନିଷ୍ପତି ଆପଣଙ୍କର" ।[୮] ସ୍ରଷ୍ଟା ନିଜ ସୃଷ୍ଟିକୁ ନିଜ କଳ୍ପନା ବଳରେ ସରସ ସୁନ୍ଦର କରି ଗଢି ତୋଳେ । ସେଇଠି ସ୍ରଷ୍ଟାର ସମ୍ପୂର୍ଣ୍ଣ ସ୍ୱାଧୀନ ଥାଏ । ତେଣୁ ଏଠାରେ ଗ୍ରହଣ କରିନେବାକୁ ପାଠକ ବ୍ଯ୍ମ ହୁଏ ଯେ କାହାଣୀ ବର୍ଣ୍ଣନାକାରୀ ଓ ଉପନ୍ୟାସର ସ୍ରଷ୍ଟା ସମ୍ପୂର୍ଣ୍ଣ ରୂପେ ଭିନ୍ନ । ତେଣୁ ଲେଖକ କେଉଁ କ୍ରମରେ, କେଉଁ ଗଠନ ଉପାଦାନଗୁଡିକ ନେଇ ଉପନ୍ୟାସକୁ ଶୃଙ୍ଖଳ କରି ଆକର୍ଷଣୀୟ କରିବ ତାହା ନିଜ ଉପରେ ନ୍ୟସ୍ତ ଥାଏ । କିନ୍ତୁ ପ୍ରକୃତରେ ଉପନ୍ୟାସର ଉପସ୍ଥାପନା ନିମନ୍ତେ ଚରିତ୍ରର ବର୍ଣ୍ଣନାକାରୀ ଭାବେ ପରିବେଷଣ ହେବା ଆତ୍ମ-ସଚେତନ ବର୍ଣ୍ଣନା ଶୈଳୀର ଏକ ମାଧ୍ୟମ ଭାବେ ବିଚାର କରିବାକୁ ହେବ । ଏଠି ଲେଖକ ସଚେତନ ଭାବେ ଏ ପ୍ରକାର ଶୈଳୀର ପରୀକ୍ଷା କରିଛନ୍ତି । ଉପନ୍ୟାସର ପାରମ୍ପରିକ ବିଚ୍ୟୁତି ଘଟି ଦୋଷଯୁକ୍ତ ହେଲେ ତାହା ବର୍ଣ୍ଣନାକାରୀର ପରିବେଷଣ ଉପରେ ନିର୍ଭର ହେଉଥିବା ବେଳେ ଆନନ୍ଦ ଓ ଉତ୍କଣ୍ଠାପୂର୍ଣ୍ଣ ହେଲେ ଲେଖକଙ୍କ କଳାପୂର୍ଣ୍ଣ ଚାତୁରୀ ବୋଲି ବୁଝାଯିବ । ଔପନ୍ୟାସିକଙ୍କ କାଳଗତ କୌଶଳ ପାଠକଙ୍କ ମାନସ ମନ୍ଥନ କ୍ଷେତ୍ରରେ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରୁଛି ।

କାହାଣୀର ଆରମ୍ଭ ଓ ବିକାଶ ଯେକୌଣସି ରକମର ହେଲେ ଚଳିଯିବ । କିନ୍ତୁ ସାମ୍ପ୍ରତିକ ସମୟର ରଚନାରେ ପରିଣତି ସବୁବେଳେ ଆଚମ୍ବିତ, ଅକସ୍ମାକ, ଅସମ୍ପୂର୍ଣ୍ଣ ବା ଅଭାବପୂର୍ଣ୍ଣ ହୁଏ । ସେ ଅଭାବ ପାଠକର ମାନସକୁ ରୋମନ୍ଥନ କରି ମନରେ ଦ୍ୱନ୍ଦ୍ୱ, ଉତ୍କଣ୍ଠାକୁ ଉଦଜୀବିତ କରେ ଓ ଜନ୍ମ ଦିଏ ପୁଣି ଏକ ନୂଆ କାହାଣୀ । ଏହି ଉପନ୍ୟାସରେ ମଧ୍ୟ ଚରିତ୍ର କାହାଣୀର ପରିଣତି ବା ଉପସଂହାର ରୋମାଞ୍ଚକର ହୋଇନପାରିବା ପ୍ରସଙ୍ଗ ବାରମ୍ବାର ଉଠାଉଥିଲେ ମଧ୍ୟ ସେଥିରୁ ବଞ୍ଚିତ ହୋଇନାହିଁ । ଯେଉଁଭଳି ପରିଣତି ଚରିତ୍ର ନିଜ ବର୍ଣ୍ଣଥିବା କାହାଣୀ ମଧ୍ୟରେ ଚାହୁଁଥିଲା ତାହା ପାଠକ ସେଠାରେ ଖୋଜି ହେଉଥିବା ବେଳେ ଲେଖକ ଚରିତ୍ରକୁ ଗୋଟେ ସରପ୍ରାଇଜ୍ ଦେବା କଥାର ଉଲ୍ଲେଖ କରିଛନ୍ତି । ସେ ସରପ୍ରାଇଜ୍ କ'ଣ ହୋଇପାରେ ତାହା ଚରିତ୍ରଟି ଭାବି ହେବା

ଭିତରେ ପାଠକ ମନରେ ମଧ୍ଯ ସେହି ସମାନ ପ୍ରକାର ପରିସ୍ଥିତି ଦେଖାଦିଏ । ଚରିତ୍ରଟି ବିନୋଦ ସହ ମିଳନ ହେବାର ଆକାଂକ୍ଷା ପାଠକ ମନରେ ସୃଷ୍ଟି କରେ ଉତ୍କଣ୍ଠା । ଏତିକି ସମୟରେ ଲେଖକ ନିଜ ପରିବାରକୁ ପରିଚୟ କରାଏ ଚରିତ୍ର ସହ । ଏ କ୍ଷେତ୍ରରେ ପାଠକ ଓ ଚରିତ୍ର ମନରେ ଥିବା ଉତ୍କଣ୍ଠାର ମାତ୍ରା କମି ଆସୁଥିବାବେଳେ ଉଭା ହୁଏ ତାର 'ବୋଉ' । ଯିଏ ତାକୁ ସବୁ ବିପଦରୁ ରକ୍ଷା କରିଆସିଥିଲା । ସମାଜ ଓ ପରିବାରର ନାନା ନିନ୍ଦା ଅପବାଦରୁ ସୁରକ୍ଷା ଦେଇ ଆସୁଥିଲା । ଏଠାରେ ଚରିତ୍ରର କାହାଣୀ ମୂଳରେ ଥିବା ଗୋଟେ ଚରିତ୍ର (ବୋଉ)କୁ ଲେଖକ ପ୍ରତ୍ୟକ୍ଷ ଭାବେ ବାସ୍ତବ ଜଗତକୁ ଆଣିବା ପାଠକ ମନରେ ଥିବା କାଳ୍ପନିକତାକୁ ନଷ୍ଟ କରିଦିଏ । ପାଠକକୁ ପ୍ରକୃତରେ କାହାଣୀର ବାସ୍ତବତା ରହିଛି ବୋଲି ପ୍ରତୀତ ହୋଇ ବସେ । ଉପନ୍ୟାସର ଶେଷକୁ ଲୋକକାହାଣୀ ଢାଞ୍ଚାରେ ଚରିତ୍ରଟି କହୁଛି, 'ମୋ କଥାଟି ସାରିଲା', ଲେଖକ କହୁଛି 'କିନ୍ତୁ ଫୁଲ ଗଛ ମରିନାହିଁ ଏଯାଏଁ' । ଏକବିଂଶ ଶତାବ୍ଦୀର କଥା ସାହିତ୍ୟ କ୍ଷେତ୍ରରେ କାହାଣୀର ଉପସଂହାର ନାହିଁ ବରଂ ସେଠାରୁ ଆଉ ଏକ କାହାଣୀଟିଏ ଜନ୍ମ ନେବାର ପ୍ରତୀତ ଆସେ । ତେଣୁ ଚରିତ୍ର କହୁଛି, "ପାର୍କର ବେଞ୍ଚ ଉପରେ ପୁଣି ନୂଆ କାହାଣୀଟିଏ ଦାନା ବାନ୍ଧିବା ଆରମ୍ଭ କଲା" ।[୯]

'ଇତର' ଉପନ୍ୟାସ ତୃତୀୟ ଲିଙ୍ଗୀକୁ ମୁଖ୍ୟ ଚରିତ୍ର ଭାବେ ଗ୍ରହଣ କରି ରଚିତ ହୋଇଥିବା ପ୍ରଥମ ଉପନ୍ୟାସ ବୋଲି ଅନୁମାନ ହୁଏ । ଏହି ଉପନ୍ୟାସରେ କିନ୍ନରମାନଙ୍କ ଅସ୍ତିତ୍ୱ ସମ୍ପର୍କରେ କେବଳ ବର୍ଣ୍ଣନା ହୋଇନାହିଁ; ବରଂ ସେମାନଙ୍କ ଅବସ୍ଥା ଓ ପରିସ୍ଥିତି ସମ୍ପର୍କରେ ମଧ୍ୟ ନାନା ଘଟଣା ଦେଇ ଉଲ୍ଲେଖ ରହିଛି । ପ୍ରକୃତରେ ଗୋବିନ୍ଦ ଚରିତ୍ର ଦେଇ ସେମାନଙ୍କ ସଂଘର୍ଷମୟ କାହାଣୀ, ସେମାନଙ୍କ ସମ୍ମାନ, ସେମାନଙ୍କ ସ୍ୱାଭିମାନ, ସେମାନଙ୍କ ସ୍ୱାଧୀନ, ସେମାନଙ୍କ ସ୍ୱାତନ୍ତ୍ର୍ୟ ପାଇଁ ସ୍ୱର ଉତ୍ତୋଳନ କରାଯାଇଛି । ସମାଜରେ ସମସ୍ତେ ପାଉଥିବା ସୁବିଧା ଓ ନ୍ୟାୟ ସେମାନଙ୍କୁ ମଧ୍ୟ ମିଳୁ ତାହା କାହାଣୀ ମଧ୍ୟରେ ଦୃଷ୍ଟି ଆକର୍ଷଣ କରାଯାଇଛି ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗ ଉତ୍ଥାପନ କରି । ପୁଣି ଏଭଳି ଏକ ବୈଚିତ୍ର୍ୟପୂର୍ଣ୍ଣ କାହାଣୀକୁ ସାଧାରଣ ପାରମ୍ପରିକ ଶୈଳୀରେ ଉପସ୍ଥାପନା କରାନଯାଇ ଅଣପାରମ୍ପରିକ ଶୈଳୀକୁ ଆପଣେଇ ନିଆଯାଇଛି । ଯେଉଁଠି କାହାଣୀର ବୈଚିତ୍ର୍ୟତା ସଫଳ ଭାବେ ବୈଚିତ୍ର୍ୟପୂର୍ଣ୍ଣ ଆତ୍ମ-ସଚେତନ ଶୈଳୀରେ ପରୀକ୍ଷାଧର୍ମୀ ଭାବେ ଉପସ୍ଥାପିତ ହୋଇପାରିଛି ।

ପ୍ରାନ୍ତଟିକା:

୧. Landa, Gracia, Jose Angela, Notes on Metafiction, University of Zargoza, 2014, page no.2

୨. ପଣ୍ଡା, ଶୁଭ୍ରାଂଶୁ, ଇତର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ପେନ୍ ଇନ୍ ବୁକ୍ସ, ପ୍ରଥମ ପ୍ରକାଶ-୨୦୨୧, ପୃଷ୍ଠା-୪

୩. ପଣ୍ଡା, ଶୁଭ୍ରାଂଶୁ, ଇତର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ପେନ୍ ଇନବୁକ୍ସ, ପ୍ରଥମ ପ୍ରକାଶ-୨୦୨୧, ପୃଷ୍ଠା-୧୦

୪. ପଣ୍ଡା, ଶୁଭ୍ରାଂଶୁ, ଇତର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ପେନ୍ ଇନ୍ ବୁକ୍ସ, ପ୍ରଥମ ପ୍ରକାଶ-୨୦୨୧, ପୃଷ୍ଠା-୧୨

୫. Landa, Gracia, Jose Angela, Notes on Metafiction, University of Zargoza, 2014, page no.2

୬. ପଣ୍ଡା, ଶୁଭ୍ରାଂଶୁ, ଇତର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ପେନ୍ ଇନ୍ ବୁକ୍ସ, ପ୍ରଥମ ପ୍ରକାଶ-୨୦୨୧, ପୃଷ୍ଠା-୭୯-୮୦

୭. ପଣ୍ଡା, ଶୁଭ୍ରାଂଶୁ, ଇତର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ପେନ୍ ଇନ୍ ବୁକ୍ସ, ପ୍ରଥମ ପ୍ରକାଶ-୨୦୨୧, ପୃଷ୍ଠା-୭୮-୭୯

୮. ପଣ୍ଡା, ଶୁଭ୍ରାଂଶୁ, ଇତର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ପେନ୍ ଇନ୍ ବୁକ୍ସ, ପ୍ରଥମ ପ୍ରକାଶ-୨୦୨୧, ପୃଷ୍ଠା-୬୯

୯. ପଣ୍ଡା, ଶୁଭ୍ରାଂଶୁ, ଇତର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ପେନ୍ ଇନ୍ ବୁକ୍ସ, ପ୍ରଥମ ପ୍ରକାଶ-୨୦୨୧, ପୃଷ୍ଠା-୧୪୬

ଓଡ଼ିଆ ଅଧ୍ୟାପକ
ବେଳାଭୂମି ମହାବିଦ୍ୟାଳୟ, ଅଭଣା,
ବାଲେଶ୍ୱର-୭୫୬୦୫୧
ଦୂରଭାଷ : ୯୯୩୮୧୧୭୫୪୦

ISSN -2583-147X (P), **Vol.- 10, Issue No.II, May 2024**
Bastabatara Pariprakash Prachee
Peer Reviewed and Referred Research Journal

ଉତ୍ତର ଅଶୀ ଓଡ଼ିଆ କବିତାରେ ଜଗତୀକରଣ ପ୍ରଭାବ

ମନୋଜ କୁମାର ବେହେରା

ଓଡ଼ିଆ କବିତା କ୍ଷେତ୍ରରେ ଜଗତୀକରଣ ପ୍ରସଙ୍ଗ ଏକ ନୂଆ କାବ୍ୟଛାଂଚ ଭାବରେ ପ୍ରାସଙ୍ଗିକତା ମନେହୁଏ । ଅଦ୍ୟାବଧି ଏ ସଂପର୍କିତ ଅଳ୍ପ କେତୋଟି ପ୍ରବନ୍ଧ ମାତ୍ର ପ୍ରକାଶିତ ହୋଇଅଛି । ସଂପୂର୍ଣ୍ଣ ନୂଆ ଏକ ଭାବଧାରା-ପରିବେଷ୍ଟନୀରେ ଓଡ଼ିଆ ଆଧୁନିକ ପ୍ରସଙ୍ଗ କ୍ରମେ ଏହି ଜଗତୀକରଣୀୟ ଭାବଧାରାଟି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ସାଂପ୍ରତିକ ବିଶ୍ୱ ଅର୍ଥନୀତିରେ ସୁଧାର ଯଥା, ଘରୋଇକରଣ, ଉଦାରୀକରଣ, ଜଗତୀକରଣ ପରି ଅର୍ଥନୈତିକ ନୂଆ ନୀତି ଆମ ସମାଜ ଉପରେ ଖୁବ ପ୍ରଭାବ ପକେଇଛି । ଗାନ୍ଧୀବାଦ ପ୍ରବକ୍ତା ମନମୋହନ ଚୌଧୁରୀ ଏବଂ ସମାଜବାଦୀ ନେତା ପ୍ରମୁଖ ଏହାକୁ ନବସାଧବମାନଙ୍କ ଉଦାର ଅର୍ଥନୀତି କହି ଏହା ସ୍ୱୀକାର କରନ୍ତି ଯେ, ଏହା ତୃତୀୟ ବିଶ୍ୱର ଜନଗଣର ରକ୍ତ ଶୋଷଣ ପାଇଁ ଏକ ଯୋଜନାବଦ୍ଧ ଉଦ୍ୟମ । ଉତ୍ତର ଆଧୁନିକତାବାଦୀ ଫୁକୋ ମଧ୍ୟ ସ୍ୱୀକାର କରନ୍ତି ଯେ "କ୍ଷମତା ଓ ଜ୍ଞାନ ବଳରେ ଏକ ପରାକ୍ରମଶାଳୀ ସଂସ୍କୃତିର ଦୁର୍ବଳ ମାନଙ୍କର ଗ୍ରାସୀକରଣ ମାନସିକାତା ହେଉଛି ଜଗତୀକରଣ ।"

ଉକ୍ତ ପ୍ରତିକ୍ରିୟାର ସ୍ୱରୂପ ଭାବରେ ଆମ କାବ୍ୟ ସ୍ରଷ୍ଟାମାନେ କବିତା କ୍ଷେତ୍ରରେ ବିଦ୍ରୋହ ସୃଷ୍ଟି କରିଛନ୍ତି । ଏ ବିଦ୍ରୋହ କେତେବେଳେ ନିଜର ଭିଟାମାଟି ପାଇଁ ତ ଆଉ କେତେବେଳେ ଦଳିତମାନଙ୍କ ପାଇଁ । ପୁଣି କେତେବେଳେ ଜଳ-ଜଙ୍ଗଲ-ଖଣିଖାଦାନ ପାଇଁ ତ ପୁଣି କେତେବେଳେ ସହରୀକରଣ ଭିତରେ ହଜି ଯାଉଥିବା ପଲ୍ଲୀସଂସ୍କୃତିର ଅସ୍ତିତ୍ୱ ପାଇଁ । ଏପରି ବିଶିଷ୍ଟ ଭାବନାକୁ କେତେକ କବି ନିଜ କଲମମୁନରେ ସ୍ଥାନ ଦେଇଛନ୍ତି । ଜଗତୀକରଣୀୟ ଭାବସତ୍ତାକୁ ଯେଉଁମାନେ ନିଜର କାବ୍ୟ ପରିଧି ମଧ୍ୟରେ ଗଢି ତୋଳିଛନ୍ତି ସେମାନଙ୍କ ମଧ୍ୟରେ ପ୍ରସନ୍ନ ମିଶ୍ର, ଆଶୁତୋଷ ପରିଡ଼ା , ମନୋରମା ବିଶ୍ୱାଳମହାପାତ୍ର, ବୈକୁଂଠନାଥ ସାହୁ, ମନୋଜ କୁମାର ପଣ୍ଡା, ଶତ୍ରୁଘ୍ନ ପାଣ୍ଡବ, ହୃଷୀକେଶ ମଲ୍ଲିକ୍, ହୃଦାନନ୍ଦ ପାଣିଗ୍ରାହୀ, ପ୍ରସନ୍ନ କୁମାର ମହାନ୍ତି, ରମେଶ ପ୍ରତାପ, ପିତାମ୍ବର ତରାଇ, ଅରୂପାନନ୍ଦ ପାଣିଗ୍ରାହୀ, ଅଭୟ ନାୟକ, ସୁଚେତା ମିଶ୍ର, ଦିଲ୍ଲୀପ କୁମାର ସ୍ୱାଇଁ, ଭାରତ ମାଝୀ, ବାସୁଦେବ ସୁନାନୀ, ଭଗବାନ ଜୟସିଂ ଆଦିଙ୍କୁ ସ୍ମରଣ କରାଯାଇପାରେ । ବିଶିଷ୍ଟ କବି ସମାଲୋଚକ କୁମୁଦ ଚନ୍ଦ୍ର ଦାଶ ସ୍ୱୀକାର କରିଛନ୍ତି ଯେ ଏହି ଜଗତୀକରଣୀୟ କବିତାର ଧାରା ଏକବିଂଶ ଶତାବ୍ଦୀର ବିଚାରା ଏଇ ଶତାବ୍ଦୀରେ ହିଁ କବିମାନେ ଏହି ପୃଷ୍ଠଭୂମିକୁ ଆଧାର କରି ସଚେତନ କାବ୍ୟପ୍ରସ୍ତ ନିର୍ମାଣ କଲେ ।

ବିଂଶ ଶତାବ୍ଦୀର ଆରମ୍ଭରୁ ଠିକ୍ ଦୁଇ ଦଶନ୍ଧି ପୂର୍ବବର୍ତ୍ତୀ ସମୟ, ଅର୍ଥାତ୍ ୧୯୮୦ ପରବର୍ତ୍ତୀ ସମୟ, ଓଡ଼ିଆକାବ୍ୟ ନିର୍ମାଣର ଏକ ଭିନ୍ନ ପଦଯାତ୍ରା ତଥା ଘଡ଼ିସନ୍ଧି ମୁହୂର୍ତ୍ତ । ଏଇ ପୃଷ୍ଠଭୂମିରେ ମଣିଷ ହରେଇଥିବା ଅତୀତକୁ ଖୋଜିଲା, ହଜିଯାଇଥିବା ଗ୍ରାମ୍ୟଜୀବନ ତଥା ସଂସ୍କୃତିକୁ ଖୋଜିଲା । ଜୀବନର ନୂଆ ଏକ ମୂଲ୍ୟବୋଧ ସଂପର୍କରେ ଅବଗତ ହେଲା । ବିଶ୍ୱକୁ ଭିନ୍ନ ଏକ ଦୃଷ୍ଟି ନେଇ ପରୀକ୍ଷା କଲା । କବିତାର ଭାଷା ହେଲା ସରଳ, ନିରାଡ଼ମ୍ବର ଭାଷାଶୈଳୀ ଖୁବ୍ ଭାବବ୍ୟଞ୍ଜକ । ସାଧାରଣ ଜନତାଠାରୁ ଆରମ୍ଭ କରି ଦୂର ବିଦେଶରେ ବାସକରୁଥିବା ପ୍ରବାସୀ ଓଡ଼ିଆ ପର୍ଯ୍ୟନ୍ତ ସମସ୍ତେ କାବ୍ୟଚେତନାର ଭାବ ଆଉ ଶୈଳୀକୁ ବୁଝିବାରେ ସକ୍ଷମ ହେଲା । ସମାଜର ଦର୍ପଣ ସଦୃଶ ଘଟିଯାଉଥିବା ଘଟଣାକୁ କାବ୍ୟରୂପ ପ୍ରଦାନ କରି କବିତା କ୍ଷେତ୍ରରେ କ୍ଷୋଭ ପ୍ରକାଶ କଲେ । ଜାଗତିକ ଦୃଷ୍ଟିବଳୟରୁ ପୃଥକ ହୋଇଯାଉଥିବା ମଣିଷକୁ ନୂଆ ପୃଥିବୀ ନୁହେଁ, ସେଇ ଧୂସର ପୃଥିବୀର ମହତ୍ୱ ବୁଝାଇ ଦେଲେ ।

ବିଶେଷତଃ ଏହି ସମୟର କବିତାକୁ କେତେକ ଭାଗରେ ଦର୍ଶାଇ ଆଲୋଚନା କଲେ ଅଧିକ ପ୍ରାସଙ୍ଗିକ ମନେହେବ ବୋଲି ଭାବୁଛୁ ।

ସାଂସ୍କୃତିକ ବିବିଧତା ପ୍ରସଙ୍ଗ :

"A nation's culture resides in the hearts and in the soul of its people."

ଏଥିରୁ ସ୍ପଷ୍ଟ ଅନୁମେୟ କରି ହୁଏ ଯେ ଗୋଟିଏ ସଂସ୍କୃତି ପାଇଁ ଆମ ମାନଙ୍କ ଭୂମିକା କେତେ ମହାନ । ଗାନ୍ଧୀ, ଏହା ଭଗବତ୍‌ବୋଧ ଦୃଷ୍ଟିରୁ କହିଥିଲେ । ଆଜିର ଅବକ୍ଷୟମୁଖୀ ମନୁଷ୍ୟ ସାଂସ୍କୃତିକ ବିବିଧତା ଆଣିବା କ୍ଷେତ୍ରରେ ବେଶ୍ ପ୍ରଯତ୍ନଶୀଳ । ଭାରତୀୟ ସଂସ୍କୃତିମୂଳତଃ ମିଶ୍ରସଂସ୍କୃତି । ଏଠାରେ ସବୁ ଧର୍ମକୁ ଗୁରୁତ୍ୱ ଦେବା ସହ ସବୁ ସଂସ୍କୃତିକୁ ପ୍ରାଧାନ୍ୟ ଦିଏ । ମୂଳତଃ ପଶ୍ଚିମୀ ସଂସ୍କୃତି, ଯେଉଁଥିରେ ଅପସଂସ୍କୃତିର ମିଶ୍ରଣ ବେଶ୍ ପ୍ରଭାବଶାଳୀ, ଏହା ଆମ ଭାରତୀୟ ସଂସ୍କୃତି ବିରୋଧୀ । ଉପଭୋକ୍ତାବାଦୀ ସଂସ୍କୃତି ଆଡ଼କୁ ଧ୍ୟାନ ଦେଲେ ଏ ସଂପର୍କରେ ଆମେ ସବୁ ଭଲ ଭାବେ ବୁଝିପାରିବା । ଭାଏଗ୍ରା, ସାଣ୍ଡାତେଲ, ବି-୩୬, ଲିଂଗବର୍ଦ୍ଧକ ଯନ୍ତ୍ର, ତୁରନ୍ତ ଗର୍ଭନିରୋଧକ ପିଲ୍, ସ୍ପା, କୁମାରୀମାତୃତ୍ୱ, ଫ୍ରେଣ୍ଡସିପ ନେଟୱର୍କ ଏକତ୍ର ସହାବସ୍ଥାନ ଆଦି ଏହାର ସ୍ଥୁଳ ଉଦାହରଣ ।

ଅବକ୍ଷୟମାଣ ଆମ ସଂସ୍କୃତି, ଆଜି ଅନ୍ଧାରୀମୁଳକରେ ଗତିମାନ, ଇଂଟରନେଟର ବହୁଳ ବ୍ୟବହାର ତଥା ସ୍ୱଳ୍ପ ରାଶିରେ ଉପଲବ୍ଧ ଇଂଟରନେଟ ସେବା ଆଜିର ଯୁବପୀଢ଼ି ତଥା ପିଲାମାନଙ୍କ ଉପରେ ବିଶେଷ ପ୍ରଭାବ ପାଇଛି । ଏହାର ସୁଲଭ ଉପଯୋଗ ଚେତନା ଭିତରେ ଅଶ୍ଳୀଳତାର ପ୍ରବେଶ କରିବା ସହ ସାଇବରକ୍ରାଇମର ଶିକାର ହେଉଛନ୍ତି । ଏହି ଜଗତୀକରଣର ପ୍ରଭାବକୁ ଆଖି ଆଗରେ ରଖି କବି ବିରଜା ବଳ ତାଙ୍କ 'ଜଗତୀକରଣର ଗାଁ' କବିତାରେ ପଲ୍ଲୀଜୀବନର ଉତ୍କଟ ଚିତ୍ର ଅଙ୍କନ କରିଛନ୍ତି ।

"ଜୀବନକୁ ସଂପୂର୍ଣ୍ଣ ପ୍ରଭାବିତ କରି ରଖିଥିବା
ବିଜ୍ଞାନର ଦୀର୍ଘସୂତ୍ରୀ ସ୍ନେହଶୀଳ ଡୋର
'ଜଗତୀକରଣର'
ସାପ ପରି ଗୁଡ଼େଇ ହୁଏ ବେକରେ
ଛାତିରେ ଲାଉଡ଼ଙ୍କ ପରି ମାଡ଼େ
କମ୍ପାନୀମାନଙ୍କର ଭାଇଚାରା ।

x x x

ଆମ ପାଣିରେ ମାରାତ୍ମକ ଜୀବଣୁ
ପବନରେ ବିପଦ ଜନକ ଭୂତାଣୁ
ସେ ଦେଶରେ ପାଣି ବୋତଲରେ ବିକ୍ରି ହୁଏ
ଆମ ସୁଲଭ ବଜାରରେ
ଏହାପରେ ପଲି ପ୍ୟାକରେ ବିକ୍ରି ହେବା ପାଇଁ
ଆସିବ ପବନ
ନିରୋଗ ହେବ ଦେହ ଆମର
ଛାତି ହେବ ପଥର ପରି ଟାଣ ।"

ଏଠାରେ କବି ଉପନିବେଶବାଦୀ ସଂସ୍କୃତିର ଗୃଧ୍ର ଜାଲ ସଂପର୍କରେ ଉଲ୍ଲେଖ କରିଛନ୍ତି । ଆମ ପଲ୍ଲୀସଂସ୍କୃତି ଦୁର୍ବଳ କରି ଜରି ପ୍ୟାକେଟ ସଂସ୍କୃତିକୁ ସୁସ୍ଥ ସଂସ୍କୃତି ଭାବେ ବିବେଚନା କରୁଛି । କଳକାରଖାନା ବସାଇ ପ୍ରଦୂଷଣ ପ୍ରସଙ୍ଗକୁ ଗୁରୁତ୍ୱ ନଦେଇ ଆମ ସୁସ୍ଥ ପରିବେଶ ସହ ପଶା ଖେଳୁଛନ୍ତି । ପୀତାମ୍ବର ତରାଇ 'ଉତ୍ତର ଆଧୁନିକ' କବିତାରେ ଜଗତୀକରଣର ତଥା ଉଦାରୀକରଣର ଉତ୍କଟ ରୂପକୁ ଅନ୍ୱେଷଣ କରିଛନ୍ତି ।

"ଏବେ ମୁଁ ଯେଉଁଠି ଅଛି, ଏଠି ଦାବି ଉଠିଲାଣି
ମନ୍ଦିରରୁ ଉଠିଯାଉ ଗ୍ରାମଦେବତୀ
ଭିତରେ ପୂଜା ପାଉ ମାଧୁରୀ ଦୀକ୍ଷିତ
ଏବେ ମୁଁ ଯେଉଁଠି ଅଛି, ଏଠି ରାଜପୁତ୍ର ବେଶରେ ଜଣେ
ହୋସ ବିହୀନ ବରଯାତ୍ରୀ ଦଳ
ଫେସନ୍ ସୋ'ରେ ଭାଗନେବ ଜିଦ୍ ଧରିଛି ଝିଅ
ବେକାରୀ ପୁଅ ବି.ଏସ୍.ପି.ରେ ଯୋଗଦେବ
ଦଳିତଙ୍କ ନେତା ହେବ
ଚୁମା, ଚମ୍ପାଫୁଲ, ଚେନାଚୁର, ଶସ୍ତାରେ ମିଳୁଛି ବୋଲି
ଛାତ ଉପରେ ଥାଇ ଉଦାରୀକରଣ ପୃଥିବୀରେ
ପରବାୟ ନାହିଁ, ମୋବାଇଲ ଫୋନ୍ ଧରି
କେଉଁ ଲଳନା ସହକଥା ହେଉଛି ସାନପୁଅ" ।

ସାଂସ୍କୃତିକ ବିଘଟନର ଚିତ୍ର ଏଠାରେ ସ୍ପଷ୍ଟ । ଯାହା ଆମ ସମାଜ ପାଇଁ ଶୁଭଦାୟକ ନୁହେଁ । ଏହାଦ୍ୱାରା ଅପସଂସ୍କୃତିର ପ୍ରସାରଣ ଘଟୁଛି । ଏଠାରେ ଡକ୍ଟର ଗୌରାଙ୍ଗ ଚରଣ ଦାଶଙ୍କ ଉକ୍ତିକୁ ସ୍ୱୀକାର କରି ତାଙ୍କ ସହ ଏକମତ ହେବାକୁ ହୁଏ । "ଅବଶ୍ୟ ଏହା

ଆମେ ଭୁଲିଯିବା ଉଚିତ୍ ନୁହେଁ ଯେ, ପୃଥିବୀର କୌଣସି ଜାତି, ସଂପ୍ରଦାୟ, ଗୋଷ୍ଠୀର ସଂସ୍କୃତି ମୌଳିକ ନୁହେଁ, ତାହା ସଂକର ହେବାପାଇଁ ବାଧ୍ୟ । ମାତ୍ର ଏକ ସଂସ୍କୃତିର ସଂକରାୟନର ଅର୍ଥ ଏହାର ସଂପୂର୍ଣ୍ଣ ବିଲୁପ୍ତିକରଣ ଅଥବା ବିବର୍ତ୍ତନ ନୁହେଁ ଏହା ଏକ ପ୍ରକାର ସମନ୍ୱୟ ।" ତଥାପି ମାନବୀୟ ମୂଲ୍ୟବୋଧ ତଥା ସଂସ୍କୃତିର ଉତ୍ତର ଦାୟିତ୍ୱ ସଂରକ୍ଷଣ ଆମର କର୍ତ୍ତବ୍ୟ ।

ଏଠାରେ ଶ୍ରୀଦେବଙ୍କ 'ମଲାଲୋକ' କବିତା ଏବଂ ସୁଚେତା ମିଶ୍ରଙ୍କ 'ଅନ୍ତତଃ ଏ ପୃଥିବୀ ଲାଗି' କବିତା ଦୁଇଟିର ଅବକ୍ଷୟମାଣ ପଲ୍ଲୀ ସଂସ୍କୃତିର ଦାରୁଣ ଚିତ୍ରର ଉଦାହରଣ ଦେଇ ସାଂସ୍କୃତିକ ବିବିଧତା ଆଲୋଚନାର ଶେଷ ପର୍ଯ୍ୟାୟକୁ ଆସିବା ।

"ଆମ ଗାଆଁରେ ୧୦ଦିଶକର୍ମରେ ଜଣେହେଲେ
କେହି ନାହାନ୍ତି ନାପିତ
ଦରକାରରେ ପଞ୍ଝା ବିଂଚିଥିବା ଲୋକଟି
ଆସୁନି, ଠିଆହୋଇଛି ବାଡ଼ ସେପଟରେ
ରାଆ ଦବ କିଏ ଉତ୍ତରପୁରୁଷ ?"(୬)
କିମ୍ବା
"ସେମାନଙ୍କର ପୋଷାକ ପରିଚ୍ଛେଦ
ବାସନକୁସନ, ମାଳକାଠି ମୁକୁଟ
ଢୋଲ ମାଦଳ
ସେମାନଙ୍କର ଲିପିଭାଷା
ତାଙ୍କର ଗୀତିକବିତା
ତମେ ସାଇତି ରଖିଚ ସଂଗ୍ରାଳୟରେ
ସେମାନେ ଗଲେ କୁଆଡ଼େ ?"

ପ୍ରଥମ ପଂକ୍ତିଟିରେ ଆଉ ଆଗଭଳି ପଲ୍ଲୀ ସଂସ୍କୃତିର ରୂପ ନାହିଁ ଅର୍ଥାତ ସହରୀ ସଭ୍ୟତା ଭିତରେ ସେମାନେ ସବୁ ପଶ୍ଚିମୀ ପ୍ରବାହରେ ପ୍ରବହମାନ । ମାନବିକତା ପ୍ରାୟଶୂନ୍ୟ । ତଥାପି ତା'ଭିତରେ ଗୋଟିଏ ଜୀବନ ପ୍ରବାହ ଚାଲିଛି । ଦ୍ୱିତୀୟ କବିତାଟିରେ ଆଦିବାସୀ ସଂସ୍କୃତିର ବିଲୁପ୍ତ ଇତିହାସ କଥା କୁହାଯାଇଛି । ସେମାନେ ଯେ ବିସ୍ଥାପିତ ହୋଇ ନିଜ ସଂସ୍କୃତିକୁ ଆଉ ନିଜକୁ ହଜାଇ ଦେଇ ଏବେ କେବଳ ସହରୀ ଜୀବନ ତଥା ଆଧୁନିକ ଜୀବନ ଜୀଉଁଛନ୍ତି । କେବଳ ସଂଗ୍ରାହଳୟ ଭିତରେ ସେମାନେ ବଂଚି ରହିଛନ୍ତି, ଏକମାତ୍ର ସଂକେତ ଆମ ସରକାର ତାଙ୍କ ଉଦ୍ଦେଶ୍ୟରେ ଛାପ ରଖିଛନ୍ତି ।

ଆଂଚଳିକତା ତଥା ମାଟି ମୋହ ପ୍ରସଙ୍ଗ

ଆର୍.ଏ.ଗୋହାର ଶାହି କହିଛନ୍ତି- "In every country, every city,every vicinity, every locality , every home, there are loving soals." ଏଥିରୁ ସ୍ପଷ୍ଟ ଅନୁମେୟ କରିହୁଏ ଯେ ଆଂଚଳିକତା ତଥା ନିଜ ମାଟି ହିଁ ବାସସ୍ଥଳର ପ୍ରକୃତ ଆତ୍ମା । ଏହି ପ୍ରସଙ୍ଗାନୁକ୍ରମେ ଆଜିର ବିଦେଶୀ ସଭ୍ୟତାର ଚିନ୍ତାଚେତନାରେ ବଂଚିଲେ ମଧ୍ୟ ଝୁଂଟି ପଡ଼ିଲେ ମାଆଲୋ ବୋଲି ତା ପାଟିରୁ ବାହାରି ଆସେ । ଏଥିରୁ ତା ସଂସ୍କୃତି ତଥା ଆଂଚଳିକତା ସଂପର୍କରେ ସ୍ୱତଃ ପ୍ରମାଣ ଆସିଯାଏ । ଆଜିର ମନୁଷ୍ୟ ଯଥେଷ୍ଟ କୁଶଳୀ, ଉଭୟ ଜ୍ଞାନ ଏବଂ ପ୍ରାୟୋଗିକ ପ୍ରଯୁକ୍ତି ବିଦ୍ୟାକ୍ଷେତ୍ରରେ । ସୁଦୂର ଆମେରିକା, ଫ୍ରାନ୍ସ, ଜାପାନ, ପ୍ୟାରିସ, ବର୍ଲିନ୍, ଇତ୍ୟାଦି ସହରକୁ ଯାତ୍ରାକରି ନିଜ ଅସୀମ ଜ୍ଞାନର ପରିଚୟ ଦେଇଛନ୍ତି । ତଥାପି ଭୁଲି ନାହିଁ ନିଜ ଭିଟାମାଟି ଜନ୍ମମାଟି । କବିତା କ୍ଷେତ୍ରରେ ଏହାର ପ୍ରକାଶ ରାଧାନାଥ-ନନ୍ଦକିଶୋର-ଗୋପବନ୍ଧୁ-ସଚ୍ଚି ରାଉତରାୟ-ସୀତାକନ୍ତ-ରମାକାନ୍ତ-ରାଜେନ୍ଦ୍ର କିଶୋରଙ୍କ ପରି ପ୍ରମୁଖ କବିମାନେ ଏକାନ୍ତ ନିଜ ପାଣ୍ଡିତ୍ୟ ଓ ପ୍ରତିଭା ବଳରେ ରୂପଦେଇ ଅମିତ ଯଶର ଅଧିକାରୀ ହୋଇପାରିଛନ୍ତି । ତଥାପି ନିଜ ମାଟିକୁ ଭୁଲି ନାହାନ୍ତି ।

ଉତ୍ତର ଅଶୀ କାବ୍ୟ ଚେତନାରେ ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ସୌରୀନ୍ଦ୍ର ବାରିକ, ପ୍ରସନ୍ନ କୁମାର ମିଶ୍ର, ଆଶୁତୋଷ ପରିଡ଼ା, ପୀତାମ୍ବର ତରାଇ, ହୃଷୀକେଶ ମଲ୍ଲିକ, ଜୟନ୍ତ ମହାପାତ୍ର, ଗିରିଜା ବଳିୟାରସିଂ, ପିନାକୀ ମିଶ୍ର, ବିଜୟାନନ୍ଦ, ଦିଲ୍ଲୀପ କୁମାର ସ୍ୱାଇଁଙ୍କ କବିତାରେ ଏ ଆଂଚଳିକତା ପ୍ରସଙ୍ଗ ବେଶ୍ ସ୍ପଷ୍ଟ । ସୀତାକାନ୍ତ ମହାପାତ୍ର ତାଙ୍କ 'ଓଡ଼ିଶା' କବିତାରେ ଓଡ଼ିଶୀ ଜୀବନକୁ ବାନ୍ଧି ରଖିବାକୁ ଚେଷ୍ଟା କରିଛନ୍ତି-

"ଏଇ ନଈ-ତେଇଶି ଛଣଛପର ଘରର
ଏରୁଣ୍ଡିବନ୍ଧ ଡେଇଁ ଯୁଆଡ଼େ ମୁଁ ଯାଏ
ଦିଲ୍ଲୀ, କି ଟୋକିଓ କି ଲେନିନ ଗ୍ରାଡ଼
କାମକୁ, କବିତାକୁ ଚେରିଫୁଲସଭାକୁ କି ନେଭା ନଦୀକୁ
ସାଙ୍ଗରେ ନେଇଯାଏ ଘର ସାମ୍ନାରେ
ପୁବେଇ ପବନରେ ନଇଁ ପଡୁଥିବା
ବଉଳଭର୍ତ୍ତି ଆମ୍ବଗଛକୁ
ଯାହା ଭିତରେ ସ୍ୱପ୍ନ ପରି ହଳଦୀ ବସନ୍ତଟିଏ
ହେଇ ଅଛି ହେଇନାହିଁ ଖେଳରେ

ହଜୁଥାଏ, ଦିଶୁଥାଏ

ପୁଣି ହଜେ, ପୁଣି ଦିଶେ

ଏତିକି ମୋ ପାଇଁ ଓଡ଼ିଶା ।"(୮)

କବି ଜୟନ୍ତ ମହାପାତ୍ର 'ଓଡ଼ିଶା' କବିତାରେ ବିଗତ ଇତିହାସର କଟକକୁ ସାମ୍ନା କରିଛନ୍ତି । ମନେପଡୁଛି ସବୁ ସ୍ମୃତି-

"କଣ ଏତେସବୁ ଅଛି ତୋର

ଭୁଲି ହୁଏନା ଯାହାକୁ କେବେବି ?

ଆଉ ନାହିଁ ଧାଡ଼ି ଧାଡ଼ି ଟଗର

ନାଇଁ ଆଜି ରାସ୍ତା ଛକ ସବୁରେ

ବୁଢ଼ାବୁଢ଼ୀ ଓସ୍ତ ଓ ବର

ନାଇଁ କରୁଣା ରିକ୍ସାରେ ବସିଥିବା ବାବୁର

ଦୟା ବି ଟିକେ ନାଇଁ ପୁଲିସବାଲାର ।"

କବି ପିନାକୀ ମିଶ୍ର ଧ୍ୱସ୍ତବିଧ୍ୱସ୍ତ ଖଣ୍ଡବିଖଣ୍ଡିତ ଓଡ଼ିଶାର ଚିତ୍ର ତାଙ୍କ 'କେନ୍ଦୁଝର' କବିତାରେ ଆଙ୍କିଛନ୍ତି । ଦୁଃସହ ପ୍ରକୃତି ତଥା ସ୍ୱାର୍ଥସାଧନ ନିମନ୍ତେ ଖଣିଖାଦାନ ଆଦିର ସ୍ୱାଭାବିକତା ଏ କବିତାରେ ବେଶ୍ ସ୍ପଷ୍ଟ ।

"ସରି ଆସୁଚି ପାହାଡ଼ର ପରମାୟୁ

ଖୁବ୍ ଖୋଳା ଚାଲିଛି ଲୁହାପଥର

ବସନ୍ତ ମୁହଁପରି ଦିଶିଗଲାଣି କେନ୍ଦୁଝର

ବୈତରଣୀ, ମାଛକାନ୍ଦଣା, କାରେସୁନା

ଆଦି ବିଷାଦଭରା ନଈରେ

ଘରଭଙ୍ଗା କରୁଣ ଗୀତ ।"

ଅନ୍ୟତ୍ର ଆଧୁନିକ ଜଗତୀକରଣ ପ୍ରକ୍ରିୟାରେ ସନାତନ ଏକ ସାମାଜିକ ମିଥ୍ ଚେତନାର ପ୍ରତୀକ । ଭାରତୀୟ ମୂଲ୍ୟବୋଧର ଅବକ୍ଷୟ ଭିତରେ ମଣିଷ ଆଜି ଅଣନିଶ୍ୱାସୀ ହୋଇପଡୁଛି । ସେ କ୍ଷୁଧାର୍ତ୍ତ ପେଟରେ ଦାନା ଦେବାକୁ ଯାଇ ଦାଦନ ଖଟୁଛି । କିନ୍ତୁ ସମାଜର ଶୋଷଣ ସବୁଠି ଚାଲିଛି । ସବୁଠି ତାକୁ ସଂଘର୍ଷର ସାମ୍ନା କରିବାକୁ ପଡୁଛି ।

"ଟ୍ରକ ଡାଲାରେ ବସି

କୁଆଡ଼େ ଯାଉଛୁରେ ସନାତନ

ଥେରୁବାଲି ନା ଦାମନୋଯାଡ଼ି

ଯୁଆଡ଼େ ଯା ସବୁଠି ପାହାଡ଼

ସବୁଠି ପାହାଡ଼ ଭାଙ୍ଗି କରିବାକୁ ହେବା ଧୂଳି ।"

ହୃଦାନନ୍ଦ ପାଣିଗ୍ରାହୀ ତାଙ୍କ କବିତାରେ ଗାଁ ମାଟିର ମହକରେ ସଂପୂର୍ଣ୍ଣ ବାନ୍ଧି ହୋଇପଡ଼ିଛନ୍ତି । ସହରୀ ଜୀବନର ଯନ୍ତ୍ରଣା ଭିତରେ କବି ଅତିଷ୍ଠ । ତେଣୁ ଖୋଜନ୍ତି କିଆ କନିଅର ଡାକ ସହ ମିଠା ଜହ୍ନରାତି ।

"ଯେତେ ଥର ଛାଡ଼ିବାକୁ ଭାବୁଛି

ସେତେ ଥର ଭିଡ଼ି ଧରିଛ ମାଟି

ପଛକୁ ଡାକିଛି କିଆକନିଅର ଗାଆଁ

ଗହଳିଆ ଗଛ ଛାଇ ମିଠା ଜହ୍ନରାତି ।"

ଶିଳ୍ପ ସଂକଟ ଓ ବିସ୍ଥାପନ ସମସ୍ୟା :

"The country that is more development industrially only shows, to the less developed, the image of its own future."(କାର୍ଲମାକ୍ସ)

ଉତ୍ତର ଅଶୀ ଓଡ଼ିଆ କବିତାରେ ଏହି ଶିଳ୍ପ ସଂକଟ ଓ ବିସ୍ଥାପନ ସମସ୍ୟାର ଚିତ୍ର ବେଶ୍ ଶକ୍ତ । ଆଧୁନିକ ନୂତନ ଅର୍ଥନୀତି, ଜଗତୀକରଣ, ଉଦାରୀକରଣ, ଘରୋଇକରଣ, ବିଶ୍ୱଗ୍ରାମ (Global Village) ଆଦି ଦ୍ୱାରା ଭାରତୀୟ ଚିନ୍ତାଚେତନା ନୂଆ ଭାବଧାରାର ରୂପରେଖ ଦେଖିବାକୁ ମିଳିଲା । ୧୯୯୧ରେ ଏହି ନୀତି ଆମ ଭାରତରେ ଲାଗିଲା ଫଳରେ ସମଗ୍ର ବିଶ୍ୱାୟନ କ୍ଷେତ୍ରରେ ନୂଆ ପୃଥିବୀକୁ ଭାରତ ଦେଖିଲା । ସବୁ ଅଂଚଳରେ ନିଜର ସୁବିଧା ସୁଯୋଗକୁ ଉପଲବ୍ଧି କଲା ମୁକ୍ତ ଅର୍ଥନୀତି ଦ୍ୱାରା ଅନେକ ବିଦେଶୀ କଂପାନୀ ଆମ ଦେଶରେ ଉପନିବେଶମାନ ସ୍ଥାପନ କରି ଆର୍ଥିକ ବିକାଶ କ୍ଷେତ୍ରରେ ଆଗେଇ ନେବାକୁ ପ୍ରତିଶ୍ରୁତିବଦ୍ଧ ହେଲେ । ଯାହାଫଳରେ ବିସ୍ଥାପିତ ସମସ୍ୟା ବଢ଼ିବାରେ ଲାଗିଲା । "ଜଗତର ବିତ୍ତ ଓ ପ୍ରତିପତ୍ତିଶାଳୀମାନଙ୍କ ମାନସିକତାର ଛଳ-ବିଶ୍ୱପ୍ରାଣତା ଭାବରେ ଚିତ୍ରଣ କରି ପାରିବା । ସେହି ଯୁଦ୍ଧର ନାମ ଶୀତଳ, ସାଂପ୍ରଦାୟିକ, ଶାନ୍ତି ଯାହା ହେଉନା କାହିଁକି, ସବୁଥିରେ ବର୍ତ୍ତମାନ ରହିଛି ମଣିଷର ବୁଦ୍ଧି ଓ ସ୍ୱାର୍ଥର ଚମକ ।"

ପ୍ରାୟ ଷାଠିଏ ଦଶକରୁ (ବିଂଶ ଶତାବ୍ଦୀ) ଏହି ଶିଳ୍ପାୟନ ସଂଘର୍ଷ ଆରମ୍ଭ ହୋଇଥିଲା । ଯାହା ଆଜି ବିକଟ ରୂପ ଧାରଣ କଲାଣି । ବହୁ କମ୍ପାନୀ ଯଥା- ରିଲାଏନସ୍, ଟାଟା, ବିର୍ଲା, ବେଦାନ୍ତ, ଜିନ୍ଦଲ, ଭୂଷଣ, ପୋସ୍କୋ, ବାଲକୋ, ଫାଲକୋ, ନାଲକୋ, ବି.ଏଚଭି, ବିଲଟନ ଆଦି ଅନେକ ପୁଞ୍ଜିବାଦର ଜାଲ ବିଛେଇ ଖଣିଖାଦାନ ଓ ନିରୀହ ଅନଗ୍ରସରତାର ହେତୁଭାବରେ ଆଜି ଆମ

ଅଗରେ ଠିଆ ହୋଇଛନ୍ତି । ବିଂଶ ଶତାବ୍ଦୀ ପରେ ଆମ ଓଡ଼ିଆ କବିମାନେ ସିଧାସଳଖ ଭାବେ ଜଗତୀକରଣର ପ୍ରଭାବକୁ କବିତାରେ ରୂପ ଦେଲେ । ଏଇ ବିସ୍ଥାପନ ଆଉ ଶିଳ୍ପ ସଂକଟ ଭିତରେ ମଣିଷ ମଣିଷ ଭିତରେ ଗୋଟେ ଅନ୍ତର୍ଦ୍ୱନ୍ଦ୍ୱ ଚାଲିଛି । ତାହାକୁ ଆମ କବି ଭଲ ଭାବେ ରୂପ ଦେଇଛନ୍ତି । କବି ଆଶୁତୋଷ ପରିଡ଼ାଙ୍କ 'ଉପନିବେଶ', 'ଦଲାଲମାନେ', 'ବିସ୍ଥାପନ', 'ନୀୟମଗିରି', ସଦାଶିବ ଦାସଙ୍କ 'ପୋସ୍କୋ ପ୍ରହେଳିକା', ହୃଷୀକେଶ ମଲ୍ଲିକଙ୍କ 'ଗୋବର ଘାଟି (୨)', ଶତ୍ରୁଘ୍ନ ପାଣ୍ଡବଙ୍କ 'ଖଣି', ପୀତାମ୍ବର ତରାଇଙ୍କ 'ଗୋଟେ ଗାଆଁର ଦୃଶ୍ୟ', 'ବିଦେଶୀ କମ୍ପାନୀ', ସେନାପତି ପ୍ରଦ୍ୟୁମ୍ନକେଶରୀଙ୍କ 'ବିସ୍ଥାପିତ', ପିନାକୀ ମିଶ୍ରଙ୍କ 'କେନ୍ଦୁଝର', ଭରତ ମାଝିଙ୍କ 'ଲକ୍ଷ୍ମୀନାନୀ', ନରେନ୍ଦ୍ର ଭୋଇଙ୍କ 'ମାଟି ଦେହ', ସରୋଜଙ୍କ 'ଆଦିବାସୀ ଓ ଜଗତୀକରଣ', ହେମନ୍ତଙ୍କ 'ଶିମିଳି ଫୁଲ' ଆଦି କବିତା ଗୁଡ଼ିକରେ ଏ ସବୁର ସଂକଟ ବେଶ୍ ବଳିଷ୍ଠ । ୧୯୪୮ ମସିହାରେ ହୀରାକୁଦ ନଦୀବନ୍ଧ ଯୋଜନାର ଶିଳାନ୍ୟାସ କରିବା ସମୟରେ ପଣ୍ଡିତ ନେହେରୁ ସେଠାକାର ବିସ୍ଥାପିତ ଲୋକଙ୍କୁ ଭାଷଣ ଦେଇ କହିଥିଲେ- "ଆପଣମାନଙ୍କୁ ଯଦି କ୍ଷତିଗ୍ରସ୍ତ ହେବାକୁ ପଡ଼େ ତା'ହେଲେ ଆପଣମାନେ ଦେଶର ସ୍ୱାର୍ଥ ଦୃଷ୍ଟିରୁ ତାହା ସ୍ୱୀକାର କରିଦେବା ଆବଶ୍ୟକ ।" ଏହାଠାରୁ ବିଡ଼ମ୍ବନାର ବିଷୟ କିଛି ନାହିଁ । ଏଭଳି ଏକ ସମସ୍ୟାର ଚିତ୍ର ଆଙ୍କିବାରେ ଆମ କବିମାନେ ଯଥେଷ୍ଟ ସମର୍ଥ ।

ହୃଷୀକେଶ ମଲ୍ଲିକ ତାଙ୍କ 'ଗୋବରଘାଟି', କବିତାରେ ନୀଳାଚଳ ଇସ୍ପାତ ନିଗମର ପ୍ରତିଷ୍ଠା ପାଇଁ ବିସ୍ଥାପିତ ଲୋକଙ୍କ ପ୍ରତିଶ୍ରୁତି ରକ୍ଷାର ଅପାରଗତା ସଂପର୍କରେ ଉଲ୍ଲେଖ କରିଛନ୍ତି । କବି ପୀତାମ୍ବର ତରାଇ 'ଗୋଟେ ଗାଆଁର ଦୃଶ୍ୟ' କବିତାରେ 'ଉଡ଼ାଜାହାଜ ଉଡ଼ିବା' ସୂଚନା ପ୍ରଦାନ କରି ସଂକଟମୟ ଜୀବନର ଚିତ୍ର ଆଙ୍କିବାରେ ସମର୍ଥ ହୋଇଛନ୍ତି ।

"ଆଜି ଗାଁ ଉପରେ ଉଡୁଥିଲା ହେଲିକ୍ୟାପ୍ଟର ଦେଖିଛ କି
ଭିତରେ କିଏ ଥିଲେ କେଜାଣି
ଉପରେ ତ ଉଡ଼ନ୍ତି କୃଷ୍ଣ, କ୍ଲିଣ୍ଟନଙ୍କ ପରି ବଡ଼ବଡ଼ ଲୋକ
x x x
ଜାଣିଛ କି ଅବେଳାରେ ମୁଣ୍ଡ ଉପରେ ଶ୍ୱେତ ଶାଗୁଣା
ଉଡ଼ିବା ଯାହା
ଉଡ଼ାଜାହାଜ ଉଡ଼ିବା ବି ତାହା, ବିପଦ, ବିପଦ ।
ଶୁଣିନାକି ଆଂଚଳିକ ସଂବାଦ, ଏଠି ବସିବ
ଗୋଟେ ଇସ୍ପାତ ନିଗମ
ନିଗମ ତ ନୁହେଁ, ଜମି ଜଙ୍ଗଲ ଜଳ ପାଇଁ
ନିଆଁ ଆଉ ନରକର ଯମ ।"

ଅନ୍ୟତ୍ର କବି ନରେନ୍ଦ୍ର ଭୋଇ ନିର୍ଭୀକ ପଣରେ ଭାବବ୍ୟଞ୍ଜକ ଶବ୍ଦର ବ୍ୟବହାର କରି ଏ ଶିଳ୍ପ ସଂକଟ ଉତ୍କଟ ଦୃଶ୍ୟକୁ ମର୍ମସ୍ପର୍ଶୀ ଭାବରେ ପ୍ରକାଶ କରିଛନ୍ତି ।

"କାହାର ଜମିରେ କମ୍ପାନୀ ମାପିବା
ସମୃଦ୍ଧିର ଶାଳଗ୍ରାମ କାହାର ଘର ଭାଙ୍ଗିବ
ମେସିନ୍ ମହାସୁର
ଏ ଜମିର କାହାର ଅଛି ପୈତୃକ ଅଧିକାର
ଜାଣକି ହୋ ଶାସନ ସୌଦାଗର
ମାଟିଖୋଳ, ଖୋଳି ଦେଖ
ଭାଟିସାରା ଗୋଟା ଦେହେ ଆମର ।"

ଏ ମାଟିରେ ଆମର ଅଧିକାର, ଆମର ହିଁ ଏହା ପ୍ରାପ୍ୟ । କିନ୍ତୁ ବିଦେଶୀ ତଥା ଉପନିବେଶବାଦୀ ସଂସ୍କୃତି ଆମକୁ ଗ୍ରାସକରି ଯାଉଛି ଗୋଟାପଣେ ଗିଳିଯାଉଛି ।

ସାଂପ୍ରତିକ ପଲ୍ଲୀ ଅବାବୋଧ :

ସ୍ଥୁଳତଃ ଆମ ଭାରତୀୟ ସଂସ୍କୃତି, ପଲ୍ଲୀ ସଂସ୍କୃତି । ତେଣୁ ମହାତ୍ମାଗାନ୍ଧୀ ଏହି ଗ୍ରାମୀଣ ସଂସ୍କୃତିକୁ ଲକ୍ଷ୍ୟ କରିଥିଲେ- "The soul of India lives in its Villages." ଏଇ ଜଗତୀକରଣ ଜ୍ୱାଳାରେ ଆଜିର ସଂସ୍କୃତି ଆମ ସେହି ସନାତନୀ ସଂସ୍କୃତିକୁ ଭାଙ୍ଗିବାରେ ଲାଗିଛି । ପାରମ୍ପରିକ ମୂଲ୍ୟବୋଧ ସହ ପଲ୍ଲୀସଂସ୍କୃତିର ଅବକ୍ଷୟ ଆଜିର ଦୁନିଆରେ ସାଧାରଣ ହୋଇଯାଇଛି । ସହରାଭୀମୁଖୀ ଜୀବନଶୈଳୀ ମନୁଷ୍ୟ ଜୀବନରେ ନୂଆ ଏକ ଆଲୋଡ଼ନ ସୃଷ୍ଟି କରୁଛି । ଯାହା ଆମ ମୂଲ୍ୟବୋଧ ଅବକ୍ଷୟ କରୁଛି । ତେଣୁ ଗାନ୍ଧିଜୀ ଆହ୍ୱାନ ଦେଇଥିଲେ ଯେ, 'Go back to Village.'

ଏହି ସ୍ୱର ସହିତ ସମତାଳରେ ଆମ ଓଡ଼ିଆ କବି ଏ କାବ୍ୟଚେତନାକୁ ଆହୁରି ବଳିଷ୍ଠ କରି ଦେଇଛି । ରୁଗ୍ଣ ପଲ୍ଲୀସଂସ୍କୃତି ଚେତନାକୁ ଆଖି ଆଗରେ ରଖି କବି ହୃଷୀକେଶ ମଲ୍ଲିକ ଓ ଦିଲ୍ଲୀପ କୁମାର ସ୍ୱାଇଁ ରଚନା କରିଛନ୍ତି, ଯଥାକ୍ରମେ 'ଧାନ ସାଉଁଟା ଝିଅ' (୧୯୮୭), 'ଉଜୁଡ଼ା କ୍ଷେତର ଗୀତ'(୧୯୯୧), 'ଧାନଫୁଲ କାନଫୁଲ' (୨୦୧୫) ଏବଂ ସୌରିନ୍ଦ୍ର ବାରିକଙ୍କ 'ଚହଲା

ଛାଇରେ ଘଡ଼ିଏ' ଆଦି କବିତା ଗ୍ରନ୍ଥ । ହୃଦାନନ୍ଦ ପାଣିଗ୍ରାହୀଙ୍କ କବିତା 'ଏଇ କି ଗାଆଁ', ହରିଶ୍ଚନ୍ଦ୍ର ବେହେରାଙ୍କ 'ନିର୍ଜନତା ମୋ ଗାଆଁ', ରମେଶ ପ୍ରତାପଙ୍କ 'ଗାଁରେ ସୂର୍ଯ୍ୟାସ୍ତ', ନାରାୟଣ ପ୍ରସାଦ ବେହେରାଙ୍କ 'ପଲ୍ଲୀଚିତ୍ର; କେମିତି ଅଛି ରତନ ମାଝୀ', ବ୍ରହ୍ମାନନ୍ଦ ଦାସଙ୍କ 'ପକ୍ଷୀମେଳଣ', ମନୋଜ କୁମାର ପଣ୍ଡାଙ୍କ 'ଭୋକର ଗାଆଁ', ଜାକୀର ଖାନଙ୍କ 'ହଡ଼ାବଳଦ', ପ୍ରସନ୍ନ କୁମାର ମହାନ୍ତିଙ୍କ 'ଗାଆଁର ଗନ୍ଧ', ନିତ୍ୟାନନ୍ଦ ନାୟକଙ୍କ 'ପୂଜା ଛୁଟିରେ ଗାଁ', ଅଭୟ ନାୟକଙ୍କ 'ଗାଁଲୋକ' ଆଦି କବିତାଗୁଡ଼ିକରେ ମଧ୍ୟ ଜଗତୀକରଣ ପରବର୍ତ୍ତୀ ଦୃଶ୍ୟକୁ ସହଜରେ ଉପଲବ୍ଧି କରିପାରିବା ।

"କେତେ ବଦଳି ଯାଇଛି
ଏଇ ଗାଆଁ
ରାଜନିତୀର ମଂତୁରା ପାଣିରେ
ଜଳୁଛି ସାହିବସ୍ତି, ରାସ୍ତାଘାଟ
ବିଲବାଡ଼ି, ପଡ଼ିଆ ଗୋଚର।
ଯେଉଁଠି ଦିନେ ଫୁଟୁଥିଲା
ରଙ୍ଗବେରଙ୍ଗ ଘାସଫୁଲ
ସେଠିବା ଛାଡ଼ି ହୋଇପଡ଼ିଛି
ଛିଣ୍ଡା ଜରି, ପଲିଥିନ୍
ଭଙ୍ଗା ବୋତଲ ।"

କବି ହୃଦାନନ୍ଦ ପାଣିଗ୍ରାହୀ ଏଠାରେ ଏକ ଧ୍ୱସ୍ତବିଧ୍ୱସ୍ତ ଗାଆଁର ଚିତ୍ର ଦେଇଛନ୍ତି, ଯାହା ଖୁବ୍ ମାର୍ମିକ । ମନୋରମା ବିଶ୍ୱାଳ ମହାପାତ୍ର ତାଙ୍କ କବିତା 'ମୁଁ ଜନ୍ମିବି କବି ହୋଇ'ରେ ନୂଆ ଏକ ଭାବ ଚେତନାକୁ ସଂଯୁକ୍ତ କରି ପଲ୍ଲୀଚେତନାର ସ୍ୱାଭାବିକତାକୁ ପ୍ରକଟ କରିଛନ୍ତି ।

"ଧାନ ଭର୍ତ୍ତି ଅମାରରେ
ସାରା ମାଟିକାନ୍ଥରେ
ଜାତି-ଜାତଝୋଟି ଆଉ ଚିତା
ବାଡ଼ିସାରା କାକୁଡ଼ି ଜହ୍ନି
କଖାରୁ ଫୁଲର ଲତା
ମୁଁ ଜନ୍ମିବି ପୁଣିଥରେ
ଆସନ୍ତା ଜନ୍ମରେ ଏଇଠି,
ଏଇ ଗାଆଁର କବି ହୋଇ ।"

ଉପଭୋକ୍ତାବାଦୀ ସଂସ୍କୃତିର ପ୍ରଭାବ :

ବଜାରବାଦ ତଥା ଉପଭୋକ୍ତାବାଦକୁ ଇଂରାଜୀରେ 'Consumerism' କୁହାଯାଏ । ଜଗତୀକରଣ ପ୍ରକ୍ରିୟାରେ ସମଗ୍ର ବିଶ୍ୱରେ ଭୋଗବାଦକୁ ପ୍ରାଧାନ୍ୟ ଦିଏ । ଆଜି ସମଗ୍ର ବିଶ୍ୱ ଏକ ହାଟ (Global Market) । ଏଇ ଆଧୁନିକ ବିଶ୍ୱବଜାରରେ ସମସ୍ତେ କିଣିବାରେ ବ୍ୟସ୍ତ; କିନ୍ତୁ କାହିଁକି କିଣୁଛେ ଆମକୁ ଜଣାନାହିଁ । ସେଥିପାଇଁ କବି ରସ୍‌ଡିକ୍ସ ପିକ୍ ଲେଖନ୍ତି-

"We don`t ask why, we just buy
Seduced by yet another lie.
Told we need
The subliminal bleed
Spend, spend, spend
The madness knows no end. "
(Consumerism, merely another God)

ଆଶୁତୋଷ ପରିଡ଼ା ବଜାର-୨ କବିତାରେ ବଜାରବାଦୀ ସଂସ୍କୃତିର ଚିତ୍ର ଦେଇଛନ୍ତି । "କେଉଁ ଉନ୍ମୁକ୍ତ ଲୋଭର ହାଟ ଭିତରକୁ / ଖଣ୍ଡଖଣ୍ଡ ହୋଇ ଖସିପଡ଼ୁଛି ପୃଥିବୀ /ବୋକ୍ରି ହେବାକୁ ଚୁପ୍‌ଚାପ୍ ଅପେକ୍ଷା କରିଛନ୍ତି / ଗଛପତ୍ର, ପର୍ବତ, ନଦୀ / ନିଲାମ ହେବାକୁ ବି ଅପେକ୍ଷା କରିଛନ୍ତି / ଚନ୍ଦ୍ର, ସୂର୍ଯ୍ୟ" । ଆଜି ନାରୀର ବାମ୍ଫିଲା ଯୌବନ ମଧ୍ୟ ବିକ୍ରୟ ପାଇଁ ବାଜାରରେ ଉପଲବ୍ଧ । ସୁଚେତା ମିଶ୍ର ତାଙ୍କ ଭୋଗ୍ୟା କବିତାରେ ଏହି ଭାବଧାରା ବଳିଷ୍ଠ ।

ଏପରି ଅନେକ ଚିତ୍ର ଆମ କବିଏ ଆଙ୍କିଛନ୍ତି । ଉତ୍ତରଅଶୀ କାବ୍ୟଧାରାରେ ଏପରି ଆହୁରି ଅନେକ ଉପାଦାନ ଅଛି ଯାହାକୁ ଏଥିରେ ଆଲୋଚନା କରିବା ସମ୍ଭବ ନୁହେଁ । ସେଗୁଡ଼ିକ ଭିତରେ ଜଳ ସଂକଟ, ନାରୀ ସ୍ୱାଭିମାନ ତଥା ଦୁଷ୍କର୍ମଜନିତ କ୍ରିୟା ପ୍ରତିକ୍ରିୟା, ଦଳିତ ଆନ୍ଦୋଳନ, ଅବକ୍ଷୟମୁଖୀ ମାନବସମ୍ବଳ, ପୁରୁଷ ନିର୍ଯ୍ୟାତନା ତଥା ଯୌନଚେତନା ସଂପର୍କିତ ଉତ୍କଟ ଦୃଶ୍ୟ ଏହାର ପରିସରଭୁକ୍ତ କରାଯାଇପାରିବ । ଯାହାକି ଜଗତୀକରଣ ଭିତ୍ତିକ ଉତ୍ତର ଅଶୀ କାବ୍ୟ ଚେତନାର ପରିଣତି ।

ସହାୟକ ଗ୍ରନ୍ଥସୂଚୀ :

ଓଡ଼ିଆ

୧) ଦାଶ, ଗୌରାଙ୍ଗ ଚରଣ, ସଂସ୍କୃତି, ଜଗତିକରଣ ଓ ମଂଚ ରାଜନୀତି । ପ୍ରଥମ ସଂସ୍କରଣ, କଟକ, ପ୍ରାଚୀସାହିତ୍ୟ ପ୍ରତିଷ୍ଠାନ, ୨୦୦୬ ।

ସାହିତ୍ୟ : ସୃଷ୍ଟି ଓ ସମ୍ଭାବନା । ପ୍ରଥମ ସଂସ୍କରଣ, କଟକ, ସତ୍ୟନାରାୟଣ ବୁକ୍‌ଷ୍ଟୋର, ୨୦୨୯ ।

୩) ଦାଶ କୁମୁଦ ଚନ୍ଦ୍ର, କାବ୍ୟଭୂମି । ପ୍ରଥମ ସଂସ୍କରଣ, କଟକ, ଅକ୍ଷର, ୨୦୦୯ ।

୪) ସ୍ୱାଇଁ, ଡଃ ଦିଲୀପ କୁମାର, ବିଦଗ୍ଧ କାବ୍ୟବୋଧ । ପ୍ରଥମ ସଂସ୍କରଣ, କଟକ, ବିଜୟିନୀ ପବ୍ଲିକେଶନ୍, ୨୦୧୯ ।

୫) ରଥ, ପ୍ରଦୀପ କୁମାର, ଆଧୁନିକବାଦ-ଉତ୍ତର ଆଧୁନିକତାବାଦ : ଏକ ଅନୁଶୀଳନ । ପ୍ରଥମ ସଂସ୍କରଣ, କ୍ଷଣପ୍ରଭା ପ୍ରକାଶନୀ, ୨୦୧୩ ।

୬) ପାଣିଗ୍ରାହୀ, ପବିତ୍ର, ଜଗତୀକରଣ ଓ ଓଡ଼ିଆ ଗଳ୍ପ । ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ଟାଇମ୍‌ପାସ୍, ୨୦୧୩ ।

୭) ବାରିକ, ଡଃ ଶ୍ରୀକାନ୍ତ କୁମାର, କାବ୍ୟମଂଚ : ସ୍ପନ୍ଦିତ ସମୟ । ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ବର୍ଷା ପବ୍ଲିକେଶନ୍, ୨୦୧୮ ।

୮) ମିଶ୍ର, ଡଃ ଚିତ୍ତରଂଜନ, ଓଡ଼ିଆ କାବ୍ୟ କବିତାରେ ଗାଆଁ । ପ୍ରଥମ ସଂସ୍କରଣ, କଟକ, ବିଜୟିନୀ ପବ୍ଲିକେଶନ୍, ୨୦୧୪ ।

୯) ପରିଡ଼ା, ଆଶୁତୋଷ, ନିର୍ବାଚନ କବିତା । ପ୍ରଥମ ସଂସ୍କରଣ, ଯାଜପୁର, ପ୍ରଗତି, ୨୦୧୧ ।

୧୦) ଜେନା, କୁଳମଣି, ମାର୍କ୍ସବାଦ ଓ ଉତ୍ତର ଆଧୁନିକବାଦ । ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ଲେଖାଲେଖି, ୨୦୧୮ ।

୧୧) ମଲ୍ଲିକ, ହୃଷୀକେଶ, ଶ୍ରେଷ୍ଠ କବିତା । ପ୍ରଥମ ସଂସ୍କରଣ, ଭୁବନେଶ୍ୱର, ଟାଇମ୍‌ପାସ୍, ୨୦୧୬ ।

୧୨) ବେହେରା, ଶ୍ରୀ ଗୁରୁଚରଣ ଓ ଅନ୍ୟମାନେ, ତେତିଶ ଓଡ଼ିଆ କବି । ପ୍ରଥମ ସଂସ୍କରଣ, କଟକ, ନିଉଏଜ୍ ପବ୍ଲିକେଶନ, ୨୦୧୦ ।

୧୩) ସ୍ୱାଇଁ, ଡଃ ଦିଲୀପ କୁମାର, ଧାନଫୁଲ କାନଫୁଲ । ପ୍ରଥମ ସଂସ୍କରଣ, କଟକ, ବିଯିନି, ୨୦୧୫ ।

ହିନ୍ଦୀ

୧) ଦୁବେ, ଅଭୟ କୁମାର, ଭାରତ୍‌କାଭୂମଣ୍ଡଳୀକରଣମ୍ । ବାଣୀ ପ୍ରକାଶନ ବିକାଶଶୀଳ ସମାଜ ଅଧ୍ୟୟନ ପିଠ, ଆଇଏସ୍‌ବିଏନ୍-୮୧-୭୦୫୫-୧୩୩-୧ ।

୨) ପ୍ରତାନ୍ଦେଲ୍, ପ୍ରମୋଦ, ହିନ୍ଦି ସାହିତ୍ୟ ବିଶେଷାଙ୍କ, ଭୁମଣ୍ଡଳୀକରଣମ୍ ଓର୍ ହିନ୍ଦୀ ସାହିତ୍ୟ, ଭଲ୍ୟୁମ୍-୫, ସ୍ପେସିଆଲ୍ ଇସୁ ନଂ-୨୨, ଆୟୁଶୀ ଇଂଟନଡିସିପ୍ଲିନାରୀ ରିସର୍ଚ୍ଚ ଜର୍ଣ୍ଣାଲ୍, ମାର୍ଚ୍ଚ-୨୦୧୮ ।

ଅଧ୍ୟାପକ, ଓଡ଼ିଆ ବିଭାଗ
ପାଂଚଗଡ଼ ସୋମନାଥ ସିଂହ ଜଗଦେବ
ସ୍ନାତକ ମହାବିଦ୍ୟାଳୟ, ବଅଁରପାଳ
ଦୂରଭାଷ : ୭୩୭୭୪୯୭୫୪

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ